


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ରବିବାର ୦୯ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 09 JANUARY 2022

Vol.No. 33 ■ No. 9 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022


# ୫ ରାଜ୍ୟରେ ବିଧାନସଭା ନିର୍ବାଚନ ତାରିଖ ଘୋଷଣା



ନୂଆଦିଲ୍ଲୀ,୦୮/୦୧: ଉତ୍ତର ପ୍ରଦେଶ ସମେତ ୫ଟି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା କରାଯାଇଛି। ମୁଖ୍ୟ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରା ସାମ୍ବାଦିକ ସମ୍ମିଳନୀ କରି ତାରିଖ ଘୋଷଣା କରିଛନ୍ତି। ଫେବ୍ରୁଆରୀ ୧୦ ତାରିଖରୁ ୭ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ମାର୍ଚ୍ଚ ୧୦ରେ ଫଳାଫଳ ପ୍ରକାଶ ପାଇବ। ଏହା ସହିତ ଆଜିଠୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ଉତ୍ତର ପ୍ରଦେଶରେ ୭ଟି ପର୍ଯ୍ୟାୟରେ ଓ ମଣିପୁରରେ ୨ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ। ସେହିପରି ପଞ୍ଜାବ, ଗୋଆ ଓ ଉତ୍ତରାଖଣ୍ଡରେ ଗୋଟିଏ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ। ଉତ୍ତର ପ୍ରଦେଶରେ ଫେବ୍ରୁଆରୀ ୧୦ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ। ସେହିପରି ରାଜ୍ୟରେ ଫେବ୍ରୁଆରୀ ୧୪ରେ ଦ୍ୱିତୀୟ, ୨୦ରେ ୩ୟ, ୨୩ରେ ୪ର୍ଥ, ୨୭ରେ ୫ମ, ମାର୍ଚ୍ଚ ୩ରେ ଷଷ୍ଠ ଓ ୭ ତାରିଖରେ ସପ୍ତମ ପର୍ଯ୍ୟାୟ ଭୋଟ୍ ଗ୍ରହଣ କରାଯିବ। ମଣିପୁରରେ ଫେବ୍ରୁଆରୀ ୨୭ ଓ ମାର୍ଚ୍ଚ ୩ରେ ହେବ ଭୋଟ୍ ଗ୍ରହଣ ହେବ। ଉତ୍ତରାଖଣ୍ଡ, ଗୋଆ ଓ ପଞ୍ଜାବରେ ଫେବ୍ରୁଆରୀ ୧୪ରେ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ। ମୁଖ୍ୟ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରା କହିଛନ୍ତି, ଗତ ଦୁଇ ବର୍ଷ ହେବ କୋଭିଡ୍ ନିୟମକୁ ଅନୁସରଣ କରି ନିର୍ବାଚନ ହୋଇ ଆସୁଛି। ସୁରକ୍ଷିତ ନିର୍ବାଚନ କରାଇବା ଆମର ଲକ୍ଷ୍ୟ । ଏଥର ୫ଟି ରାଜ୍ୟରେ ମୋଟ ୬୮୦ଟି ବିଧାନସଭା ଆସନ ପାଇଁ ମତଦାନ ହେବ। ଏହି ୫ ରାଜ୍ୟରେ ୧୮ କୋଟି ୩୪ ଲକ୍ଷ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୮.୫୫ କୋଟି ମହିଳା ଅଛନ୍ତି। ସେହିପରି ୨୪.୯ ଲକ୍ଷ ଭୋଟର ପ୍ରଥମ ଥର ମତଦାନ କରିବେ। ଉତ୍ତରପ୍ରଦେଶରେ ୨୯% ନୂତନ ଭୋଟର ଭୋଟ୍ ଦେବେ। ଶ୍ରୀ ଚନ୍ଦ୍ରା କହିଛନ୍ତି, ସର୍ବମୋଟ ୨ ଲକ୍ଷ ୧୫ ହଜାର ୩୬୮ଟି କେନ୍ଦ୍ରରେ ମତଦାନ ହେବ। ପ୍ରତି ବୁଥ୍‌ରେ କେବଳ ୧,୨୫୦ ଜଣ ଭୋଟ୍ ଦେବେ। ପୁଲିଂ ବୁଥ୍ ନିକଟରେ ୱେଟିଂ ଏରିଆ, ଶୌଚାଳୟ, ରାମ୍ପସ, ସାନିଟାଇଜର ଓ ମାସ୍କ ଉପରେ ଗୁରୁତ୍ୱାରୋପ କରାଯାଇଛି। ବରିଷ୍ଠ ନାଗରିକଙ୍କ ପାଇଁ ପୋଷ୍ଟାଲ ବାଲଟ୍ ସୁବିଧା କରାଯାଇଛି। ନିର୍ବାଚନ ପରିଚାଳନାରେ ସାମିଲ ହେବାକୁ ଥିବା ସବୁ ଅଧିକାରୀ କୋଭିଡ୍‌ର ଡବଲ ଡୋଜ୍ ଟିକା ନେବା ଜରୁରୀ ବୋଲି ସେ କହିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି, ଏଥର ଅନଲାଇନରେ ନାମାଙ୍କନପତ୍ର ଦାଖଲ କରିହେବ। ସବୁ ରାଜନୈତିକ ଦଳ ପାଇଁ ସୁବିଧା ଆପ୍ ପ୍ରସ୍ତୁତ କରାଯାଇଛି। ଏଥିରେ ନାମାଙ୍କନ ଦାଖଲ କରିପାରିବେ ପ୍ରାର୍ଥୀ। ବେଆଇନ ଟଙ୍କା ଓ ମଦ ଉପରେ କଡ଼ା ନଜର ରଖାଯିବ। ସେ କହିଛନ୍ତି, କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ନିର୍ବାଚନ ପ୍ରଚାର ଉପରେ କଟକଣା ଲାଗୁ କରାଯାଇଛି। ଜାନୁଆରୀ ୧୫ ଯାଏ ରୋଡ୍ ଶୋ' ଓ ରାଲିକୁ ମନା କରାଯାଇଛି। ବିଜୟ ଶୋଭାଯାତ୍ରା ଉପରେ ମଧ୍ୟ କଟକଣା ଲାଗୁ କରାଯାଇଛି। ସେହିପରି ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କୁ ଟିକେଟ କାହିଁକି ପ୍ରଦାନ କରାଯିବ, ତାର କାରଣ ଦର୍ଶାଇବାକୁ ପଡ଼ିବ।

# କରୋନା କଟକଣା ମାନିଲେନି ଶ୍ରଦ୍ଧାଳୁ




ପୁରୀ,୦୮/୦୧(ନି.ପ୍ର): କରୋନା ସଂକ୍ରମଣ ବଢ଼ିବା କାରଣରୁ ଶ୍ରୀମନ୍ଦିରରେ କଟକଣା ଆରମ୍ଭ ହୋଇଯାଇଛି। କଟକଣା ଲାଗି ସୋମବାର ଠାରୁ ସାଧାରଣ ଭକ୍ତଙ୍କ ଲାଗି ଜଗାଦର୍ଶନ ବନ୍ଦ ରହିବ। କିନ୍ତୁ ପ୍ରତି ରବିବାର ଦିନ ଜଗନ୍ନାଥ ମନ୍ଦିର ସାନିଟାଇଜ୍ କରାଯାଉଥିବାରୁ ଏହି ଦିନରେ ମଧ୍ୟ ଭକ୍ତଙ୍କୁ ପ୍ରବେଶ ମନା ରହିଛି। ତେବେ କଟକଣା ଲାଗୁ ହେବା ପୂର୍ବରୁ ଆଜି ପୁରୀରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ସନ୍ଧ୍ୟା ସାଢ଼େ ୮ଟାରେ ଶ୍ରୀମନ୍ଦିରକୁ ସାଧାରଣ ଭକ୍ତ ପ୍ରବେଶ ନିଷେଧ ନେଇ ଜାନୁଆରି ୭ ତାରିଖରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶନାମା ଆସିଥିଲେ ମଧ୍ୟ ଭକ୍ତମାନେ ଏହାକୁ ଖାତିର କରି ନଥିଲେ। ଭକ୍ତମାନେ ରାତି ସାଢ଼େ ୮ଟା ପରେ ମଧ୍ୟ ବଳପୂର୍ବକ ଶ୍ରୀମନ୍ଦିର ପ୍ରବେଶ କରିଥିଲେ। କିଛି ଭକ୍ତ ବଡ଼ଦାଣ୍ଡରେ ଲାଗିଥିବା କିଓସ୍କ ଭାଙ୍ଗି ଶ୍ରୀମନ୍ଦିର ପ୍ରବେଶ କରିଥିଲେ। ତେବେ ଏଠାରେ ମୁତୟନ ଥିବା ପ୍ରଶାସନ ଓ ପୁଲିସ କର୍ମଚାରୀଙ୍କ ସଂଖ୍ୟା ଭକ୍ତଙ୍କ ତୁଳନାରେ କମ୍ ଥିବାରୁ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲ । ଗାଇଡଲାଇନ୍ ଅନୁସାରେ ସାଧାରଣ ଭକ୍ତଙ୍କ ପାଇଁ ଆଜି ରାତି ୮ଟା ୩୦ ଯାଏଁ ଶ୍ରୀମନ୍ଦିର ଖୋଲା ରହିବା ଥିଲା। ସହରାଞ୍ଚଳରେ ନାଇଟ କର୍ଫ୍ୟୁ ଲାଗୁ ହୋଇଥିବାରୁ ଦର୍ଶନ ସମୟରେ ପରିବର୍ତ୍ତନ କରାଯାଇଥିଲା । ପୂର୍ବରୁ ରାତି ୯ଟା ୩୦ ଯାଏଁ ଶ୍ରଦ୍ଧାଳୁମାନେ ଦର୍ଶନ କରୁଥିଲେ। ଜିଲ୍ଲା ପ୍ରଶାସନ ନାଇଟ କର୍ଫ୍ୟୁ ପାଇଁ ସମୟ ପରିବର୍ତ୍ତନ କରିଥିଲା। ଏନେଇ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ଶୁକ୍ରବାର ସୂଚନା ଦେଇଥିଲେ। ରାଜ୍ୟରେ କୋଭିଡ-୧୯ ସଂକ୍ରମଣ ପୁଣି ଥରେ ହଠାତ୍ ବଢ଼ିଯିବାରୁ କଟକଣା ବଢ଼ିଛି। କରୋନାର ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୪ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ



ଭୁବନେଶ୍ୱର, ୦୮/୦୧ (ନି.ପ୍ର): ରାଜ୍ୟରେ ଶନିବାର ଦିନ ଆଉ ୧୪ ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏନେଇ ଆଇଏଲ୍ଏସ୍ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦିଆଯାଇଛି। ସଂକ୍ରମିତଙ୍କ ମଧ୍ୟରୁ ୬ ଜଣ ବିଦେଶରୁ ଆସିଥିବା ବେଳେ ଅନ୍ୟ ୮ ଜଣ ସ୍ଥାନୀୟ ଅଂଚଳରୁ ସଂକ୍ରମିତ ହୋଇଛନ୍ତି। ବିଦେଶ ଫେରନ୍ତାଙ୍କ ମଧ୍ୟରୁ ୩ ଜଣ ଦକ୍ଷିଣ ଆଫ୍ରିକାରୁ ଆସିଛନ୍ତି। ସେହିଭଳି ନରୱେ,କତାର ଓ ସିଙ୍ଗାପୁରରୁ ଜଣେ ଲେଖାଏଁ ଆସିଛନ୍ତି। ଏହା ସହିତ ରାଜ୍ୟରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ୭୫କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରୁ ୫ ଜଣ ସୁସ୍ଥ ହୋଇସାରିଛନ୍ତି।

# ପଞ୍ଚାୟତ ସ୍ତରରେ କାମ କରୁଥିବା ୫୦ ହଜାର ମିଶନ ଶକ୍ତି ଗୋଷ୍ଠୀ ସହାୟକ କର୍ମଚାରୀମାନଙ୍କ ପାଇଁ ଆର୍ଥିକ ପ୍ୟାକେଜ

ଭୁବନେଶ୍ୱର,୦୮/୦୧(ନି.ପ୍ର): ମିଶନ ଶକ୍ତି ଆନ୍ଦୋଳନ ଆଜି ଓଡିଶାର ୭୦ ଲକ୍ଷ ମା ମାନଙ୍କ ଜୀବନରେ ଏକ ବଡ ଧରଣର ପରିବର୍ତ୍ତନ ଆଣିଛି । ଚଳିତ ବର୍ଷ ମିଶନ ଶକ୍ତି ମା ମାନଙ୍କୁ ରେକର୍ଡ ୬୦୦୦ କୋଟି ଟଙ୍କାର ବ୍ୟାଙ୍କ ଋଣ ପ୍ରଦାନ କରାଯାଇଛି। ତା ସହିତ ସୁଧ ରିହାତି ବାବଦରେ ମଧ ୨୦୦ କୋଟି ଟଙ୍କା ମା ମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଛି । ତେବେ ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି କ୍ରମେ ଧାନ ସଂଗ୍ରହ ଠାରୁ ଆରମ୍ଭ କରି ଡାକ୍ତରଖାନାରେ ରୋଗୀଙ୍କୁ ଖାଦ୍ୟ ଯୋଗାଣ, ଆହର କେନ୍ଦ୍ର ପରିଚାଳନା, ମାଛ ଚାଷ ଆଦି ବିଭିନ୍ନ ସରକାରୀ କାମ ମଧ ମିଶନ ଶକ୍ତି ମା ମାନଙ୍କୁ ଯୋଗାଇ ଦିଆଯାଇଛି । ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଅଧିକ ଶକ୍ତି ତଥା ଗତି ଯୋଗାଇ ଦେବା ସହିତ ସୁସମନ୍ୱୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ମିଶନ ଶକ୍ତି ନାମରେ ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରିଛନ୍ତି । ବର୍ତ୍ତମାନ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ମାନେ ଗୋଟିଏ ପ୍ଲାଟଫର୍ମରେ କାମ କରୁଛନ୍ତି । ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ ଗୁଡିକ ହେଉଛି – ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ତୃଣମୂଳ ଅନୁଷ୍ଠାନ । ଏହି ମହାସଂଘ ମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ସେମାନଙ୍କ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସହିତ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଜୀବିକା ଓ ଦକ୍ଷତାର ବିକାଶ ତଥା ସେମାନଙ୍କର ଆନୁଷ୍ଠାନିକ ଦକ୍ଷତା ବିକାଶ ଦିଗରେ ସହାୟକ ଭୂମିକା ଗ୍ରହଣ କରିଆସୁଛି । ଏହି ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘ ଗୁଡିକୁ ମାଷ୍ଟର ବୁକ୍ କିପର, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର ଆଦି ଗୋଷ୍ଠୀ ସହାୟକ କର୍ମଚାରୀମାନେ ସହାୟତା ଯୋଗାଇ ଦେଉଛନ୍ତି। ରାଜ୍ୟରେ ମିଶନ ଶକ୍ତି ଆନ୍ଦୋଳନକୁ ▶▶ପୃଷ୍ଠା ୭

## ଭୁବନେଶ୍ୱର ବିମାନବନ୍ଦରରେ କମୁଛି ଯାତ୍ରୀ ସଂଖ୍ୟା

ଭୁବନେଶ୍ୱର, ୦୮/୦୧ (ନି.ପ୍ର): କରୋନା ଡରରେ ଭୁବନେଶ୍ୱର ବିମାନ ବନ୍ଦରରେ କମିଛି ଯାତ୍ରୀ ସଂଖ୍ୟା। ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାତ୍ରୀସଂଖ୍ୟା ପ୍ରାୟ ୫୦ ପ୍ରତିଶତ କମିଛି ବୋଲି ଏହାର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ବେଉରିଆ ସୂଚନା ଦେଇଛନ୍ତି। ଗତ ସପ୍ତାହରେ ବିମାନ ବନ୍ଦରକୁ ଦୈନିକ ପ୍ରାୟ ୧୨ ହଜାର ଯାତ୍ରୀ ଯାତାୟାତ କରୁଥିଲେ । ହେଲେ ଏବେ ତାହା ୭ରୁ ୮ହଜାରକୁ ଖସି ଆସିଛି । ସେ କହିଛନ୍ତି ଓମିକ୍ରନକୁ ନେଇ ବିମାନବନ୍ଦରଠାରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଗାଇଡଲାଇନ ଅନୁଯାୟୀ କଡ଼ା ପଦକ୍ଷେପ ନିଆଯାଉଛି। ଯାତ୍ରୀଙ୍କ ଆର ଟି ପି ସି ଆର ପରୀକ୍ଷା ପାଇଁ ବିଏମସି ପକ୍ଷରୁ ବ୍ୟବସ୍ଥା କରାଯାଇଛି। ବିମାନ ଦ୍ୱାରା ଆସିଥିବା ଯାତ୍ରୀଙ୍କ ଆରଟିପିସିଆର ବାଧ୍ୟତାମୂଳକ ରହିଛି। ଯେଉଁ ଯାତ୍ରୀ ୭୨ ଘଂଟା ମଧ୍ୟରେ ପରୀକ୍ଷା କରିଛନ୍ତି ତାଙ୍କ ପାଇଁ ଆର ଟି ପି ସି ଆର ବାଧ୍ୟତାମୂଳକ ନୁହେଁ।

# ନିର୍ବାଚନ ବାବଦରେ ଚୂଡାନ୍ତ ନିଷ୍ପତ୍ତି ନେବେ ଆୟୋଗ




ଭୁବନେଶ୍ୱର,୦୮/୦୧(ନି.ପ୍ର): ଶେଷ ହୋଇଛି ରାଜ୍ୟ ନିର୍ବାଚନ କମିଶନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ । ବୈଠକ ପରେ ପ୍ରତିକ୍ରିୟା ରଖିଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନ ପ୍ରଦୀପ ଜେନା । ସେ କହିଛନ୍ତି, କୋଭିଡ ସ୍ଥିତି ନେଇ ନିର୍ବାଚନ କମିଶନଙ୍କୁ ଅବଗତ କରାଯାଇଛି । ହେଲଥ ୱାର୍କର, ଫ୍ରଣ୍ଟଲାଇନ୍ ୱାର୍କର ଏବଂ ବୁଷ୍ଟର ଡୋଜ୍ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି । କୋଭିଡ୍ ସିଚୁଏସନକୁ ଆନାଲିସିସ୍ କରାଯାଇଛି । କରୋନା ସ୍ଥିତିକୁ ନଜରରେ ରଖି ନିର୍ବାଚନ ହେବ କି ନାହିଁ ନିର୍ବାଚନ କମିଶନ ନିଷ୍ପତ୍ତି ନେବେ ବୋଲି ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନ୍ । ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉପସ୍ଥିତ ଥିଲେ ମୁଖ୍ୟ ଶାସନ ସଚିବ ଓ ଏସଆରସି । ଉପସ୍ଥିତ ଥିଲେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ । ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମଧ ଏହି ବୈଠକରେ ସାମିଲ ହୋଇଥିଲେ ।

# ଶୀତ ସାଙ୍ଗକୁ ବର୍ଷା : ଦିଲ୍ଲୀ ରାସ୍ତାରେ କୃତ୍ରିମ ବନ୍ୟା



ନୂଆଦିଲ୍ଲୀ,୦୮/୦୧: ରାଜଧାନୀ ଦିଲ୍ଲୀରେ ଏବେ ବଢିଚାଲିଛି କରୋନାର ଗତି । ତା ସାଙ୍ଗକୁ କାଳ ହେଉଛି ଅଦିନିଆ ବର୍ଷା । ବର୍ଷା ଯୋଗୁଁ ରାଜଧାନୀର ରାସ୍ତା ମାନଙ୍କରେ ଏକ ପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଶୀତ ସାଙ୍ଗକୁ ଏହି ଅଦିନିଆ ବର୍ଷାରେ ବେହାଲ ହୋଇପଡିଛି ଦିଲ୍ଲୀବାସୀଙ୍କ ଜୀବନ । ରାଜଧାନୀ ଦିଲ୍ଲୀ ଓ ଏନସିଆରରେ ପାଗ ଖରାପ ହୋଇଛି । ରାଜଧାନୀ ଅଧିକାଂଶ ଇଲାକାରେ ଶନିବାର ରାତିରୁ ବର୍ଷା ଲାଗି ରହିଛି । ଶୀତ ଲହରୀ ସାଙ୍ଗକୁ ବର୍ଷା ଯୋଗୁଁ ତାପାମାତ୍ରା ହ୍ରାସ ପାଇଛି । ଆଜି ମଧ ଏଠାରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସପ୍ତାହନ୍ତ କର୍ଫ୍ୟୁ ଯୋଗୁଁ ଦିଲ୍ଲୀବାସୀ ସମସ୍ୟା ଭୋଗୁଛନ୍ତି । କରୋନାର ବଢୁଥିବା ଗତି ସହ ଏବେ ପୁଣି ବର୍ଷାର ପ୍ରକୋପ ଜରୁରୀ କାଳୀନ ସେବାକୁ ମଧ ବାଧାପ୍ରାପ୍ତ କରିଛି । ଲୋକେ ଏପରି ପ୍ରତିକୂଳ ପାଗରେ ଘରୁ ବାହାରିବା ବି ମୁସ୍କିଲ ହୋଇପଡୁଛି ।

# ରାଜଧାନୀର ଦଶଟି ସ୍ଥାନରେ ମାଇକ୍ରୋ କଣ୍ଟେନ୍‌ମେଣ୍ଟ

ଭୁବନେଶ୍ୱର,୦୮/୦୧(ନି.ପ୍ର): ଏକାଧିକ କରୋନା ସଂକ୍ରମିତ ଚିହ୍ନଟ ହେବା ଫଳରେ ଶନିବାର ଭୁବନେଶ୍ୱର ମହାନଗର ନିଗମର ସାଉଥ୍-ୱେଷ୍ଟ ଏବଂ ଉତର ଜୋନର ଦଶଟି ସ୍ଥାନକୁ ମାଇକ୍ରୋ କଂଟେନମେଂଟ ଜୋନ୍ ଘୋଷଣା କରିଛି ବିଏମସି। ସୂଚନା ଅନୁଯାୟୀ, କଳିଙ୍ଗନଗରର ବିପୁଲ ଗାର୍ଡେନରେ ୪ ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ତାକୁ ମାଇକ୍ରୋ ଜୋନ୍ କରାଯାଇଛି। ସେହିପରି ୭ ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ଖଣ୍ଡଗିରିର ଅନ୍ନପୂର୍ଣ୍ଣା ଫାଇନାନ୍ସକୁ ମାଇକ୍ରୋ କଂଟେନମେଂଟ ଜୋନ୍ କରାଯାଇଛି। ପୋଖରିପୁଟର ବିଡିଏ କଲୋନିରେ ୩ ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ତାକୁ ବି ମାଇକ୍ରୋ କଂଟେନମେଂଟ ଜୋନ୍ ଘୋଷଣା କରିଛି ବିଏମସି। ଅପରପକ୍ଷରେ ୪ ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ଜାଗମରାର ସିଦ୍ଧିବିହାର, କଳିଙ୍ଗନଗରର ଗ୍ୟାଲେକ୍ସି ରେସିଡେନ୍ସିରେ ୪ଜଣ ଓ ରାଜଭବନ ନିକଟସ୍ଥ ସୂର୍ଯ୍ୟନଗରରେ ୫ ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ଉକ୍ତ ଅଂଚଳକୁ ଫାଇନାନ୍ସକୁ ମାଇକ୍ରୋ କଂଟେନମେଂଟ୍ ଜୋନ୍ କରାଯାଇଛି। ରାଜଧାନୀର ଜାଭିଅର୍ ଇନଷ୍ଟିଚ୍ୟୁଟର ହଷ୍ଟେଲ, ଗାଡ଼କଣର ନେତାଜୀ ସୁଭାଷ ଏନକ୍ଲେଭ୍, ପଟିଆର ଖାରବେଳ ଇଷ୍ଟ ଭ୍ୟୁ ଆପାର୍ଟମେଂଟ ଓ ହଂସପାଳର ଲକ୍ଷ୍ମୀ ରେସିଡେନ୍ସିକୁ ମାଇକ୍ରୋ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି।

# ୨୦୨୧-୨୨ରେ ୯. ୨ ପ୍ରତିଶତ ବୃଦ୍ଧି ପାଇବ ଭାରତର ଅଭିବୃଦ୍ଧି ହାର




ନୂଆଦିଲ୍ଲୀ,୦୮/୦୧: ଚଳିତ ଆର୍ଥିକ ବର୍ଷ ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ହାର ୯. ୨ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । କୃଷି, ନିର୍ମାଣ, ପରିବହନ, ହୋଟେଲ ,ଟ୍ରେଡ୍ କ୍ଷେତ୍ରରେ ବିକାଶ ଯୋଗୁ ଅଭିବୃଦ୍ଧି ହାର ବୃଦ୍ଧି ପାଇବ ବୋଲି କୁହାଯାଇଛି । ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ଆଜି ରିଲିଜ ହୋଇଥିବା ରିପୋର୍ଟରେ କୁହାଯାଇଛି ଯେ, ୨୦୨୧-୨୨ ଆର୍ଥିକ ବର୍ଷରେ ଭାରତରେ ଜିଡିପି ୯.୨ ପ୍ରତିଶତ ବୃଦ୍ଧି ପାଇବ । ନିର୍ମାଣ କ୍ଷେତ୍ରରେ ଭାରତ ୧୨.୫ ପ୍ରତିଶତ ଅଭିବୃଦ୍ଧି କରିବ । ସେହିପରି ଖଣି ଏବଂ ମାଇନ୍ସ କ୍ଷେତ୍ରରେ ୧୪.୩ ପ୍ରତିଶତ ଏବଂ ଟ୍ରେଡ୍, ହୋଟେଲ, ପରିବହନ, ଯୋଗାଯୋଗ ଆଦି କ୍ଷେତ୍ରରେ ୧୧.୯ ପ୍ରତିଶତ ଅଭିବୃଦ୍ଧି କରିବ । ଅନ୍ୟପଟେ କୃଷି କ୍ଷେତ୍ରରେ ୩.୯ ପ୍ରତିଶତ ଅଭିବୃଦ୍ଧି କରିବ । ସେହିପରି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ମଧ ଚଳିତ ଆର୍ଥିକ ବର୍ଷର ଅଭିବୃଦ୍ଧି ୯.୫ ପ୍ରତିଶତ ହେବ ବୋଲି ପୂର୍ବରୁ ଆକଳନ କରିଥିଲା । ଓମିକ୍ରନ ସଂକ୍ରମଣ ସତ୍ୱେ ଚଳିତ ବର୍ଷ ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିବ ବୋଲି ବହୁ ଘରୋଇ ଅର୍ଥନିତିଜ୍ଞମାନେ ପୂର୍ବାନୁମାନ କରିଛନ୍ତି । ଗତ ବର୍ଷ ଭାରତ ଅଭିବୃଦ୍ଧି ହାର ୭.୩ ପ୍ରତିଶତ ଥିଲା । କରୋନା ସଂକ୍ରମଣ ଯୋଗୁ ଗତ ୪ ଦଶନ୍ଧୀରେ ସବୁଠୁ ଖରାପ ଅଭିବୃଦ୍ଧି ୨୦୨୦-୨୧ ବର୍ଷରେ ହୋଇଥିଲା ।

# କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ଡ. ହୃଷୀକେଶ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା

## 'ସମ୍ବର୍ଦ୍ଧନା କ୍ଳାନ୍ତସ୍ରଷ୍ଟାକୁ ଜାଗ୍ରତ କରି ନୂତନ ସୃଷ୍ଟି ପାଇଁ ପ୍ରେରଣା ଦିଏ'




ଭଦ୍ରକ, ୦୮/୦୧ (ନି.ପ୍ର): ସମ୍ବର୍ଦ୍ଧନା ଶିଳ୍ପୀ ଓ ସ୍ରଷ୍ଟାକୁ ପୁଲକିତ କରି ନୂତନ ସୃଷ୍ଟି ପାଇଁ ପ୍ରେରଣା ଦେବା ସହ କ୍ଳାନ୍ତମନସ୍କ ସ୍ରଷ୍ଟାକୁ ପୁନଃଶକ୍ତି ପ୍ରଦାନ କରି ଜାଗ୍ରତ କରେ ବୋଲି ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ଭଦ୍ରକ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ 'ଜଗତ୍‌ଜନନୀ' ସାହିତ୍ୟ ପତ୍ରିକା ପରିବାରର ମିଳିତ ଆନୁକୂଲ୍ୟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷିକେଶ ମଲ୍ଲିକଙ୍କ ସମ୍ବର୍ଦ୍ଧନା ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଲେଖକ ସାମ୍ମୁଖ୍ୟ ସଭାପତି ତଥା ଜଗତଜନନୀର ସମ୍ପାଦକ ବିଶିଷ୍ଟ ନାଟ୍ୟକାର ସୁଧାକର ନନ୍ଦଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ସମ୍ବର୍ଦ୍ଧନା ସମାରୋହରେ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ମୁଖ୍ୟଅତିଥି, ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ମୁଖ୍ୟ ବକ୍ତା, ସ୍ତମ୍ଭକାର ଇଂ ଅଭୟ ସୂତାର, ପଣ୍ଡିତ ଦୈତାରି ମହାପାତ୍ର, ସମାଜସେବୀ ତଥା ସରପଞ୍ଚ ଦେବୀଦତ୍ତା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସାମ୍ବାଦିକ ଦୁର୍ଗାଚରଣ ବିଶ୍ୱାଳ ସ୍ୱାଗତ ଭାଷଣ ଓ ନିର୍ମଳ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଲେଖକ ସାମ୍ମୁଖ୍ୟ ସମ୍ପାଦକ ଅଧ୍ୟାପକ ନିହାର ରଞ୍ଜନ କର ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ, ସମ୍ବର୍ଦ୍ଧନା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ । ▶▶ପୃଷ୍ଠା ୭

## ବାଲ୍ୟ ବିବାହ ନିରୋଧ କାର୍ଯ୍ୟକ୍ରମ

କନ୍ଧମାଳ,୮/୧ (ନି.ପ୍ର): ଫୁଲବାଣୀ ସିଏମପିଓ ତଥା ସମ୍ପୃକ୍ତ ଶିଶୁ ବିକାଶ ଅଧିକାରିଣୀ ସୁବର୍ଣ୍ଣମାଳା ନାୟକଙ୍କ ନେତୃତ୍ୱରେ ସୁପରଭାଇଜର ମୌସୁମି ବେହେରା, ସନ୍ଧ୍ୟାରାଣୀ ମହାନ୍ତି, ଆକ୍ସନଏଡ୍ ର ଜିଲ୍ଲା ସଂଯୋଜିକା ସଂଧାରାଣୀ ନାୟକ ଓ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଏବଂ ଚାଇଲ୍ଡଲାଇନ୍ ର ୨ ଜଣିଆ ଟିମ୍ ଶିବଶଙ୍କର ବେହେରା ଓ ସୁପ୍ରଭା ନାୟକ ମିଳିତ ଭାବେ ଫୁଲବାଣୀ ମୁନିସିପାଲଟି ଅଂଚଳର ଡାକପାଲା ଗ୍ରାମରେ ବିବାହ ପାଇଁ ପ୍ରସ୍ତୁତ ହେଉଥିବା ନାବାଳକ ପରିବାରରେ ପହଂଚି ଏହାକୁ ବନ୍ଦ କରାଇଥିଲେ । ସମ୍ପୃକ୍ତ ନାବାଳକ ଓ ତାର ପିତାମାତାଙ୍କୁ କାଉନସେଲିଂ କରି ବାଲ୍ୟବିବାହର କୁପରିଣାମ ଓ ଏହାର ଆଇନ ସମ୍ପର୍କରେ ଅବଗତ କରାଯାଇଛି । ନାବାଳକ ଓ ପିତାମାତାଙ୍କ ଠାରୁ ଲିଖିତ ଚୁକ୍ତିନାମା କରେଇଛନ୍ତି । ସୂଚନା ଅନୁସାରେ, ନାବାଳକର ବୟସ ୧୫ ବର୍ଷ । ସେ ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି । ଗତ ୧୦ ଦିନ ହେବ ଫୁଲବାଣୀ ସହରର ୧୬ବର୍ଷୀୟା ନାବାଳିକାକୁ ପ୍ରେମ ସମ୍ପର୍କ ରଖି ନିଜ ଘରେ ରଖିଥିଲେ । ଏବଂ ବିବାହ ପାଇଁ ପ୍ରସ୍ତୁତି ଚାଲିଥିଲା । ଏନେଇ କୌଣସି ସୂତ୍ରରୁ ଖବର ପାଇ ଆଜି ମିଳିତ ଟିମ୍ ସେଠାରେ ପହଂଚି ଥିଲା । ମିଳିତ ଟିମ୍ ପହଂଚିବା ସମୟରେ ନାବାଳିକାକୁ ମିଳିନଥିଲା । ନାବାଳିକାକୁ ତାର ଘରକୁ ପଠାଇ ଦେଇଥିଲେ ନାବାଳକର ପରିବାର ଲୋକେ । ଏହାପରେ ମିଳିତ ଟିମ୍ ସମସ୍ତ ପ୍ରକ୍ରିୟା ସମାପ୍ତ କରି ଗ୍ରାମରେ ଏକ ଶିଶୁସୁରକ୍ଷା ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମହାରାଣୀ ସାଗର ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ଦେଲେ ନରସିଂହ

ବଲାଙ୍ଗିର,୮/୧ (ନି.ପ୍ର): କଠିନ ପରିଶ୍ରମ ପରେ ମହାରାଣୀ ସାଗର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ସଫଳତା ଆଡକୁ ଗତି କରୁଛି । ଏହି ପ୍ରକଳ୍ପକୁ ସାକାର କରିବା ପାଇଁ ଦିର୍ଘ ବର୍ଷର ଚେଷ୍ଟା ଫଳପ୍ରଦ ହେବାକୁ ଯାଉଛି । ସହର ମଧ୍ୟରେ ଥିବା ଏହି ଜଳାଶୟ ମହାରାଣୀ ସାଗର ଲୋକଙ୍କୁ କେବଳ ମନୋରଂଜନ ଦେବ ନାହିଁ, ଆଗାମୀ ଦିନରେ ଏହି ପ୍ରକଳ୍ପ ବଲାଙ୍ଗିରର ବେରୋଜଗାର ଯୁବକମାନଙ୍କ ପାଇଁ ରୋଜଗାରର ପନ୍ଥା ଦେଖେଇବ ବୋଲି ଆଜି ଇନ୍ଦିରାନଗର ଠାରେ ମହାରାଣୀ ସାଗର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଭିତିପ୍ରସ୍ତର ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର କହିଛନ୍ତି । ଏହି ପ୍ରକଳ୍ପ ପାଇଁ ବଲାଙ୍ଗିର ବିଧାୟକ ବିରୋଧିଦଳ ନେତା ସମୟରେ ୫ ବର୍ଷ ପୂର୍ବରୁ ୧୦୦ କୋଟି ଟଙ୍କାର ଦାବି ରଖିଥିଲେ । ଯାହାକି ପରବର୍ତି ସମୟରେ ପ୍ରକଳ୍ପ ସୌନ୍ଦର୍ଯ୍ୟକରଣ ପାଇଁ ୨୦ କୋଟି ଟଙ୍କା ମଞ୍ଜୁର ହୋଇଛି । ସାମ୍ବାଦିକମାନଙ୍କୁ ସେ ନିଜ ପ୍ରତିକ୍ରିୟାରେ ଆହୁରି ମଧ କହିଛନ୍ତି ଯେ, ବଲାଙ୍ଗିରର ପରିବେଶ ସୁରକ୍ଷା ପର୍ଯ୍ୟଟନ, ସ୍ଥାନୀୟ ବାସିନ୍ଦାଙ୍କୁ ରୋଜଗାର ଦେବାରେ ଏହି ପ୍ରକଳ୍ପ ଏକ ଉଦାହରଣ ସୃଷ୍ଟି କରିବ । ଏହି ପ୍ରକଳ୍ପ ପାଇଁ ଶ୍ରୀ ମିଶ୍ର ସ୍ଥାନୀୟ ବାସିନ୍ଦା, ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାର ଧାର୍ଯ୍ୟ ସମୟ ଏକ ବର୍ଷ ମଧ୍ୟରେ ଯେମିତି ସମ୍ପୂର୍ଣ୍ଣ ହୋଇପାରିବ ସେ ଦିଗରେ ସମସ୍ତେ ଯତ୍ନବାନ ହେବା ଦରକାର ବୋଲି ଅନୁରୋଧ କରିଥିଲେ ।
ଏଠାରେ ସୂଚନାଯୋଗ୍ୟ ଯେ, ଡିସେମ୍ବର ଶେଷ ସପ୍ତାହରେ ନିର୍ମାଣକାରୀ ସଂସ୍ଥା ନେସନାଲ ପ୍ରୋଜେକ୍ଟ କନଷ୍ଟ୍ରକସନ କର୍ପୋରେସନ (ଏନସିସିବି) ଏବଂ ଜିଲ୍ଲା ପ୍ରଶାସନ ସହ ଏହି ପ୍ରକଳ୍ପର ନିର୍ମାଣ ପାଇଁ ଚୁକ୍ତି ସ୍ୱାକ୍ଷର ହୋଇସାରିଛି । ଓୟୁଆଇଡିଏଫ୍ ପାଣ୍ଠିରୁ ଏହି ପ୍ରକଳ୍ପ ପାଇଁ ୨୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏହି ପ୍ରକଳ୍ପ ପାଇଁ ମଞ୍ଜୁରି ପାଇଥିବା ଯୋଜନାରେ ମହାରାଣୀ ସାଗରରେ ବୋଟିଂ, ୱାଟର ସ୍କିଙ୍କଲର ସହ ଲାଇଟ ଗେମ୍ସ, ପାର୍କିଂ, ଫୁଡ ଜୋନ୍, ଛୋଟ ଛୁଆଙ୍କ ଖେଳିବା ସ୍ଥାନ, ଆର୍ଟ ଏଣ୍ଡ କ୍ରାଫ୍ଟ ଜୋନ୍, ପାର୍ଟି ଲନ, ଓପନ ଜିମ୍, ବୟସ୍କମାନଙ୍କ ପାଇଁ ପାର୍କ, ବ୍ୟାୟାମ କରିବା ପାଇଁ ସ୍ଥାନ, ବଗିଚା ଏହିଭଳି ଅନେକ ସୁବିଧା ଏହା ଭିତରେ ଉପଲବ୍ଧ ରହିବ । ଏହି ପ୍ରକଳ୍ପର ଉଦଘାଟନ ପରେ ସହର ମଧ୍ୟରେ ଟିକ୍ରାପଡା ଗାନ୍ଧୀ ପାଠାଗାର ଛକରେ ଥିବା ପାର୍କି ଜୋନ୍ ଏବଂ ଭୀମଭୋଇ ମେଡିକାଲ କଲେଜ ଏବଂ ଡାକ୍ତରଖାନା ଛକରେ ଥିବା ପାର୍କିଂ କମ୍ ଭେଣ୍ଡିଂ ଜୋନ୍ ର ଉଦଘାଟନ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ପାର୍କିଂ ସ୍ଥଳ ମଧ ଯେପରି ସୁଚାରୁ ରୂପେ ପରିଚାଳନା ହୋଇପାରିବ ଏବଂ ଭେଣ୍ଡିଂ ଜୋନର ବଂଟନ ସାଙ୍ଗକୁ ତାର ପରିଚାଳନା ମହିଳା ସ୍ୱୟଂ ସହାୟକ ଗୋଷ୍ଠିମାନେ ଠିକ୍ ହିସାବରେ କରିପାରିବେ ସେ ଦିଗରେ ଯତ୍ନବାନ ହେବାକୁ ପଡିବ ବୋଲି ବିଧାୟକ ଶ୍ରୀ ମିଶ୍ର କହିଥିଲେ ।
ଆଜିର ଏହି ଉଦଘାଟନି ଉତ୍ସବମାନଙ୍କରେ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସାଏ, କାର୍ଯ୍ୟନିର୍ବାହୀ ଅଧିକାରୀ ମ୍ୟୁନିସିପାଲିଟି ବିପିନ ବିହାରି ଦିପ, କନିଷ୍ଠ ଯନ୍ତ୍ରୀ ରୋଜାଲିସା ରାଉତ, ସହକାରୀ ଯନ୍ତ୍ରୀ ଗୋଲକ ବିହାରୀ ସାହୁ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ମହାନ୍ତିଙ୍କ ସମେତ ସ୍ଥାନୀୟ ଜନସାଧାରଣ ମହିଳା ଓ ପୁରୁଷମାନେ ଉପସ୍ଥିତ ଥିଲେ ।

## ଖଡିଆଳ ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ନୂଆପଡ଼ା,୮/୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଡିଗ୍ରୀ ମହିଳା ମହାବିଦ୍ୟାଳୟର ପଂଚମ ବାର୍ଷିକ କ୍ରିଡା ଉଦଘାଟିତ ହୋଇଯାଇଛି । ବାର୍ଷିକ କ୍ରିଡାରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ଡ଼. ସଂଜୟ ଶତପଥି ଯୋଗଦାନ କରି କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସ୍ତରୀୟ କ୍ରିଡା ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜର ଅଧକ୍ଷା ଲିଜା ଆଚାର୍ଯ୍ୟ, ଯୁକ୍ତ ଦୁଇ କଲେଜ ଅଧକ୍ଷା ସ୍ମୃତିପ୍ରଭା ସାମଲ, କଲେଜ ପରିଚାଳନା କର୍ମଟୀ ସଭାପତିତ ଫଣିନ୍ଦ୍ରମ ସିଂ ଦେଓ, ବିନୋଦ ବିହାରୀ ପାଢୀ, ଅଜିତ ପଣ୍ଡା, ତପନ ରଙ୍ଜନ ଦାଶ ପ୍ରମୁଖ ମଂଚାସୀନ ଥିଲେ । ଏ ଅବସରରେ ଆଗରୁ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରିଡାର ବିଭିନ୍ନ ପ୍ରତିଯୋଗୀତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଧାପିକା ପ୍ରିୟଙ୍କା ମୁଣ୍ଡ, ଅଫରୋଜ ବେଗମ, ଅର୍ପିତା ପଣ୍ଡା, ସୁଷ୍ମାଳକା ପ୍ରଧାନୀ, ସାଏରା ଖାନ, ପଙ୍କଜୀନୀ ବିଶି, ମହେଶ୍ୱତା ପଣ୍ଡା ସମେତ ଅନ୍ୟାନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## କିରୋସିନ ଓ ଡିଜେଲ ଚୋରା କାରବାର ଘଟଣାରେ ୪ ଅଭିଯୁକ୍ତ କୋର୍ଟ ଚାଲାଣ

ଧର୍ମଶାଳା,୮/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥ ନେଉଳପୁର ନିକଟସ୍ଥ ରେଲୱେ ଓଭରବ୍ରି ନିକଟରେ ଗତ କାଲି ବିଳମ୍ବିତ ରାତିରେ ପିଡିଏସ୍ କିରୋସିନ ଜବତ ହୋଇଥିଲା । ଜିଲା ପୁଲିସ ସ୍କାଡ ଚଢାଉ କରି ସମସୁଦ୍ଦିନଙ୍କ ଗୋଦାମ ଘରେ ମହଜୁଦ ଥିବା ୨୫୦ଶହ ଲିଟର କିରୋସିନ ଜବତ ସହ ବ୍ୟବହୃତ ବହୁ ସାରଞ୍ଜମ ଜବତ କରିଥିଲା । ସୂଚନା ମୁତାବକ ଏଠାରେ ନେଉଳପୁର ଗ୍ରାମର ସମସୁଦ୍ଦନ ଦୀର୍ଘ ଦିନ ହେଲା ପିଡିଏସ କିରୋସିନ ଚୋରାରେ ଆଣି ଏଠାରେ ବିକ୍ରି କରୁଥିଲେ । ଏ ସମ୍ପର୍କରେ ଯାଜପୁର ଆରକ୍ଷୀ ଅଧିକ୍ଷକ ରାହୁଲ ପିଆର ବିଶ୍ୱସ୍ତ ସୂତ୍ରରୁ ଖବର ଜିଲା ପୁଲିସ ସ୍କାଡକୁ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲା ପୁଲିସ ସ୍କାଡ ସେଠାରେ ଚଢାଉ କରି କିରୋସିନ ଜବତ କରିଥିଲା । ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଁଚି କିରୋସିନ ଜବତ କରିବା ସହ ସମସୁଦ୍ଦିନ ଓ ତାର ଅନ୍ୟ ଜଣେ ସହଯୋଗୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲା । ସେହିପରି ଭାବେ ଗତ କାଲି ବିଳମ୍ବିତ ରାତିରେ ଢୁବୁରୀ-ଚଣ୍ଡିଖୋଲ ଜାତୀୟ ରାଜପଥ ମାଣ୍ଡିଆ ଛକରେ ଡିଜେଲ ଚୋରା କାରବାର ଚାଲିଥିବା ଧର୍ମଶାଳା ପୁଲିସ ଖବର ପାଇଥିଲା । ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସଦଳବଳେ ଘଟଣାସ୍ଥଳରେ ପଂହଚି ସେଠାରେ ଚଢାଉ କରି ୪୫ ଲିଟର ଡିଜେଲ ସହ ବ୍ୟବହୃତ ସାମଗ୍ରୀ ଜବତ କରିଥିଲା । ଏବଂ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଥିଲା । ତେବେ ପୃଥକ ପୃଥକ ଚୋରୀ ଘଟଣାରେ ମୋଟ ୪ ଜଣଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ନେଇ ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି । ବାରମ୍ବାର ଏହି ଚଢାଉ ହେବା ଫଳରେ ମାଫିଆ ମହଲରେ ଆତଙ୍କ ଖେଳି ଯାଇଛି ।

## ବିପଦସଙ୍କୁଳ ଅବସ୍ଥାରେ ଦେଓଗାଁ କୁଶଳେଶ୍ୱର ରାଜା ରାଜୁଡ଼ା ଅମଳର ପଥର ବନ୍ଧ

ଘସିପୁରା,୮/୧ (ନି.ପ୍ର): ମାତ୍ରାଧିକ ବାଲିଖନନ ଯୋଗୁ ସମ୍ପ୍ରତି ବିପଦସଙ୍କୁଳ ଅବସ୍ଥାରେ ପହଂଚିଛି ଦେଓଗାଁ କୁଶଳେଶ୍ୱର ରାଜାରାଜୁଡ଼ା ଅମଳର ପଥର ବନ୍ଧ । କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁ ଠାରେ ଥିବା କୁଶେଇ ନଦୀରୁ ପର୍ଯ୍ୟାପ୍ତ ପରିମାଣରେ ବାଲି ଖନନ ଯୋଗୁଁ ଐତିହ୍ୟସମ୍ପନ୍ନ ପଥର ବନ୍ଧ ସମ୍ପୂର୍ଣ୍ଣ ଭୁଷୁଡି ପଡିବା ପରିସ୍ଥିତିରେ ପହଂଚିଛି ।ଏପରି ମାତ୍ରାଧିକ ବାଲି ଖନନକୁ ବିରୋଧ କରି ସ୍ଥାନୀୟ ନାଗରିକ ଓ ବୁଦ୍ଧିଜିବୀ ପ୍ରଶାସନକୁ ଅବଗତ କରିଥିଲେ ମଧ ଏଯାବତ୍ ଏ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।
ଦେଓଗାଁ ଠାରେ ସ୍ଥାପିତ ସର୍ବପୁରାତନ ଶ୍ରୀ କୁଶଳେଶ୍ୱର ଶୈବପିଠକୁ କୁଶେଇ ନଦୀର ବନ୍ୟା ଦାଉରୁ ସୁରକ୍ଷା ଦେବା ପାଇଁ କେନ୍ଦୁଝରର ତତ୍କାଳୀନ ରାଜା ଧନୁର୍ଜୟ ନାରାୟଣ ଭଞ୍ଜଦେଓ ୧୮୬୧ ମସିହାରେ କୁଶେଇ ନଦୀକୂଳରେ ଏହି ପଥର ବନ୍ଧ ନିର୍ମାଣ କରିଥିଲେ । ଏହି ପଥର ବନ୍ଧର ଦୈର୍ଘ୍ୟ ପ୍ରାୟ ୩ ଶହ ମିଟର ହୋଇଥିବା ବେଳେ ଓସାର ୨ ମିଟର । ପ୍ରଶାସନ ର ଅଣଦେଖା ଯୋଗୁଁ ବନ୍ଧର ଅନେକ ଅଂଶ ଜବରଦଖଲ ହୋଇ ଯାଇଥିବା ବେଳେ ବହୁ ତଳ ସ୍ତର ପର୍ଯ୍ୟନ୍ତ ବାଲି ଖନନ କରାଯାଇଥିବାରୁ ପଥର ବନ୍ଧରେ ଫାଟ ସୃଷ୍ଟି ହୋଇ ଭୁଶୁଡି ପଡିବାର ଆଶଙ୍କା ଦେଖାଦେଇଛି । ଦୈନଦିନ ଶତାଧିକ ଭାରିଯାନ ଯୋଗେ ବାଲି ଚାଲାଣ ଯୋଗୁ ବନ୍ଧର ମୂଳଦୁଆ ଦବିଯାଇ ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି । କୁଶେଇ ନଦୀର ବିଭିନ୍ନ ଘାଟରୁ ପ୍ରତିଦିନ ହାଇୱା ଯୋଗେ ଜିଲା ବାହର ଅଂଚଳକୁ ବାଲି ଚାଲାଣ ହେଉଥିବା ନେଇ ଗୁରୁତର ଅଭିଯୋଗ ହୋଇଛି । ନିଲାମ ହୋଇନଥିବା କୁଶେଇ ନଦୀର କେତେକ ଘାଟରୁ ମାଫିଆ ମାନେ ଦିନରାତି ବାଲି ପରିବହନ କରୁଥିବାରୁ ସରକାର ଅମାପ ରାଜସ୍ୱ ହରାଉଥିବା ଅଭିଯୋଗ ହୋଇଛି ।
ରାଜ୍ୟ ବାହାରକୁ ଶହ ଶହ ସଂଖ୍ୟାରେ ହାଇୱା ଯୋଗେ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଛି । ଦିନରେ ଅଂଚଳ ବାସୀଙ୍କ ନଜର ଓ ପ୍ରଶାସନିକ ଅଧିକାରୀଙ୍କ ଚଳପ୍ରଚଳ ଯୋଗୁଁ ଏହି କାରବାର ସଞ୍ଜ ନଇଁଲେ ରାତି ସାରା ବେଧଡକ ଭାବରେ ଚାଲୁଛି । କୁଶେଇ ନଦୀର ଦେଓଗାଁ ଶନିତୋଟା ଘାଟରୁ ଉଠାଯାଉଥିବା ବାଲି ପରିମାଣ କମିଯିବାରୁ ବର୍ତମାନ କୁଶେଇ ସେତୁ ନିକଟରୁ ଏହା ଖନନ ହେଉଥିବା ଚିନ୍ତାର କାରଣ ହୋଇଛି । କୁଶେଇ ସେତୁର ୫ ଶହ ମିଟର ପର୍ଯ୍ୟନ୍ତ ନିଷିଦ୍ଧାଚଂଳ ହୋଇଥିଲେ ମଧ ମାତ୍ର ଶହେ ମିଟର ପରିସରରେ ଏପରି କାରବାର ଚାଲିଥିବାରୁ କୁଶେଇ ସେତୁ ଓ କୁଶଳେଶ୍ୱର ରାଜାରାଜୁଡ଼ା ଅମଳର ପଥର ବନ୍ଧ ଏବେ ବିପଦସଙ୍କୁଳ ଅବସ୍ଥାରେ ଥିବା ଜଣାପଡ଼ିଛି । ତେଣୁ ବେଳ ଥାଉଁ ପ୍ରଶାସନ ଏହାର ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି ।

## ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ ପାଳିତ

ଜୟପୁର ,୮/୧ (ନି.ପ୍ର): ନିଖିଳ ଉତ୍କଳ ଶିକ୍ଷକ ସଂଘର ୭୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଜୟପୁର ସାଉଥ ଏମଇ ସ୍କୁଲ ପରିସରରେ ପତାକା ଉତୋଳନ କରି ପ୍ରତିଷ୍ଠା ଦାବିସ ପାଳନ କରାଯାଇଛି । ଏଥିରେ ସଂଘ ସମ୍ପାଦକ ମହେଶ ମିଶ୍ର ସ୍ୱାଗତ ଜଣାଇବା ସହ ମୁଖ୍ୟ ଅତିଥି ଭାବେ ହରିଶ ରାଓ ଓ ସତ୍ୟ ପ୍ରିୟ ସୁଆର ସଂଘ ପତାକା ଉତୋଳନ କରିଥିଲେ । ଏହି ପ୍ରତିଷ୍ଠା ଦିବସରେ ଜୟପୁର ପ୍ରାଥମିକ ଶିକ୍ଷକ ସଂଘର ଶିକ୍ଷକ , ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହିଥିବା ବେଳେ ଶେଷରେ ଈଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## କଳପଡ଼ା ପଂଚାୟତରେ ପାନୀୟ ଜଳ ପ୍ରକଳ୍ପ ଓ ଆଦର୍ଶ ପୋଖରୀ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୮/୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ କଳପଡ଼ା ପଂଚାୟତରେ ବିଧାୟକ ଶଶିଭୂଷଣ ବେହେରାଙ୍କ ଦ୍ୱାରା ପାନୀୟ ଜଳ ପ୍ରକଳ୍ପ ଓ ଆଦର୍ଶ ପୋଖରୀ ଶୁକ୍ରବାର ଅପରାହ୍ଣରେ ଉଦ୍‌ଘାଟିତ ହୋଇଯାଇଛି । ଏହି ପଂଚାୟତର ଖସାଡୀ ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ କଳପଡ଼ା ଗ୍ରାମରେ ଆଦର୍ଶ ପୋଖରୀ ଉଦ୍‌ଘାଟିତ ହୋଇଥିଲା । ଏହି ଅବସରରେ ବିଧାୟକ ଶ୍ରୀ ବେହେରା କହିଲେ ପଂଚାୟତ ଗୁଡିକରେ ଯେପରି ପାନୀୟ ଜଳ ସମସ୍ୟା ନ ରହିବ ସେ ନେଇ ରାଜ୍ୟ ସରକାର ଯୋଜନା କରିଛନ୍ତି । ଏହାସହ ଗ୍ରାମର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ଆଦର୍ଶ ପୋଖରୀ କରୁଛନ୍ତି । ଏହାଦ୍ୱାରା ଗ୍ରାମାଂଚଳରେ ବସବାସ କରୁଥିବା ଲୋକମାନଙ୍କ ବିଭିନ୍ନ ସମସ୍ୟା ଦୂର ହେବ । କାର୍ଯ୍ୟକ୍ରମରେ ପୌରହିତ୍ୟ କରି ୮ ନଂ. ଜୋନ ଜିଲା ପରିଷଦ ସଭ୍ୟା ତଥା ରାଜ୍ୟ ମହିଳା ବିଜେଡିର ସାଧାରଣ ସମ୍ପାଦିକା ଜ୍ୟୋତ୍ସ୍ନା ରାଣୀ ଜେନା କହିଲେ ଏହି ପଂଚାୟତରେ ପୂର୍ବରୁ ଲୋକଙ୍କର ପାନୀୟ ଜଳ ପ୍ରମୁଖ ସମସ୍ୟା ହୋଇ ରହିଥିଲା । ଜିଲା ପରିଷଦ ବୈଠକରେ ମୁଁ ଅନେକ ଥର ମୁଁ ଏହି ସମସ୍ୟାର ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲି । ରାଜ୍ୟ ସରକାରଙ୍କ ଅନୁଦାନରେ ପାନୀୟ ଜଳ ପ୍ରକଳ୍ପ ହୋଇଛି । ଏହି ପୋଖରୀ ଗ୍ରାମର ସୌନ୍ଦର୍ଯ୍ୟ ବୃଦ୍ଧି କରିଛି । ଏହା ସହ ମହିଳାମାନେ ଏଥିରେ ମାଛଚାଷ କରି ଆତ୍ମ ନିର୍ଭରଶୀଳ ହୋଇ ପାରିବେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷ ଶିବ ପ୍ରସାଦ ଭଳ, ସରପଂଚ ନିତ୍ୟାନନ୍ଦ ସେଠୀ, ସମିତି ସଭ୍ୟା ମାନିନୀ ମଲ୍ଲିକ, ବିଜେଡି ବ୍ଲକ ସଭାପତି ଆଲୋକ ସାହୁ, ପୂର୍ବତନ ସରପଂଚ ସୁଧୀର ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଭଜକୃଷ୍ଣ ରାଉତ, ଭିକାରୀ ପ୍ରଧାନ, ରବୀନ୍ଦ୍ର ନାଥ ସାହାଣୀ, ଝରାଶ୍ରୀ ସ୍ୱାଇଁ, ପଂଚାୟତର ସମସ୍ତ ୱାର୍ଡ ସଭ୍ୟ ଓ ପଂଚାୟତବାସୀ ଉପସ୍ଥିତ ଥିଲେ ।

## ଆସନ୍ତା ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ପୋଲିଓ ବୁନ୍ଦା ପ୍ରଦାନ ଅଭିଯାନ

ପୁରୀ,୮/୧ (ନି.ପ୍ର): ଜିଲ୍ଲା ସ୍ତରୀୟ ପୋଲିଓ ଟାସ୍କଫୋର୍ସ ବୈଠକ ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ଆସନ୍ତା ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଜନ୍ମରୁ ୫ ବର୍ଷ ବୟସ ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବ । ଆସନ୍ତା ୨୩ ତାରିଖରେ ବୁଥ ସ୍ତରରେ ଏବଂ ୨୪ ଓ ୨୫ ତାରିଖରେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ଦିଆଯିବ । ଚଳିତ ବର୍ଷ ଏହି ଅଭିଯାନରେ ଜିଲ୍ଲାର ୧,୮୫,୯୦୧ ଜଣ ଶିଶୁଙ୍କୁ ବୁନ୍ଦା ଦିଆଯିବ । ଟିକାଦାତା ମାନେ ୩,୬୮,୮୦୫ ଘର ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ କରିବେ । ସହରାଂଚଳରେ ୫୫,୧୦୦ ଓ ଗ୍ରାମାଂଚଳରେ ୧,୩୦,୮୦୧ ଜଣଙ୍କୁ ପୋଲିଓ ବୁନ୍ଦା ଦିଆଯିବ । ଏଥିପାଇଁ ୭୬୬ଟି ବୁଥ୍ ପ୍ରସ୍ତୁତ ରହିଛି । ସେହିଭଳି ଉକ୍ତ ଦିନ ଗୁଡିକରେ ଜିଲ୍ଲା ବାହାରୁ ଆସୁଥିବା ଶିଶୁ ମାନଙ୍କୁ ବୁନ୍ଦା ଦେବା ନିମନ୍ତେ ବସଷ୍ଟାଣ୍ଡ, ଷ୍ଟେସନ, ଶ୍ରୀମନ୍ଦିର ଓ ଅନ୍ୟ ଜନଗହଳି ଭଳି ୫୬ଟି ସ୍ଥାନ ଚିହ୍ନଟ କରାଯାଇଛି । ଏଥିସହ ୨୪ ଟି ଭ୍ରାମ୍ୟମାଣ ଦଳ ସାମିଲ୍ ରହିବେ । ଏହି ଅଭିଯାନରେ ୩,୦୬୪ ଜଣ ବୁନ୍ଦା ପ୍ରଦାନକାରୀ ଓ ୧୬୨ ଜଣ ସୁପରଭାଇଜରଙ୍କ ସମେତ ୩୩୮୬ ବ୍ୟକ୍ତି ଓ ଅଙ୍ଗନୱାଡି କର୍ମୀ ସାମିଲ୍ ରହିବେ । କୋଭିଡ୍ କଟକଣା ମଧ୍ୟରେ ଏହି ଅଭିଯାନ ଜାରି ରହିବ ଏବଂ ପ୍ରତ୍ୟେକ ବୁଥରେ ଏକାଥରରେ ୫ ଜଣଙ୍କୁ ପ୍ରବେଶାନୁମତି ଦିଆଯିବ । ଶିଶୁ ମାନଙ୍କୁ ଟୀକାଦାତାଙ୍କ ବିନା ସ୍ପର୍ଶରେ ବୁନ୍ଦା ପ୍ରଦାନ କରାଯିବ । ଏଥିପାଇଁ ଅଭିଭାବକ ମାନେ ସହଯୋଗ କରିବେ । ସକାଳ ୮ଟା ଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବୁନ୍ଦାଦାନ କରାଯିବ ଏବଂ ଏଥିନିମନ୍ତେ ୨,୩୬,୦୯୫ ଡୋଜ୍ ର ଆବଶ୍ୟକତା ରହିଛି । ପୋଲିଓ ବୁନ୍ଦା ବୋତଲ ସୁରକ୍ଷିତ ଭାବେ ରଖିବା ପାଇଁ ୪୩ଟି କୋଲ୍ଡ ଚେନ୍ ପଏଂଟ ରହିଛି । ଗତବର୍ଷ ପ୍ରାୟ ଏକ ଲକ୍ଷ ୫୭ ହଜାର ଶିଶୁଙ୍କୁ ବୁନ୍ଦା ପ୍ରଦାନ କରାଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ ୮୪ ପ୍ରତିଶତ ଟିକାଦାନ କେନ୍ଦ୍ରରେ ବୁନ୍ଦା ଗ୍ରହଣ କରିଥିଲେ । ଚଳିତ ବର୍ଷ ବୁଥ୍ ରେ ଅଧିକ ପ୍ରତିଶତ ପିଲାଙ୍କୁ ସାମିଲ୍ କରାଯିବାର ଲକ୍ଷ୍ୟ ରଖାଯାଇଛି । ବ୍ୟାପକ ସଚେତନତା ସୃଷ୍ଟି ପାଇଁ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ରୋଟାରୀ ଓ ଲାୟନ୍ସ କ୍ଲବକୁ ମଧ ସାମିଲ୍ କରାଯିବ । ବୁନ୍ଦା ପ୍ରଦାନ ନିମନ୍ତେ କିଛି ସମସ୍ୟା ଥିଲେ ଜିଲ୍ଲା ନିୟନ୍ତ୍ରଣ କକ୍ଷକୁ ଜଣାଇ ପାରିବେ । ଏହାର ନମ୍ବର ହେଲା ୦୬୭୫୨- ୨୨୨୧୨୪ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଣବ ଶଙ୍କର ଦାଶ, ଏଡିଏମଓ ଡା. ଦେବୀ ପ୍ରସାଦ ମହାପାତ୍ର, ଜିଲ୍ଲାରେ ଟୀକାକରଣ ଅଭିଯାନର ପରାମର୍ଶଦାତା ଡା. ସୁନୀଲ କୁମାର ଦାଶ, ଡିପିଏମ ଟି. ନାରାୟଣ ରାଓ, ଆଶା ସଂଯୋଜକ ଅଶୋକ କୁମାର ସାହୁ, ପ୍ରସନ୍ନ କୁମାର ବରାଳ, ଏପିଏମ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଚାରିଜଣ ହାଇୱେ ଲୁଟେରାଙ୍କୁ କାବୁକଲା ସଦର ପୁଲିସ

ବଲାଙ୍ଗିର ,୮/୧ (ନି.ପ୍ର): ଗତ ରାତିରେ ବଲାଙ୍ଗିର ଦେଓଗାଁ ରାସ୍ତା ର ସିଂହ ଖମନ ପାଖ ରାସ୍ତା ଉପରେ ଏକ ତୈଳ ଟ୍ୟାଙ୍କ୍ ର କୁ ରାସ୍ତାରେ ଅଟକାଇବା ସହ ୪ ଜଣ ଲୁଟେରା ?୭୬୦୦ ଲୁଟ କରିବା ସହ ୨ ମୋବାଇଲ ନେଇ ଯାଇଥିଲେ । ସଦର୍ ଥାନା ରେ ଡ୍ରାଇଭର ଓ ହେଲପର ଯାଇ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ସଦର୍ ପୁଲିସ ଆଇ ଆଇ ସି ଶ୍ରୀକାନ୍ତ ସାହୁ ତଦନ୍ତ କରି ୪ ଜଣ ଲୁଟେରା କୁ ଗିରଫ କରି ସେମାନଙ୍କ ଠାରୁ ୭୬୦୦ ଟଙ୍କା ଜବତ କରିବା ସହ ୫ ଟି ମୋବାଇଲ୍ ଗୋଟିଏ ଛୁରୀ ଓ ୟାମାହା ବାଇକ୍ ଜବତ କରି ସେମାନଂକୁ ଆଜି କୋର୍ଟଚାଲାଣ କରିଛନ୍ତି ।

## ଜେଏସଡବ୍ଲୁ ପ୍ରକଳ୍ପ ବିରୋଧରେ ଢ଼ିଙ୍କିଆ ଗାଁରେ ଆନ୍ଦୋଳନ: ସେପଟେ କ୍ଷତିପୂରଣ ଆଶାରେ ବଢୁଛି ପାନବରଜ ସଂଖ୍ୟା

ପାରାଦୀପ ,୮/୧ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ଏରସମା ତହସିଲ ଅନ୍ତର୍ଗତ ଢ଼ିଙ୍କିଆ ନୂଆଗାଁ ଓ ଗଡ଼କୁଜଙ୍ଗ ପଂଚାୟତରେ ହେବାକୁ ଥିବା ପ୍ରସ୍ତାବିତ ଜେ ଏସ ଡ ବ୍ଲୁ ପ୍ରକଳ୍ପ ପାଇଁ ଲୋକଙ୍କ ସହମତି ବଢ଼ିବାରେ ଲାଗିଛି ।ଗତ ମାସ ୨୨ ତାରିଖରୁ ଢ଼ିଙ୍କିଆ ପଂଚାୟତର ଗୋବିନ୍ଦପୁର ଗାଁରେ ପାନବରଜ ମାପଚୁପ ଓ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥିଲା । ତାହା ଆଜି ପର୍ଯ୍ୟନ୍ତ ଜାରି ରହିଛି । ଆଜି ସ୍ଥାନୀୟ ତହସିଲଦାରଙ୍କ ନେତୃତ୍ୱରେ ସାତଟି ଟିମ୍ ଢ଼ିଙ୍କିଆ ପଂଚାୟତର ଚାରୋଟି ଗାଁରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ତେବେ ଗତକାଲି ସୁଦ୍ଧା ଏହି ଢ଼ିଙ୍କିଆ ଚାରି ଦେଶରେ ୨୬୧ ଟି ପାନବରଜ ମାପଚୁପ କରାଯାଇଛି । ଢ଼ିଙ୍କିଆ ପଂଚାୟତରେ ଗତ ଜୁନ ମାସରେ ଯେଉଁ ସର୍ଭେ କରାଯାଇଥିଲା ସେହି ରିପୋର୍ଟ ଅନୁସାରେ ସମୁଦାୟ ଢ଼ିଙ୍କିଆ ପଂଚାୟତରେ ୬୦୯ ଟି ପାନବରଜ ଅନୁଧ୍ୟାନ କରାଯାଇ ଥିଲା । ସେଥିରେ ମାହାଳ ଗାଁରେ ସର୍ବାଧିକ ୩୨୭ ଟି ଓ ପାଟଣା ଗାଁରେ ୨୦୬ , ଗୋବିନ୍ଦପୁର ଗାଁରେ ୪୬ ଓ ଢ଼ିଙ୍କିଆ ଗାଁରେ ୩୦ ଟି ପାନବରଜ ରହିଛି । ସେଥି ମଧ୍ୟରୁ ଗତକାଲି ସୁଦ୍ଧା ୨୬୧ ଟି ପାନବରଜ ମାପଚୁପ କରାଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି କି ସେହି ସମୟରେ ଢ଼ିଙ୍କିଆ ଗାଁରେ ୩୦ଟି ପାନବରଜ ସର୍ଭେ କରାଯାଇଥିଲା । ମାତ ଗତକାଲି ସୁଦ୍ଧା ଏହି ଢ଼ିଙ୍କିଆ ଗାଁରେ ୪୩ ଟି ପାନବରଜ ମାପଚୁପ କରାଯାଇଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଗୋଟିଏ ପଟେ କମ୍ପାନୀ ବୀରୋଧରେ ଆନ୍ଦୋଳନ ଜାରି ରଖିଥିବା ବେଳେ ଏପଟେ ଲୁଚିଛପି ନୂଆ ବରଜ ନିର୍ମାଣ କରି ଚାଲିଛନ୍ତି । କେବଳ ଢ଼ିଙ୍କିଆ ନୁହେଁ ଅନ୍ୟ ଗାଁରେ ମଧ ଏହି କାର୍ଯ୍ୟ କରାଯାଉଛି । ଆଜି ସୁଦ୍ଧା ସମୁଦାୟ ୬୩ ଜଣ ହିତାଧିକାରୀଙ୍କୁ ୧ କୋଟି ୬୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତିପୂରଣ ବାବଦକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅପରପକ୍ଷରେ ସ୍ଥାନୀୟ ଏରସମା ତହସିଲଦାର ଚୈଧୁରୀ ପ୍ରଜ୍ଞାନନ୍ଦ ଦାସ ଙ୍କ ନେତୃତ୍ୱରେ ଛ ଟି ଟିମ୍ ପାନବରଜ ମାପଚୁପ ଓ ଭଙ୍ଗା କାର୍ଯ୍ୟ ସହିତ ହିତାଧିକାରୀଙ୍କ ଆବଶ୍ୟକ ପ୍ରମାଣ ପତ୍ର ଓ ଦସ୍ତଖତ ସଂଗ୍ରହ କରୁଛନ୍ତି । କମ୍ପାନୀ ପ୍ରତିଷ୍ଠା ହେବା ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଭିତିରି ସମର୍ଥନ ରହିଥିବାରୁ କମ୍ପାନୀ ଠାରୁ ଅଧିକ କ୍ଷତିପୂରଣ ପାଇବା ପାଇଁ ରାତାରାତି ବରଜ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗତକାଲି ଆନ୍ଦୋଳନ କାରୀ ମାନେ ଶୋଭାଯାତ୍ରା କରି ଜେ ଏସ ଡ ବ୍ଲୁ ପ୍ରକଳ୍ପ ର ଅସ୍ଥାୟୀ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ସ୍ଥାନୀୟ ପ୍ରଶାସନ ସହିତ ଏକ ପ୍ରତିନିଧି ଦଳ ଆଲୋଚନା କରି ଫେରି ଯାଇଥିଲେ । ତେବେ ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା ପାଇଁ ପ୍ରଶାସନର ଦ୍ୱାର ସବୁବେଳେ ଖୋଲା ରହିଛି ବୋଲି କୁହାଯାଉଥିଲା । ଲୋକ ମାନଙ୍କ ସହିତ ଆଲୋଚନା କରାଯାଇ ସେମାନଙ୍କ ସହମତିରେ ପାନବରଜ ଭଙ୍ଗା ଯାଉଥିବା ବେଳେ ପରୋକ୍ଷରେ କମ୍ପାନୀର କାର୍ଯ୍ୟରେ ଅଗ୍ରଗତି ହେଉଥିବାର ଲକ୍ଷ୍ୟ କରାଯାଉଛି ।

## ସମ୍ବଲପୁର ବିଜେପି ମହିଳା ମୋର୍ଚ୍ଚାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ


ସମ୍ବଲପୁର,୮/୧ (ନି.ପ୍ର): ସ୍ଥାନୀୟ ଓଡିଶା ସାଂସ୍କୃତିକ ସମାଜ ଭବନ ଠାରେ ସମ୍ବଲପୁର ବିଜେପି ମହିଳା ମୋର୍ଚ୍ଚାର ପ୍ରଥମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ସମ୍ବଲପୁର ସାଂସଦ ନିତେଶ ଗଙ୍ଗଦେବ, ବିଜେପି ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରି ନାୟକ, ଜିଲ୍ଲା ସଭାପତି ଗିରିଷ ପଟେଲ, ରାଜ୍ୟ ସମ୍ପାଦକ ସୀମାଂଚଳ ଖଟେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସବିତା ନନ୍ଦ, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା କଳ୍ପନା ଲେଙ୍କା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର ଓ ରୋଜାଲୀନ ଦାସ ପ୍ରମୁଖ ମଂଚାସିନ ରହି ଉପସ୍ଥିତ ମହିଳା ମୋର୍ଚ୍ଚା କର୍ମୀଙ୍କୁ ଉଦବୋଧନ ଦେଇଥିଲେ । ବକ୍ତା ମାନେ ନିଜ ନିଜର ଅଭିଭାଷଣରେ ସାଂଗଠନକୁ ସୁଦୃଢ଼ କରିବା, କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ପ୍ରଚାର ପ୍ରସାର, ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦ୍ରୀୟ ଯୋଜନା ଗୁଡିକ ହେଉଥିବା ହଡପ, ରାଜ୍ୟ ସରକାରଙ୍କ ଅପାରଗତା, ନିଷ୍କ୍ରିୟତା, ସ୍ଥାଣୁତା, ଦୁର୍ନୀତି, ଭ୍ରଷ୍ଟାଚାର, ରାଜ୍ୟରେ ଘଟୁଥିବା ଅପରାଧ, ହତ୍ୟା, ବଳାତ୍କାର ସମ୍ପର୍କରେ ଅବଗତ କରାଇଥିଲେ । ଆଗାମୀ ଦିନରେ ହେବାକୁ ଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ମହିଳା ମୋର୍ଚ୍ଚାର ଭୂମିକା ଓ ଗୁରୁତ୍ୱ ବିଷୟରେ ଆଲୋଚନା ବିସ୍ତୃତ ଆଲୋଚନା କରିଥିଲେ । କ୍ଷେତ୍ରିୟ ପ୍ରବକ୍ତା ତଥା ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ସାମାଜିକ ଗଣମାଧ୍ୟମର ବିଭିନ୍ନ ଉତ୍ସର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଆଜିର ବୈଠକରେ ମହିଳା ମୋର୍ଚ୍ଚାର ଜିଲ୍ଲା ସାଧାରଣ ସମ୍ପାଦିକା ପ୍ରଭାସିନୀ ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟତମ ସାଧାରଣ ସମ୍ପାଦିକା ସଂଯୁକ୍ତା ପ୍ରଧାନ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ । ଜିଲ୍ଲା ଉପାଧକ୍ଷା ସୁଷମା ସାହୁ ଚିଠା ପ୍ରସ୍ତାବକୁ ସମର୍ଥନ ଜଣାଇଥିବା ବେଳେ ହୀରାକୁଦ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ସଂଯୁକ୍ତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀରେ ନୂତନ ସଦସ୍ୟା ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପୁଷ୍ପାଞ୍ଜଳି ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ କୋଭିଡରେ ମୃତ୍ୟୁବରଣ କରିଥିବା ବିଶ୍ୱବାସୀଙ୍କ ପବିତ୍ର ଓ ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ଆୟୋଜିତ କାର୍ଯ୍ୟକାରିଣୀ ବୈଠକରେ ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝୀ, ଫଣି ଭୂଷଣ ମିଶ୍ର, ସରୋଜ ଘଡାଇ, ତପନ ମାଝି, ଯୁଗଳ ରେଡ୍ଡୀ, ଦିନେଶ ସାହୁ, ପ୍ରଭାସ ଶ୍ରୀନିବାସ, ଟୁକୁ ମହାନ୍ତି, ପ୍ରତୀକ ମହାପାତ୍ର, ସନ୍ତୋଷ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

## ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ

ଜୟପୁର ,୮/୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବଡକାଉଡିଠାରେ ମା ବୁଢି ଠାକୁରାଣି ଫୁଟବଲ ଟୁଣ୍ଡାମେଂଟ ଅନୁଷ୍ଠିତ ହୋଇଛି । ଆଜିର ମ୍ୟାଚରେ ଟାଙ୍କୁଗୁଡା ସହ ବୈପାରିଗୁଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଟାଙ୍କୁଗୁଡା ୩-୦ ଗୋଲରେ ବଜୟ ହୋଇଥିଲେ । ଏହି ମ୍ୟାଚରେ ରେଫରି ଭାବେ ଜି କଟିଶ୍ୱର, ଟିସୁ ମିଶ୍ର, ଟୁନୁ ମାଝୀ ରହିଥିବା ବେଳେ କମିଟର ଘାସି ରାମ, ବାବୁଲା ନାୟକ, ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୫୭**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ପୋଲିଟିକାଲ୍ ଏଜେଣ୍ଟ ନୂତନ ମଧ ଇଂରାଜୀ ସ୍କୁଲଗୃହ ଉଦ୍‌ଘାଟନ କଲେ ଓ ତାଙ୍କ ପୌରୋହିତ୍ୟରେ ସ୍କୁଲର ବାଳକମାନଙ୍କୁ ପୁରସ୍କାର ବିତରଣ ଉତ୍ସବ ଓ ଖେଳ ଅନୁଷ୍ଠିତ ହେଲା । ମୋ ଅଧୀନସ୍ଥ ଦପ୍ତରମାନଙ୍କ ପରିଦର୍ଶନ ଚାଲିଥାଏ ଓ ମୁଁ ତାଙ୍କ ସଙ୍ଗେ ଉପସ୍ଥିତ ଥାଏ ।

ପରିଦର୍ଶନ ସମ୍ପୂର୍ଣ୍ଣ ହେଲା ଉତ୍ତାରେ ଦିନେ ସକାଳେ ଶୁଣିଲି, ଅନେକ ଲୋକ ଡାକବଙ୍ଗଳା ଆଡ଼କୁ ଚାଲିଛନ୍ତି ଓ ସେମାନେ ମୋ ନାମରେ କ'ଣ ଦରଖାସ୍ତ ଦେବେ । ସେହିଦିନ ସକାଳ ୮ଟା ବେଳେ ସାହେବଙ୍କ ସହିତ ଷ୍ଟେଟ୍ ଶାସନ ସମ୍ପର୍କରେ କଥାବାର୍ତ୍ତା ହେବା ସ୍ଥିର ହୋଇଥିଲା । ମୁଁ ମୋର କାଗଜ ପତ୍ର, ନୋଟ୍ ବହି ଓ ଡାକ୍ତରଖାନାର ଉପସ୍ଥାନ ଖାତା ଘେନି ଡାକବଙ୍ଗଳାରେ ଉପସ୍ଥିତ ହେଲି । ଦେଖିଲି, ଅନେକ ଲୋକ ଡାକବଙ୍ଗଳା ହତାରେ ଜମା ହୋଇଛନ୍ତି ଓ ଜଣେ ଲୋକ ହାତରେ ଖଣ୍ଡେ କାଗଜ ଅଛି । ବାହାରେ ଗୋଟିଏ ତମ୍ବୁ ପଡିଥିଲା । ତମ୍ବୁଧିକୁ ଯାଇ ଦେଖିଲି ରାଜା ସାହେବ ବସିଛନ୍ତି । ରାଜାସାହେବଙ୍କୁ ମୁଁ କହିଲି, "ରାଜାସାହେବ! ଅକାରଣରେ ଏହି ଲୋକମାନଙ୍କୁ ଆପଣ ଆଣିଛନ୍ତି, ଦେଖିବେ, ସତକଥା ସବୁ ପ୍ରକାଶିତ ହୋଇଯିବ ।" ସେ ମୃଦୁହାସ୍ୟ କଲେ ମାତ୍ର । ଏହି ସମୟରେ ତାଙ୍କୁ ସାହେବଙ୍କ ଡକରା ହେଲା ଓ ସେ ଚାଲିଗଲେ । ସମବେତ ଲୋକଙ୍କ ଚିତ୍କାର ଆରମ୍ଭ ହେଲା, "ହଜୁର! ଦେୱାନଙ୍କ ଅତ୍ୟାଚାରରେ ଆମ୍ଭେମାନେ ମରିଗଲୁ । ଏହାଙ୍କୁ ବାହାର କରିଦିଆଯାଉ ।" କିଛି ସମୟ ଉତ୍ତାରେ ମୋତେ ଡାକରା ହେଲା ଓ ପୋଲିଟିକେଲ୍ ଏଜେଣ୍ଟ ଓ ରାଜାସାହେବ ବସିଥିବା କକ୍ଷରେ ମୁଁ ପ୍ରବେଶକଲି । ଜଣେ ଲୋକ ଆସି ସାହେବଙ୍କ ସମ୍ମୁଖସ୍ଥ ମେଜ ଉପରେ ଖଣ୍ଡେ କାଗଜ ରଖିଦେଲେ । ତାହା କ'ଣ ବୋଲି ସାହେବ ପଚାରିଲେ । ସେ କହିଲା, ବଣେଇର ପ୍ରଜାଙ୍କ ଦରଖାସ୍ତ । ତାହା ଓଡ଼ିଆରେ ଲେଖା । ପଢ଼ି ତାହାର ମର୍ମ ବୁଝାଇବା ପାଇଁ ସାହେବ ମୋତେ କହିଲେ । ପ୍ରଥମରେ ତାହା ମୁଁ ଆମୂଳଚୂଳ ପଢ଼ିଗଲି । ଦେଖିଲି, ମୋ ପାଖରେ ଯାହା ଅଛି ତାହା ଏହି ଦରଖାସ୍ତର ଅବିକଳ ନକଲ । ମୋର ଗୁପ୍ତଚର ସାହାଯ୍ୟରେ ମୁଁ ତାହା ହସ୍ତଗତ କରିଥିଲି । ପକେଟରୁ କାଢ଼ି କହିଲି, ଏହାର ନକଲ ମୋ ପାଖରେ ଅଛି ଓ ଏଥିରେ ଯାହା ଲେଖାଅଛି ସେ ସମସ୍ତ ମିଥ୍ୟା । ଇଂରେଜୀରେ ତାହାର ଅନୁବାଦ କରିଦେଲି । ଦରଖାସ୍ତରେ ଅଭିଯୋଗ ଥିଲା, ଦେୱାନ ଆସିଲା ଦିନରୁ ଜଙ୍ଗଲରୁ କାଠପତ୍ର ନେବାରେ ବିଶେଷ କଟକଣା ହୋଇଛି । ତାଙ୍କ ଅତ୍ୟାଚାରରେ ଷ୍ଟେଟ୍‌ର ସମସ୍ତ ପୁରୁଣା ଅଫିସରମାନେ ଚାଲିଯାଇଅଛନ୍ତି । ଆଉ କେତେ ସାମାନ୍ୟ ସାମାନ୍ୟ ବିଷୟ । ମୁଁ କହିଲି, ବଡ଼ ଦୁଃଖର ବିଷୟ, କେତେଦିନ ହେଲା ଏହି ଲୋକମାନେ ରାଜବାଟୀରେ ଜମା ହୋଇଛନ୍ତି ଓ ଏହି ଦରଖାସ୍ତ ସହିତ ରାଜା ସାହେବଙ୍କ ସମ୍ପର୍କ ଥିବା ମୋର ସନ୍ଦେହ ହୁଏ । ରାଜା ସାହେବ କହିଲେ, ସେ ଦୃଢ଼ଭାବରେ ଏହାର ପ୍ରତିବାଦ କରୁଛନ୍ତି ଓ ମୋର ସେହି ଉକ୍ତିର ପ୍ରମାଣ ଚାହାଁନ୍ତି । ମୋର ଉକ୍ତିର ପୋଷକତାରେ ରାଜାସାହେବଙ୍କୁ ଗୋଟାଏ ଦୁଇଟା ପ୍ରଶ୍ନ ପଚାରିବାକୁ ତାଙ୍କ ଓ ପୋଲିଟିକାଲ୍ ଏଜେଣ୍ଟଙ୍କ ଅନୁମତି ପ୍ରାର୍ଥନା କଲି ଓ ସେମାନେ ସମ୍ମତି ଦେବାରୁ ନିମ୍ନମତେ ପ୍ରଶ୍ନୋତ୍ତର ହେଲା:

ପ୍ରଶ୍ନ- ରାଜାସାହେବ! ଏହି ଷ୍ଟେଟ୍‌ର ଚମଡ଼ା ପଟ୍ଟାଦାର କାବୁଲିକୁ ଆପଣ ଜାଣନ୍ତି ?

ଉତ୍ତର- ହଁ, ଜାଣେ ।

ପ୍ରଶ୍ନ- ସେ କେବେ କେବେ ଆପଣଙ୍କ ସହିତ ସାକ୍ଷାତ କରେ ?

ଉତ୍ତର- ହଁ, କରେ ।

ପ୍ରଶ୍ନ- କିଛିଦିନ ପୂର୍ବେ ସେ ତାହାର ଜଣେ ପୁତୁରା ସହିତ ଆପଣଙ୍କ ସାକ୍ଷାତ କରିଥିଲା ?

ଉତ୍ତର- ହଁ ।

ପ୍ରଶ୍ନ- କେତେବେଳେ ?

ଉତ୍ତର- ସନ୍ଧ୍ୟାରେ । ଅନ୍ଧକାର ହୋଇଯାଇଥିଲା ।

ପ୍ରଶ୍ନ- କାବୁଲି ଓ ତାହାର ପୁତୁରା ସଙ୍ଗେ ଆପଣଙ୍କ କି କି କଥାବାର୍ତ୍ତା ହେଲା ଆପଣଙ୍କ ମନେ ଥିବ ତ ?

ଉତ୍ତର- ମୁଁ ତାହାର ପୁତୁରାକୁ ଯାହା ପଚାରିଲି ସେ ତାହାର ଉତ୍ତର ଦେଲାନାହିଁ । କାବୁଲି କହିଲା, ଏହି ଦେଶକୁ ସେ ନୂଆ ହୋଇ ଆସିଛି ଓ ଏହି ଦେଶର କୌଣସି ଭାଷା ସେ ବୁଝେ ନାହିଁ ।

ପ୍ରଶ୍ନ- କେତେ ସମୟ ଆପଣଙ୍କ ପାଖରେ ସେ ଥିଲା ?

ଉତ୍ତର- ପାଞ୍ଚ ଛଅ ମିନିଟ୍‌ରୁ ଅଧିକ ହେବ ନାହିଁ । ସଲାମ କରି କକାପୁତୁରା ଚାଲିଗଲେ ।

ପ୍ରଶ୍ନ- କିଛି ଭେଟି ଦେଇଥିଲା ?

ଉତ୍ତର- ହଁ, କିଛି କାବୁଲି ଫଳ, ଗୋଟିଏ ସାନ ଟୋକେଇରେ ।

ପ୍ରଶ୍ନ- ତା' ପରେ କେବେ ସେ ଆପଣଙ୍କ ସହିତ ସାକ୍ଷାତ କରିଥିଲା ?

ଉତ୍ତର- ନା ।

ପ୍ରଶ୍ନ- ତା'ପରେ ଆଉ କେବେ ଆପଣ ତାକୁ ବଣେଇରେ ଦେଖିଥିଲେ ?

ଉତ୍ତର- ନା ।

ପ୍ରଶ୍ନ- ତାହା ବିଷୟରେ କାହାରିଠାରୁ ଆଉ କିଛି ଶୁଣିଥିଲେ ?

ଉତ୍ତର- ନା ।

ପ୍ରଶ୍ନ- ଆଉ କେହି ସେହି ପୁତୁରାକୁ ଆଉ କେବେ ଦେଖିଥିବା କହିଥିଲେ ?

ଉତ୍ତର- ନା ।

ଏହା ଉତ୍ତାରେ ମୁଁ କହିଲି, "ରାଜାସାହେବ! କ୍ଷମାକରିବେ, ବର୍ତ୍ତମାନ ମୋଠାରୁ ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ସେହି ପୁତୁରା ଛଦ୍ମବେଶଧାରୀ ଆପଣଙ୍କ ଏହି ନିରୀହ ଦେୱାନ ମୋ ଭିନ୍ନ କେହି ନଥିଲା । ଏହା କହି ମୋ ନୋଟ୍ ଖାତାରେ ଯାହା ଲେଖିଥିଲି ସାହେବଙ୍କ ସମ୍ମୁଖରେ ରଖିଦେଲି ଓ ରାଜାସାହେବଙ୍କୁ ତାହା ପଢ଼ି ଶୁଣାଇଦେବାକୁ ଅନୁରୋଧ କଲି । ରାଜାସାହେବ ମୋ ମୁହଁକୁ ବଲ ବଲ ହୋଇ ଅନାଇବାକୁ ଲାଗିଲେ । ତାଙ୍କ ପାଟିରୁ ଆଉ କଥା ନାହିଁ । ମୁହଁ ଫିକା ପଡ଼ିଗଲା । ସେ ଗମ୍ଭୀର, ନିରବ, ତତ୍ପରେ ମୋ ପକେଟରୁ କୃତ୍ରିମ ନିଶ, ଦାଢ଼ି ବାହାର କଲି ମୁହଁରେ ଲଗାଇଦେଇ କିପରି କାବୁଲି ବେଶଧରି ରାଜାସାହେବଙ୍କ ମନ୍ତ୍ରଣାଳୟକୁ ଯାଇଥିଲି ବର୍ଣ୍ଣନା କଲି । ରାଜାସାହେବ ପୂର୍ବପରି ନିର୍ବାକ୍ ହୋଇ ବସି ରହିଲେ ।

ତତ୍ପରେ ବାହାରକୁ ଟିକିଏ ଆସିବା ପାଇଁ ସାହେବଙ୍କୁ ଅନୁରୋଧ କଲି । ସାହେବ ବଙ୍ଗଳା ବାରଣ୍ଡାରେ ଛିଡ଼ା ହେଲାରୁ ମୋ ସାଙ୍ଗେ ଆଣିଥିବା ଡାକ୍ତରଖାନାର ବହିରୁ ସେହିଦିନର ଘଟଣାରେ ଜଖମ ହୋଇଥିବା ଲୋକଙ୍କ ନାମ ଜଣଜଣ କରି ଡାକିଲି । ୨୦/୨୫ ଜଣ ଲୋକ ମୋ ଇଙ୍ଗିତମତେ ଛିଡ଼ାହେଲେ । ତତ୍ପରେ ପ୍ରତ୍ୟେକ ଲୋକଙ୍କ ପିନ୍ଧାଲୁଗା କାହାର ଆଣ୍ଠୁ ଉପରକୁ ଟେକି ଧରିବାକୁ ଓ କାହାର କହୁଣି ଆଦି ଦେଖାଇବାକୁ କହିଲି । ଜଣଜଣ କରି ଦେଖାଇବାକୁ ଲାଗିଲେ । ଦେଖାଗଲା, ସମସ୍ତଙ୍କ ଦେହରେ ଜଖମ । ଜଖମ କିପରି ହେଲା ବୋଲି ସେମାନଙ୍କୁ ପଚାରିଲି ଓ ପ୍ରତ୍ୟେକେ ଯାହା କହିଲେ ତାହା ସାହେବଙ୍କୁ ବୁଝାଇଦେଲି । କିଏ କହିଲା, ଗାଧୋଇ ଯାଇଥିଲାବେଳେ ପୋଖରୀ କୂଳରେ, କିଏ କହିଲା ବିଲ ହିଡ଼ ଉପରେ ଖସି ପଡ଼ିଥିଲା । ସାହେବଙ୍କୁ କହିଲି, ଏତେ ଜଖମା ଲୋକ ଭିନ୍ନ ଭିନ୍ନ ଗ୍ରାମରୁ ଆସି ବଣେଇଗଡ଼ରେ ଉପସ୍ଥିତ ହେଉଥିବା ବିସ୍ମୟକର ନୁହେଁ କି, ତତ୍ପରେ ଏ ସମ୍ବନ୍ଧରେ ମୋ ରଚିତ ଘଟଣାର ବର୍ଣ୍ଣନା କଲି ଓଓ ରାଜାସାହେବଙ୍କ ଆଡ଼କୁ ହାତଯୋଡ଼ି କହିଲି, "ଅତ୍ୟନ୍ତ ଦୁଃଖର ବିଷୟ, ଏ ସମସ୍ତ ରାଜାସାହେବଙ୍କ କୃତ । ମୋର ତ ଲୋକମୁଖ ପ୍ରମାଣ ପାଇବା ଉପାୟ ନାହିଁ । ରାଜାଙ୍କ କ୍ଷମତା ନଥିଲେ ମଧ ରାଜ୍ୟରେ ସମସ୍ତେ ତାଙ୍କ ପ୍ରଜା । ପ୍ରମାଣ ସକାଶେ ମୋତେ ଏ ସମସ୍ତ ଉପାୟ ଉଦ୍ଭାବନ କରିବାକୁ ହେଲା ।" ସାହେବ କକ୍ଷ ମଧ୍ୟକୁ ପ୍ରବେଶ କଲେ ଓ ରାଜାସାହେବ ଓ ମୁଁ ତାଙ୍କ ଅନୁସରଣ କଲୁ । ସାହେବ ଲୋକଙ୍କ ଦରଖାସ୍ତ ବା ଷ୍ଟେଟ୍ ବିଷୟରେ ଆଉ କିଛି ନାହିଁ ଓ ମୋତେ ବାହାରକୁ ଯାଇ ଅପେକ୍ଷା କରିବାକୁ କହିଲେ । ପ୍ରାୟ ଅଧଘଣ୍ଟା ପରେ ରାଜାସାହେବ ବାହାରି ଚାଲିଗଲେ । ସେ ଚାଲିଗଲାରୁ ସାହେବ ଡାକିଲେ ଓ ମୁଁ କକ୍ଷ ମଧ୍ୟକୁ ପ୍ରବେଶ କଲା ମାତ୍ରକେ ହୋ ହୋ କରି ହସିଲେ । ଏହା ପୂର୍ବେ କେବେ ମୁଁ ଫିଲିପ୍ ସାହେବଙ୍କୁ ହସିବା ଦେଖି ନଥିଲି । ସାହେବ କହିଲେ "You have to do all this" (ଏ ସବୁ ଆପଣଙ୍କୁ କରିବାକୁ ହେଉଛି?) ମୋତେ ଆଉ କିଛି କହିବା ପାଇଁ ଅବସର ସୁଦ୍ଧା ଦେଲେନାହିଁ । କିଛି ସମୟ ତୁନି ହୋଇ ରହିଲେ । ଏହା ଫିଲିପ୍ ସାହେବଙ୍କ ଅଭ୍ୟାସ । କୌଣସି ବିଷୟ ଭାବିବସିଲେ ସେ ମୁଣ୍ଡରେ ଦୁଇହାତ ଦେଇ, ମୁହଁ ତଳକୁ କରି ଆଙ୍ଗୁଳି ସବୁ ହଲାଉଥାନ୍ତି ଓ ଅନେକ ସମୟପରେ କଥା କହନ୍ତି । "A tremendous indeed" (ପ୍ରକୃତରେ ଭୀଷଣ କଷ୍ଟକର କାର୍ଯ୍ୟ) କହି ପୁଣି ବାହାରକୁ ଆସିଲେ ଓ ସମବେତ ଲୋକଙ୍କୁ ଓଡ଼ିଆ ଭାଷାରେ କହିଲେ, "ତୁମ୍ଭେମାନେ ଯାହା ଦରଖାସ୍ତରେ ଲେଖିଛ ସେ ସବୁ ମିଛ । ଆଉ ସେପରି କଲେ ସଜା ପାଇବ; ଯାଅ ।" ଦରଖାସ୍ତ ଲିଖିତ ଅଭିଯୋଗ ଗୁଡ଼ିକର ଉତ୍ତର ମଧ ମୁଁ ସାହେବଙ୍କୁ ଦେଇଥିଲି । ସାହେବ ତତ୍ପରେ ମୋତେ ଯିବାପାଇଁ କହିଲେ । ମୁଁ ଚାଲିଗଲି ଓ ମୋ ପଛରେ ଲୋକମାନେ ମଧ ଚାଲିଗଲେ ।

(କ୍ରମଶଃ)

## ପର୍ଦ୍ଦା ପଛର କଥା

ଭାଗ- ୩୧

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।



### ॥ ନନ୍ଦିନୀ ଆଇ ଲଭ୍ ୟୁ ॥

୨୦୦୮ ମସିହାରେ ମୋର ଚାରିଗୋଟି ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା । ହସିବ ପୁଣି ମୋ ସୁନା ସଂସାର, ମୁନା ଏ ଲୋଭ ଷ୍ଟୋରି, ନନ୍ଦିନୀ ଆଇ ଲଭ ୟୁ ଏବଂ ଆରେ ସାଥୀ ଆ । ମୁନା ଏ ଲଭ ଷ୍ଟୋରୀ ଓ ଆରେ ସାଥୀ ଆ ନିର୍ଦ୍ଦେଶକ ଏନ୍. ପାଢ଼ୀଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର ଥିଲା । 'ନନ୍ଦିନୀ ଆଇ ଲଭ ୟୁ' ଅଶୋକ ପତିଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା । ଏହା ଥିଲା ଅଶୋକ ପତିଙ୍କ ସହ ମୋର ପ୍ରଥମ ଚଳଚ୍ଚିତ୍ର । 'ମୁନା ଏ ଲଭ ଷ୍ଟୋରୀ' ଓ 'ନନ୍ଦିନୀ ଆଇ ଲଭ୍ ୟୁ' ଗୋଟିଏ ସପ୍ତାହ ଅନ୍ତରରେ ରିଲିଜ୍ କରିଥିଲା । ଦୁଇଟିଯାକ ଚଳଚ୍ଚିତ୍ର ବେଶ୍ ଚର୍ଚ୍ଚାରେ ଥିଲା । ତେବେ 'ନନ୍ଦିନୀ ଆଇ ଲଭ ୟୁ' ର ପ୍ରଯୋଜକ ଥିଲେ ଅନାମ ଚରଣ ସାହୁ । ମୋ ଗାଁ ପାଖ ଗାଁରେ ଅନାମ ବାବୁଙ୍କ ଶ୍ୱଶୁର ଘର । ଆଗରୁ ପରିଚିତ । ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ ଅନାମ ବାବୁଙ୍କର ଅନେକ ଗୁଡ଼ିଏ ମ୍ୟୁଜିକ ଆଲ୍‌ବମ୍‌ର ସଂଗୀତ ନିର୍ଦ୍ଦେଶନା ଦେଇଥାନ୍ତି । ଚଳଚ୍ଚିତ୍ର ନିର୍ମାଣ ନିମନ୍ତେ ପ୍ରଶାନ୍ତ ବାବୁ ଅନାମ ବାବୁଙ୍କୁ ପ୍ରୋତ୍ସାହିତ କଲେ । ସେତେବେଳେ ଅଶୋକ ପତି ଦୁଇ ଦୁଇଟି ଚଳଚ୍ଚିତ୍ରର ସଫଳ ନିର୍ଦ୍ଦେଶନା ଦେଇ ଚର୍ଚ୍ଚାରେ ଥାନ୍ତି ।

'ପ୍ରେମୀ ନଂ ୱାନ୍' ଚଳଚ୍ଚିତ୍ରର ସୁଟିଂ ରସୁଲଗଡ଼ରେ ଚାଲିଥାଏ । ସୁଟିଂ ସମୟରେ ନିର୍ଦ୍ଦେଶକ ସୁଧାଂଶୁ ସାହୁ ମତେ ଅଶୋକ ପତିଙ୍କ ସହ ମିଶାଇ ଦେଲେ । ଅଶୋକ ବାବୁଙ୍କ ସହ ବନ୍ଧୁତ୍ୱ ବଢ଼ିଲା ।

ପ୍ରଶାନ୍ତ ପାଢ଼ୀ ଅଶୋକ ପତିଙ୍କୁ ନିର୍ଦ୍ଦେଶନା ଦେବାପାଇଁ ମନସ୍ଥ କରି ଅନାମ ବାବୁଙ୍କୁ କହିଲେ । ଅଶୋକ ପତି ମତେ ଏ ଚଳଚ୍ଚିତ୍ରରେ ସଂଳାପ ଲେଖିବା ପାଇଁ କହିଲେ । ପ୍ରଶାନ୍ତ ବାବୁ ମୋର ପୁରୁଣା ବନ୍ଧୁ । ତାଙ୍କ ସଂଗୀତ ନିର୍ଦ୍ଦେଶନାରେ ମୁଁ ଗୀତ ନ ଲେଖିଥିଲେ ବି ବଂଧୁତ୍ୱ ଥାଏ । ସହିଦ ନଗରସ୍ଥିତ ତାଙ୍କର କ୍ୟାସେଟ୍ ଦୋକାନରେ ବହୁତ ଗପ ଜମେ । ସେ କ୍ୟାସେଟ୍ ଦୋକାନରେ ବହୁ କଣ୍ଠଶିଳ୍ପୀ ଗୀତିକାର ମାନଙ୍କର ଖଟି ଜମୁଥାଏ । ପ୍ରଶାନ୍ତ ବାବୁ, ଅନାମ ବାବୁ ଓ ଅଶୋକ ପତିଙ୍କ ସହ କାମ କରିବାର ସୁଯୋଗ ପାଇବାରୁ ମୁଁ ଖୁବ୍ ଉତ୍ସାହିତ ଥାଏ । ଗୋଟିଏ ବହୁ ପ୍ରଚାରିତ ହିନ୍ଦି ଫିଲ୍ମର କାହାଣୀ ଅନୁକରଣରେ ଆମ ଚଳଚ୍ଚିତ୍ରର କାହାଣୀ ପ୍ରସ୍ତୁତ ହେଲା । ମନରେ ଭୟ ଲାଗୁଥାଏ । ସାଧାରଣତଃ ଗୋଟିଏ ହିଟ୍ ସାବ୍ୟସ୍ତ ହୋଇଥିବା ଚଳଚ୍ଚିତ୍ରର କାହାଣୀ ରିମେକ କରିବା ବେଳେବେଳେ ରିସ୍କ ସାବ୍ୟସ୍ତ ହୋଇଥାଏ । ତେବେ ଆମେ କାହାଣୀଟି ଅନେକ ପରିବର୍ତ୍ତନ କରିଥିଲୁ ।

ପ୍ରଥମେ ଏହି ଚଳଚ୍ଚିତ୍ରରେ ନାୟକ ଭାବରେ ଅରିନ୍ଦମ୍‌ଙ୍କୁ ଚୁକ୍ତିବଦ୍ଧ କରାଯାଇଥିଲା । ଆଡ୍‌ଭାନ୍ସ ମଧ ଦିଆଯାଇଥିଲା । କିନ୍ତୁ କୌଣସି କାରଣରୁ ଅରିନ୍ଦମ ରାଜି ହେଲେ ନାହିଁ । ଅରିନ୍ଦମ୍‌ଙ୍କ ସ୍ଥାନରେ ବୁଦ୍ଧାଦିତ୍ୟଙ୍କୁ କାଷ୍ଟିଂ କରାଗଲା । ଅନ୍ୟାନ୍ୟଙ୍କ ମଧରେ ସିଦ୍ଧାନ୍ତଙ୍କୁ ନିଆଗଲା । ମୋଟାମୋଟି ଭାବରେ କହିବାକୁ ଗଲେ ବୁଦ୍ଧାଦିତ୍ୟ ଓ ସିଦ୍ଧାନ୍ତଙ୍କ କେମେଷ୍ଟ୍ରି ବହୁତ ଜମିଥିଲା । ନାୟିକା ଭାବରେ ମୁମ୍ବାଇର ଜଣେ ମଡେଲଙ୍କୁ ନିଆଗଲା । ବୁଦ୍ଧାଦିତ୍ୟଙ୍କ କ୍ୟାରିୟରରେ ଏହି ଫିଲ୍ମଟି ଏକ ଟର୍ଣ୍ଣିଂ ପଏଣ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ । ବୁଦ୍ଧାଦିତ୍ୟ ତାଙ୍କ ଚରିତ୍ରଟିକୁ ଅତ୍ୟନ୍ତ ପ୍ରଭାବଶାଳୀ କରି ତୋଳିଥିଲେ ।

ଚଳଚ୍ଚିତ୍ରଟିର ସଫଳରେ ଅନ୍ୟତମ କାରଣ ଥିଲା ଏହାର ସଂଗୀତ । ଯଦିଓ ପ୍ରଶାନ୍ତ ପାଢ଼ୀଙ୍କର ଏହାଥିଲା ଓଲିଉଡ୍‌ରେ ପ୍ରଥମ ପ୍ରବେଶ, ସେ ଚଳଚ୍ଚିତ୍ରର ସବୁ ଗୀତଗୁଡ଼ିକୁ ଅତ୍ୟନ୍ତ ଯତ୍ନ ସହକାରେ ସଜାଇଥିଲେ । ସବୁ ଗୀତ ଗୁଡ଼ିକ ହିଟ୍ ସାବ୍ୟସ୍ତ ହୋଇଥିଲା । ଅଭିଜ୍ଞ ନିର୍ଦ୍ଦେଶକ ଅଶୋକ ପତି ସବୁଦିଗରୁ ଚଳଚ୍ଚିତ୍ରଟିର ନିର୍ମାଣ କ୍ଷେତ୍ରରେ ଯତ୍ନବାନ ଥିଲେ । ଗୀତ ଗୁଡ଼ିକର ପିକ୍‌ଚରାଇସନ୍ ଓଡ଼ିଶାର ବହୁ ମନୋରମ ପ୍ରାକୃତିକ ସ୍ଥାନରେ କରାଯାଇଥିଲା ।

ପ୍ରଶାନ୍ତ ବାବୁ ଯେ କେବଳ ସଂଗୀତ ନିର୍ଦ୍ଦେଶକର ଭୂମିକା ତୁଲାଉଥିଲେ ତାହା ନୁହେଁ, ଯେହେତୁ ଅନାମ ବାବୁ ଥିଲେ ଚଳଚ୍ଚିତ୍ର ପ୍ରଯୋଜନା କ୍ଷେତ୍ରରେ ନବଗତ, ତେଣୁ ପ୍ରଶାନ୍ତ ପାଢ଼ୀଙ୍କୁ ପ୍ରାୟତଃ ସବୁ କ୍ଷେତ୍ରରେ ମୁଣ୍ଡ ପୁରାଇବାକୁ ପଡୁଥିଲା । ଆର୍ଟିଷ୍ଟ ସିଲେକ୍‌ସନ ଠାରୁ ଆରମ୍ଭ କରି ଲୋକେସନ୍ ସ୍ଥିର କରିବା ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ପ୍ରଶାନ୍ତ ପାଢ଼ୀ ଇନ୍‌ଭଲ୍‌ଭ ଥିଲେ ।

ଅଗଷ୍ଟ ସାତ ତାରିଖ ୨୦୦୮ ମସିହାରେ ଚଳଚ୍ଚିତ୍ରଟି ଓଡ଼ିଶାରେ ମୁକ୍ତିଲାଭ କରିଥିଲା । ଦର୍ଶକ ମାନଙ୍କର ଆଶାତୀତ ଲୋକପ୍ରିୟତା ଆମକୁ ଉତ୍ସାହିତ କରିଥିଲା । ସିନେମା ହଲ୍ ଗୁଡ଼ିକରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହେଉଥିଲା । ହଲ୍‌ରୁ ବାହାରିବା ପରେ ଦର୍ଶକମାନଙ୍କ ମୁହଁରେ ବୁଦ୍ଧାଦିତ୍ୟଙ୍କ ସଂଳାପ ଅଥବା "ହାତକାଟି ରକତରେ ଲେଖି ଦେଲି ନାଁ' ଗୀତଟି ଥିଲା ।

ପ୍ରଥମ ଫିଲ୍ମରୁ ହିଁ ପ୍ରଶାନ୍ତ ପାଢ଼ୀ ଓଲିଉଡ୍ ଜଗତରେ ଜଣେ ସଫଳ ସଂଗୀତ ନିର୍ଦ୍ଦେଶକର ଆସନ ସୃଷ୍ଟି କରିପାରିଥିଲେ ଏବଂ ଜଣେ କମର୍‌ସିଆଲ ଫିଲ୍ମର ଲେଖକ ଭାବରେ ମୋର ପରିଚିତି ସୃଷ୍ଟି ହୋଇ ପାରିଥିଲା । ଚଳଚ୍ଚିତ୍ରଟିର ଚିତ୍ରନାଟ୍ୟ ପ୍ରସ୍ତୁତି ସମୟରେ ଅଶୋକ ବାବୁଙ୍କ ସହ ବହୁ ଆଲୋଚନା ହେଉଥିଲା । ଗୋଟିଏ ଗୋଟିଏ ସିକ୍ୟୁଏନ୍ସର ଭିନ୍ନ ଭିନ୍ନ ଦିଗ ପ୍ରତି ଆଲୋଚନା କରାଯାଉଥିଲା । ଅଶୋକ ବାବୁଙ୍କ ବାଣୀବିହାରସ୍ଥିତ କ୍ୱାଟର୍‌ରେ ବସି ମୁଁ ଏହି ଚଳଚ୍ଚିତ୍ରର ସ୍କ୍ରିପ୍ଟ ପ୍ରସ୍ତୁତ କରିଥିଲି । ବହୁ ଦୃଷ୍ଟିରୁ 'ନନ୍ଦିନୀ ଆଇ ଲଭ୍ ୟୁ'କୁ ମୋ କ୍ୟାରିୟରର ଅନ୍ୟତମ ମାଇଲ୍ ସ୍ତମ୍ଭ ଭାବରେ ମୁଁ ମନେ କରେ । (କ୍ରମଶଃ)

## କବିତା.... ଆମ ସମୟର

### ପ୍ରଭାତ ନଳିନୀ ମହାପାତ୍ର



### ॥ କବିତାର ଭାଗ୍ୟ ॥

କବିତା ମାନେ ନେଇ ଆସିଥାନ୍ତି
ନିଜେ ନିଜର ଭାଗ୍ୟ
ସେମାନଙ୍କ ଜନ୍ମଜାତକ
ଲେଖା ସରିଥାଏ କୋଉ କାଳରୁ
ଅଥଚ ଅପେକ୍ଷା ଥାଏ
ଗୋଟେ ଆଧାରର ଅବଲମ୍ବନକୁ ।

ଭିକାରୀ ରୁ ରାଜାପୁଅ ପରି
ବଦଳି ଥାଏ ସେମାନଙ୍କ ଭାଗ୍ୟ
କିଏ ଫିଂଗା ହୁଏ ଚିରାହୋଇ ଡଷ୍ଟବିନ୍ ରେ
ତ କିଏ ରହେ ଡାଏରୀ ପୃଷ୍ଠାରେ
କିଛି ଆବୃତ୍ତି ହୁଅନ୍ତି
କବିତା ପାଠୋତ୍ସବରେ ଓ

ଆଉ କେହି ରୂପ ପାଆନ୍ତି
ଛାପା ଅକ୍ଷର ଓ ସୁଦୃଶ୍ୟ ମଲାଟରେ ।

କୁମ୍ଭାର ପରି କବି ଗଢ଼େ ସେମାନଂକୁ
ରୂପ ଦିଏ କେତେ ରଂଗରେ
କିଏ କହେ ବିପ୍ଳବ ର କଥା ତ
କିଏ ଶୁଣାଏ ଶାନ୍ତିର ବାର୍ତ୍ତା,
ଜୀବନର ମନ୍ତ୍ରପାଠ,
କେହିବି ପାଲଟନ୍ତି ଦୁଃଖର ସଂଜୀବନି
କ୍ଷତର ମଲମ।


ସ୍ୱର୍ଗ ର ଅପ୍ ସରା କି
ରୂପ କଥାର ପରୀ ପରି
ସେମାନେ ଓହ୍ଲାନ୍ତି ପୃଥିବୀକୁ
ଖାଲି ଅପେକ୍ଷା ଥାଏ
ଗୋଟେ ସ୍ୱାତୀଲଗ୍ନ କୁ।

ତେବେ ଚିରକାଳ ତ କବି
ବଂଧା ମାଟିର ପ୍ରେମରେ
ଏ ଦେହ ତ ମାଟିଗଢା
ଦିନେ ପୁଣି ମିଶିବ ମାଟିରେ
ସେଥିପାଇଁ ଦ୍ୱିତୀୟ ଈଶ୍ୱର
ଛାଡିପାରେନା ମାଟିମୋହ
କାହାକୁ କିଛି କହିନପାରି
ନିଜ ଭିତରେ ଘାରି ହେଉଥାଏ।

❤ଅବସର ପ୍ରାପ୍ତ ପ୍ରାଧାପିକା
ସାମରାଇ ପୁର,ଭଦ୍ରକ।



### ନକୁଳ ଚଂଦ୍ର ସାହୁ



### ॥ ଶ୍ୱେତ ନଦୀ ॥

ଈଶ୍ୱରଂକ ଦିଗକୁ ରାସ୍ତାଟି ଲଂବ
ସଂସାର ଦିଗକୁ ରାସ୍ତାଟି ସୁପ୍ରଶସ୍ତ,
ଏବଂ ଜୀବନ ଦିଗକୁ ବିଶୁଦ୍ଧ ନୀରସ
ଚେହେରାଟି ଶୁଷ୍କ!

ମାତ୍ର ପରିଣାମ ପ୍ରଚୁର, ସଂତୋଷଜନକ;
ତୁମେ ଆଧ୍ୟାତ୍ମିକ ରାସ୍ତା ବାଛ
ଯେତେବେଳେ ତୁମେ ହୋଇଯାଅ ନିରସ୍ତ୍ର
ଅଜ୍ଞାନତା ତୁମକୁ କରାଏ ପରାସ୍ତ

ଫିଜିକାଲ୍ ଲାଇଫ୍‌ରେ ହାରି ଯାଇଥିବା ମଣିଷ
ଯେଉଁ ଅବସ୍ଥାର ଚଦର ତୁମେ ଘୋରେଇ ହୋଇଚ
ଜନ୍ମ ପୂର୍ବରୁ ତାହା ନ ଥିଲା ତ!

ଏବେ ସ୍ଥୂଳ ଦେହରେ କେଉଁଠୁ ଆସିଲା ଏଇ କୃଷ୍ଣପୁଷ୍ପ?

କେଉଁଠୁ ଆସିଲା ଏଇ ନୀଳ ବାସ୍ନା
ଅଫିମପରି ଏମିତି କେମିତି ବାସୁଛି;
ଶ୍ୱେତ ନଦୀର ଜୋନ୍‌ରେ କିଏ ଏମିତି ଆର୍କିଟେକ୍‌ଚର କରିଛି
ନିଜେ ଇନ୍‌ଷ୍ଟାଣ୍ଟ୍ ନା ନିଜେ ଇନ୍‌ଷ୍ଟିଂକ୍ଟ!!

❤ଶବ୍ଦଘର, ଗୋଡ଼ିସାହି,
କଟକ-୭୫୪୦୦୬
(ମୋ) ୯୪୩୭୭୪୦୨୬୪

### ନାରାୟଣ ସାହୁ



### ॥ ସାକ୍ଷୀ ॥

ଗୋଟେ ଗାଢ଼ ନୀଳରଙ୍ଗର ମଶାରୀ ତଳେ
ମଶା ବୁଲିଲା ଭଳି ଉଡୁଥିଲେ ପକ୍ଷୀଦଳ,
ପେଣ୍ଡୁଲମ୍ ଭଳି ଦୋଳାୟମାନ ଧରାରେ
ବାସ କରୁଥିବା ମଣିଷ, ପଙ୍ଗୁ ଭଳି
ଜାବୁଡ଼ି ହୋଇଥିଲେ ସ୍ୱୟଂ।

ଧରାକୁ ସରା ମଣି, ମଣିଷ ସମ କାଉମାନେ
ପଥର ଫିଙ୍ଗୁଥିଲେ ଶୋଷରେ,
ପାଣି ଉଠୁଥିଲା କିଛି, ସରୁଥିଲା ଅଧିକ ପୁନଃ
ବଳୁଥିଲା କିଛି।

ଓ
ଏ ମଧରେ ଛୁଆଙ୍କ ହାତରେ
କଣ୍ଢେଇ ଖେଳାଇ ଦେଲାଭଳି
ବା ଧାନ ବେଙ୍ଗଳା ଭଳି ପଡ଼ିଥିଲା
ବାଟ ମଝିରେ ହାଟ।

ହାଟରେ ସବୁଦିନ ଭଳି ସେଇମିତି ଭିଡ଼
'ପ୍ରସିଦ୍ଧ ଗଜା' ବିକୁଥିବା ଦୋକାନୀର

ଗଜାରେ ହଜାର ହଜାର ମାଛିଙ୍କ ଆବାହନ
ଶହେରେ କିଲେ ଦୁଇଶହରେ ତିନି
ଡାକ ଛାଡ଼ିବାର ଶବ୍ଦ,

ସେଇମିତି ଛୁଆ କାଖେଇଥିବା ଭିକାରୁଣୀ
ପହଞ୍ଚି ଯାଉଥିଲା ଲସି ସେଣ୍ଟରରେ
ହାତ ପାତେଇବାକୁ
ହେଲେ ତୁଚ୍ଛା ଗାଳି ଆଉ ତଡ଼ା ଖାଇ
ଫେରିଯାଉଥିଲା ଅଭିଶାପ ଦେଇ।

ସେଇମିତି, ତଣ୍ଟିଆଖିଆ ଶଶୁର ଓ ଶାଶୂଙ୍କର
ଥାଳି ଧରି ମିଛ 'ବାପ ଧନ' ଡାକିବାର
ଶବ୍ଦ,
ବୁଢ଼ୀମା ଗପରୁ ମୁକ୍ତି ପାଇଥିବା
ପାଞ୍ଚବର୍ଷ ଝିଅର
ହାତରେ ଟଙ୍କିକିଆ ଦି ଟଙ୍କିଆ ଧରି
ବିକଳ ଚାହାଣୀର ଦୃଶ୍ୟ,
ଓ ବାପ ଶାସନ କଣ ବୋଲି ଜାଣିନଥିବା

ଚଉଦ ବର୍ଷ ବୟସ
ପୁଅଟିର ଚୋରି କରିବାର ସାହସ ।
ବିଭୂତି,ସିନ୍ଦୂର,ନିର୍ମାଲ୍ୟ ଓ ମୂର୍ତ୍ତି ଧରି
ଦୟନୀୟ ଆଖିରେ ବିକୁଥିବା ବୁଢୀମା
ଅଥୟ କରିଥିଲା ମୋତେ।


ଦେଖେ ତ, ସେଇ
ହାଟର ଜଙ୍ଘରେ ମୁଣ୍ଡଦେଇ ଶୋଇପଡିଥିଲା
ଶ୍ରୀମନ୍ଦିର ବଡ଼ଦାଣ୍ଡ
ଓ ବଡଦାଣ୍ଡରେ ଚୌକି ପକେଇ
ବସିଥିଲା କାଳିଆ ରଜା ।

ମୋ ଆଖିରେ ବଡ଼ଦାଣ୍ଡରେ
ନୃତ୍ୟ କରୁଥିବା ନର୍ତ୍ତକୀ
ଗୀତ ଗାଉଥିବା ଗାୟକ
କବିତା ପଢୁଥିବା କବି
ଦୂରଦୂରାନ୍ତରୁ ଆସିଥିବା ଅତିଥି
କାଳିଆ ଡୋରି ଲାଗିଥିବା ଭକ୍ତ
ଜଗନ୍ନାଥଙ୍କ ସେବକ ଓ ବଡ଼ପଣ୍ଡା
କୁଆଡେ ଭାରି ନିର୍ଦ୍ଦୟ।

ସେତେବେଳେ,
ଶ୍ରୀମନ୍ଦିର ଦେଉଳରୁ, ପାରା ଆସି ଦେଇଯାଏ
ଚିଠିଟି କାହାର,
ଚିଠିରେ ଲେଖାଥାଏ
'ଧର୍ମ ଏଠି କିଣା ବିକା,
ସାକ୍ଷୀ ରଖି ଗୀତା ଭାଗବତ
ଅଧର୍ମର ବାଃ ବାଃ, ସବୁ ଏଠି ଲାଞ୍ଛୁଆ ଭକତ'
ଦୁଃଖୀରଙ୍କ ଜୀବନଟା ଜଗତରେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର
ହଉ ସେ ବଡ଼ଦାଣ୍ଡ ଅବା ହଉ ମନ୍ଦିରର ବେଢ଼ା
ସାକ୍ଷୀ ସେଇ ଜଗନ୍ନାଥ ଶ୍ରୀମନ୍ଦିର ନେତ ।

❤ଚଣ୍ଡିଖୋଲ, ଯାଜପୁର

### ଧନଞ୍ଜୟ ସ୍ୱାଇଁ



### ॥ ପକ୍ଷୀଗୀତ ॥

ଧୂସର ମାଟିରେ ତୋଳିପାରେ ପକ୍ଷୀ
ସବୁଜ ତୃଣରେ ଘର
(ତା) ପକ୍ଷ ମେଲିଲେ ସକାଳ ପିନ୍ଧଇ
କାକରର କାନଫୁଲ ।

ତା' ଲାଗି ଆକାଶ ନୀଳ ଓ ନିବିଡ଼
ଝରାଇ ମେଘରୁ ପାଣି
ପୂର୍ବାଶାର ଘନଅଂଧାର ଚିରି
ସୂରୁଜ ଦେଖାଏ ଠାଣି
ପକ୍ଷୀ ଜାଣେ ନାହିଁ ମନ୍ଦିର,ମସ୍‌ଜିଦ୍,
ଗୀର୍ଜା, କି ଗୁରୁଦ୍ୱାର
ସବୁଜ ତୃଣରେ ଘର... ।

(ତାର) ପାଖୁଡ଼େ ଗୀତରେ ଫୁଲ ଓଠେ ଅବା
ସ୍ମିତଧାରେ ଯଏ ଖେଳି
ଥଣ୍ଟଖୁମ୍ପାରେ ତା' ସାରା ଖରାବେଳ
ନିମିଷକେ ଉଠେ ଥରି
ପକ୍ଷୀ ଜାଣେ ନାହିଁ ରାଜା, ରଙ୍କ କିଏ
କଟୁଆଳ, କିଏ ଚୋର
ସବୁଜ ତୃଣରେ ଘର.. ।

❤ସ୍ୱତନ୍ତ୍ର ଶାସନ ସଚିବ,
ଶକ୍ତିବିଭାଗ, ଖାରବେଳ ଭବନ
ଭୁବନେଶ୍ୱର-୭୫୧୦୦୧
(ମୋ) ୯୪୩୭୦୦୦୬୩୬

# ଧ୍ୱନି ପ୍ରତିଧ୍ୱନି

**ବାଲେଶ୍ୱର, ରବିବାର, ୦୯ ଜାନୁଆରୀ, ୨୦୨୨**




## ପ୍ରେମରେ ପ୍ରେମରେ ଗୀତି ....(୨୯)



### ॥ ତୁମରି ପୁରୁଣା ଗୀତି ॥


ପାନ୍ଥଶାଳା ଯିଏ ତୁମ ମଧୁଶାଳେ
କାଟିଛି କେତେ ଯେ ରାତି,
ସେ ଅତିଥି ଆଜି ପାରୁନାହିଁ ବୁଝି
ତୁମରି ପୁରୁଣା ଗୀତି ।

ଅଛି ବି ସେ ଗୀତ ଅଛି ବି ସେ ପାନ୍ଥ
ସ୍ୱର ବଦଳିଛି ଖାଲି,
ରାତିର ଅତିଥି ମେଣ୍ଟାଇ ତା' କ୍ଳାନ୍ତି
ପାନ୍ଥଶାଳା ଯାଏ ଭୁଲି,
ହୁଏ ଅଙ୍କକଷା ହୃଦୟର ଭାଷା
କାହିଁ ବା ସେଦିନ ପ୍ରୀତି ।

ଯେଉଁ ମଧୁଶାଳେ ଆସୁଥିଲା ସାଥୀ
ପ୍ରୀତିର ପାଲିଙ୍କି ଚଢ଼ି,
ଫେରୁଥିଲା ପୁଣି ଆର ରାତି ପାଇଁ
ମୁଠା ମୁଠା ସ୍ମୃତି ଛାଡ଼ି,
ଆଜି ସେ ଅତିଥି
ଆଉ ସେଇ ସ୍ମୃତି
ଚିରି ଦେଇଯାଏ ଛାତି ।



■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧


## ■ ସ୍ମରଣୀୟେଷୁ ■

# ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦ



ଊନବିଂଶ ଶତାବ୍ଦୀର ଶେଷଭାଗରେ ଭାରତବର୍ଷରେ ଯେତେବେଳେ ବସ୍ତୁବାଦ, ବ୍ୟକ୍ତିବାଦ ବୃଦ୍ଧି ପାଇ ମନୁଷ୍ୟ ନିଜର କ୍ଷୁଦ୍ର ସ୍ୱାର୍ଥ ପାଇଁ ଅନ୍ୟକୁ ଶୋଷଣ କରି ଚାଲୁଥିଲା, ଭାରତବାସୀ ନିଜର ଆଦର୍ଶ, ଆତ୍ମବିଶ୍ୱାସ ଏବଂ ଆଧ୍ୟାତ୍ମିକତାର ମୂଲ୍ୟବୋଧକୁ ହରାଇ ବଡ଼ ସଂକଟପୂର୍ଣ୍ଣ ପରିସ୍ଥିତି ଦେଇ ଗତି କରୁଥିଲେ, ଠିକ୍ ସେହି ସମୟରେ ପ୍ରତିଟି ଭାରତୀୟଙ୍କୁ ଜାଗ୍ରତ କରିବା ପାଇଁ ଏ ପୁଣ୍ୟଭୂମି ଭାରତବର୍ଷରେ ଅବତୀର୍ଣ୍ଣ ହୋଇଥିଲେ ଶ୍ରୀରାମକୃଷ୍ଣଙ୍କ ମହାନ୍ ଶିଷ୍ୟ ସ୍ୱାମୀ ବିବେକାନନ୍ଦ। ସେ ନିଜର ଉଚ୍ଚତର ଆଧ୍ୟାତ୍ମିକ ସାଧନା କରି, ନିଜର ସାଧନା ବଳରେ ଜାଗରଣ ସୃଷ୍ଟି କରି ସମଗ୍ର ବିଶ୍ୱକୁ ଜୟ କରିବାକୁ ସ୍ୱପ୍ନ କେବଳ ଦେଖି ନ ଥିଲେ, ଯଥାର୍ଥରେ ସଫଳ ମଧ୍ୟ ହୋଇଥିଲେ।

ଆଜି ଯେତେବେଳେ ସାଧାରଣ ମଣିଷଟିଏ ବିଜ୍ଞାନ ଏବଂ ଭୌତିକ ସଭ୍ୟତାର ଯଥେଷ୍ଟ ଉନ୍ନତି ହେବା ସତ୍ତ୍ୱେ ମଧ ଶାନ୍ତି ଏବଂ ସୁଖ ପାଇପାରୁନାହିଁ, ଆଧ୍ୟାତ୍ମିକତାରୁ ଦୂରେଇ ଯାଇ ଅନ୍ଧକାର, ଭୟ, ଅସତ୍ୟର ଶିକାର ହେଉଛି; ଠିକ୍ ସେତିକିବେଳେ ମଣିଷ ଜୀବନକୁ ସରସ, ସୁନ୍ଦର କରି ତା ଭିତରେ ଦିବ୍ୟ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରିବା ପାଇଁ ପ୍ରୟସା କରିଥିଲେ ସ୍ୱାମୀ ବିବେକାନନ୍ଦ। ଥରେ ନୋବେଲ୍ ବିଜୟୀ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର୍ କହିଥିଲେ, "ଯଦି ଭାରତକୁ ଜାଣିବାକୁ ଚାହାନ୍ତି, ତେବେ ସ୍ୱାମୀ ବିବେକାନନ୍ଦଙ୍କୁ ପଢ଼ନ୍ତୁ।" ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ହେଉ ଅବା ରାଷ୍ଟ୍ରୀୟତା ଅବା ଅନ୍ତରାଷ୍ଟ୍ରୀୟତା ହେଉ ଅବା ବିଜ୍ଞାନ ଏବଂ ଆଧ୍ୟାତ୍ମିକତା ହେଉ- ସବୁର ଅପୂର୍ବ ମିଳନ ଥିଲା ସ୍ୱାମୀ ବିବେକାନନ୍ଦଙ୍କ ଉଜ୍ଜ୍ୱଳମୟ ବ୍ୟକ୍ତିତ୍ୱରେ। ସନ୍ନ୍ୟାସୀ ହେବା ପୂର୍ବରୁ ସ୍ୱାମୀଜୀ ନରେନ୍ଦ୍ରନାଥ ଦତ୍ତ ଭାବରେ ପରିଚିତ ଥିଲେ।

୧୮୬୩ ମସିହାରେ ଜାନୁଆରୀ ୧୨ ତାରିଖରେ ପିତା ବିଶ୍ୱନାଥ ଦତ୍ତ ଏବଂ ମାତା ଭୁବନେଶ୍ୱରୀଙ୍କଠାରୁ ଜନ୍ମ ହୋଇଥିଲେ କଲିକତା ନଗରୀରେ ସ୍ୱାମୀ ବିବେକାନନ୍ଦ। ମା'ଙ୍କର ଆଚାର, ବ୍ୟବହାର, ଗରିବମାନଙ୍କ ପ୍ରତି ଦୟା ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ନିଷ୍ପେଷିତ, ଦରିଦ୍ର ଭାରତୀୟଙ୍କ ଶୋଚନୀୟ ଅବସ୍ଥା ତାଙ୍କୁ ଏଭଳି ମର୍ମାହତ କରିଥିଲା ଯେ ସେମାନଙ୍କ ଭିତରେ ନୂତନ ଆଶା, ଉନ୍ମାଦନା ସୃଷ୍ଟି କରିବା ପାଇଁ ସେ ସମଗ୍ର ବିଶ୍ୱ ଭ୍ରମଣ କରି ତାଙ୍କର ଉଦ୍ଦୀପନାମୟୀ ବକ୍ତବ୍ୟ ଦ୍ୱାରା ସମଗ୍ର ବିଶ୍ୱକୁ ମନ୍ତ୍ରମୁଗ୍ଧ କରିଦେଇଥିଲେ।

ଦେଶର ଦାରିଦ୍ର୍ୟ, ଅଶିକ୍ଷା, ନାରୀମାନଙ୍କର ଦୁର୍ଦ୍ଦଶା ତାଙ୍କୁ ଗଭୀର ମର୍ମାହତ କରିଥିଲା। ଚିକାଗୋ ଧର୍ମ ସମ୍ମିଳନୀରେ ପରିଚୟପତ୍ର ନ ଥିବାରୁ ପ୍ରତିନିଧିତ୍ୱ କରିପାରିବେ ନାହିଁ ବୋଲି ଜାଣି ସୁଦ୍ଧା, ଭାଙ୍ଗି ପଡ଼ି ନ ଥିଲେ। ବୋଷ୍ଟନ୍ ଯିବାବେଳେ କୁମାରୀ କେଥ୍ ଭୀନ୍ ସେନ୍‌ବୋର୍ଣ୍ଣଙ୍କ ସହ ପରିଚିତ ହୋଇ ତାଙ୍କ ସହାୟତାରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଜନ୍ ହେନେରୀ ରାଇଟ୍‌ଙ୍କ ସଂସ୍ପର୍ଶରେ ଆସି ଚିକାଗୋ ଧର୍ମ ସମ୍ମିଳନୀରେ ପ୍ରତିନିଧିତ୍ୱ କରିବାର ସୁଯୋଗ ହାସଲ କରିଥିଲେ। ୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖରେ ଚିକାଗୋ ସହରର ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ଏକ ବିଶାଳ କକ୍ଷରେ, ପ୍ରାୟ ୭୦୦୦ ଶ୍ରୋତାଙ୍କ ସମ୍ମୁଖରେ ବିଶ୍ୱର ସବୁ ଧର୍ମସମ୍ପ୍ରଦାୟର ପ୍ରତିନିଧିଙ୍କ ଉପସ୍ଥିତିରେ ମା' ସରସ୍ୱତୀଙ୍କୁ ପ୍ରଣାମ କରି କହିଉଠିଲେ, "ହେ ମୋର ଆମେରିକାର ପ୍ରିୟ ଭାଇ ଓ ଭଉଣୀ।" ଶ୍ରୋତାମାନଙ୍କ କରତାଳିରେ ସେଦିନ ସେହି କକ୍ଷଟି କମ୍ପିଉଠିଲା। ସେଦିନର ସେହି ଭିକ୍ଷାପାତ୍ର ଧରି ବୁଲୁଥିବା ନିରାଡ଼ମ୍ବର, ସରଳ ଅଚିହ୍ନା, ଗୈରିକବସ୍ତ୍ର ଧାରଣ କରିଥିବା ସନ୍ନ୍ୟାସୀ ସାଧାରଣ ନାୟକରୁ ମହାନାୟକ ପାଲଟିଯାଇଥିଲେ। ସ୍ୱାମୀଜୀଙ୍କର କିନ୍ତୁ ଏସବୁ କୌଣସି ନାମ, ଯଶ, ଖ୍ୟାତିର କ୍ଷୁଧା, ଭୌତିକ ସୁଖର ଅଭିଳାଷ ନ ଥିଲା। ଆମେରିକାର କୋମଳ ଶଯ୍ୟା ତାଙ୍କୁ କଣ୍ଟକିତମୟ ବୋଧ ହେଉଥିଲା। ଶିଶୁଙ୍କ ପରି କାନ୍ଦିଉଠି କହିଲେ, "ମା ! ମୋ' ଦେଶ ଭାରତବର୍ଷ ଘୋର ଦାରିଦ୍ର୍ୟ ଭିତରେ ବୁଡ଼ି ରହିଥିବାବେଳେ, ମୋର ଯଶ, ଖ୍ୟାତିର ଚିନ୍ତା କ'ଣ ? ଭାରତବର୍ଷରେ, ଯେଉଁଠି ମୁଠାଏ ଖାଇବାକୁ ନ ପାଇ ଲୋକ ମୃତ୍ୟୁବରଣ କରୁଛନ୍ତି, ସେଠି ନିଜର ଭୌତିକ ସୁଖ ପାଇଁ ଆମେରିକାବାସୀ ପାଣି ପରି ଅର୍ଥ ବ୍ୟୟ କରୁଛନ୍ତି। କିଏ ସେମାନଙ୍କୁ ମୁଠାଏ ଅନ୍ନ ଦେବ ?"

ଏହା ହିଁ ଥିଲା ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦଙ୍କର ଜ୍ୱଳନ୍ତ ଦେଶପ୍ରେମର ପରିଚୟ। ବାସ୍ତବରେ ଚିକାଗୋର ଧର୍ମସମ୍ମିଳନୀରେ ସ୍ୱାମୀଜୀଙ୍କର ଉଦ୍‌ଭାଷଣ ଭାରତର ପୁନର୍ଜାଗରଣର ଇତିହାସରେ ଏକ ମହନୀୟ ଘଟଣା। ଯୋଗୀ ଶ୍ରୀଅରବିନ୍ଦ କହନ୍ତି, "ବିବେକାନନ୍ଦଙ୍କ ପଶ୍ଚିମ ଯାତ୍ରା ବିଶ୍ୱ ସମ୍ମୁଖରେ ଭାରତ ଜାଗରଣର ଜୀବନସଂକେତ ଥିଲା।" କେବଳ ଭାରତ ପାଇଁ ନୁହେଁ, ବିଶ୍ୱବିଜୟୀ ହେବା ଉଦ୍ଦେଶ୍ୟରେ ସ୍ୱାମୀଜୀଙ୍କର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଖବର 'ଅମୃତବଜାର' ପତ୍ରିକାରେ ପ୍ରକାଶିତ ହୋଇଥିଲା।

ସେଦିନ ଭାରତବର୍ଷ ଯେଉଁ ବିଜୟ ଅନୁଭବ କରିଥିଲା, ସେହି ବିଜୟରେ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ କିମ୍ବା ଡିନାମାଇଟ୍‌ର ଆବଶ୍ୟକତା ନ ଥିଲା। ସ୍ୱାମୀଜୀ କହୁଥିଲେ, "ଧର୍ମ ହିଁ ଭାରତର ଆତ୍ମା।" ସେ ବିଶ୍ୱାସ କରିଥିଲେ- ଭାରତର ଉ ।ନ ହେବ ଶାରୀରିକ ଶକ୍ତିରେ ନୁହେଁ, ଆତ୍ମିକ ଶକ୍ତି ବଳରେ। ଧ୍ୱଂସର ପତାକା ଦ୍ୱାରା ନୁହେଁ, ଆତ୍ମିକ ଶକ୍ତି ବଳରେ ଶାନ୍ତି, ପ୍ରେମର ପତାକା ଦ୍ୱାରା ସନ୍ନ୍ୟାସୀର ଗୈରିକ ବସନ ମାଧ୍ୟମରେ ଭାରତୀୟ ଯୁବକମାନଙ୍କୁ ସୁସଂଗଠିତ ଦୁର୍ନୀତି, ଭ୍ରଷ୍ଟାଚାର, ଅନ୍ଧକାର, ଅସତ୍ୟ, ହୀନ ଜାତିପ୍ରଥା, କୁସଂସ୍କାର ବିରୋଧରେ ଲଢ଼ିବାକୁ ପ୍ରବର୍ତ୍ତାଉଥିଲେ। ଗୋଟିଏ ପଟେ ବିଜ୍ଞାନ, ଅନ୍ୟପଟେ ବେଦବେଦାନ୍ତ, ଗୋଟିଏ ପଟେ ଦିବ୍ୟଜ୍ଞାନ, ଅନ୍ୟପଟେ ପ୍ରଚଣ୍ଡ କର୍ମ, ଗୋଟିଏ ପଟେ ଆଧ୍ୟାତ୍ମିକ ଅନୁଭୂତି, ଅନ୍ୟ ପଟେ ବୈଷୟିକ ଉନ୍ନତି- ସେ ବୁଝିଥିଲେ ଏ ସବୁର ମିଶ୍ରଣ ହିଁ ଜୀବନର ପୂର୍ଣ୍ଣତା ଆଣିବ।

ଆଜି ଯେତେବେଳେ ଧର୍ମ ନାମରେ ନାନା କୁସଂସ୍କାର ଦେଖାଯାଉଛି, ସ୍ୱାମୀଜୀ କହୁଥିଲେ, "ଧର୍ମ କେବଳ ଉଚ୍ଚ ଜାତିର ଏକଚାଟିଆ ଅଧିକାର ନୁହେଁ; ବରଂ ଏହା ଧନୀ, ଦରିଦ୍ର, ପତିତ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ। ଆଉ କହୁଥିଲେ, "ଆମର ଧର୍ମ ରହିଛି ରୋଷେଇଶାଳାରେ। ଆମର ଭଗବାନ ହେଉଛନ୍ତି ରନ୍ଧନପାତ୍ର।" ଧର୍ମ କହୁଛି- ମୋତେ ଛୁଅଁନା। ଆଜି ଯେତେବେଳେ ଧର୍ମକୁ ନେଇ ରାଜନୀତି ଘୋର ଧରୁଛି, ସ୍ୱାମୀଜୀ କିନ୍ତୁ ଥିଲେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ। ତାଙ୍କର ବିଶାଳ ହୃଦୟରେ ବାଇବେଲ୍, ବେଦ, କୋରାନ୍ ଆଦି ସମସ୍ତ ଗ୍ରନ୍ଥର ଅସଂଖ୍ୟ ପୃଷ୍ଠାର ସମାହାର। ମନୁଷ୍ୟ ଭିତରୁ ଭୟ, ହତାଶା, ଦୁର୍ବଳତା, ଅନ୍ଧକାର, ଅସତ୍ୟ ଏବଂ ସର୍ବୋପରି ଦାସତ୍ୱକୁ ହଟାଇଦେଇ, ମଣିଷ ଭିତରେ ଜ୍ଞାନରୂପକ ଆତ୍ମବିଶ୍ୱାସ ସୃଷ୍ଟିକରୁ, ଏହା ହିଁ ଥିଲା ସ୍ୱାମୀଜୀଙ୍କର ଉଦ୍ଦେଶ୍ୟ।

ତାଙ୍କ ମତରେ, "ମାନବ ଧର୍ମ ହିଁ ଶ୍ରେଷ୍ଠ ଧର୍ମ।" ୧୮୯୭ରେ ରାମକୃଷ୍ଣ ମିଶନ ପ୍ରତିଷ୍ଠା କରିଥିଲେ। ମାତ୍ର ୩୯ ବର୍ଷ ବୟସରେ ସ୍ୱାମୀଜୀ ୧୯୦୨ ମସିହାରେ ଦେହତ୍ୟାଗ କଲେ ସତ, ମାତ୍ର ସମସ୍ତ ଯୁବସମାଜ ଏବଂ ମାନବ ସମାଜକୁ ତେଜସ୍ୱୀ ଏବଂ ଆତ୍ମବିଶ୍ୱାସୀ କରିବା ପାଇଁ ସେମାନଙ୍କ ଭିତରେ ଯେଉଁ ଜାତୀୟ ଚେତନା ଏବଂ ଆଧ୍ୟାତ୍ମିକତାର ଏକତା ସୃଷ୍ଟିକଲେ ତାହା ସର୍ବଦା ସ୍ମରଣୀୟ ହୋଇ ରହିବ ଏବଂ ପ୍ରତ୍ୟେକ ସୁପ୍ତଭାରତୀୟ ଯୁବପିଢ଼ିକୁ ଜାଗ୍ରତ କରିବ, ଏଥିରେ ସନ୍ଦେହ ନାହିଁ।




**ଆଲେଖ୍ୟ : ମୀରା ବେଉରା**

ରଘୁନାଥଜିଉ ମହାବିଦ୍ୟାଳୟ, ଦେଉଳସାହି, କଟକ
ମୋ-୯୮୫୩୩୫୦୩୮୪


## ଧାରାବାହିକ ଉପନ୍ୟାସ

# ରାଜନୀତି

ଭାଗ-୧୮
(ପୂର୍ବ ପ୍ରକାଶିତ ଉତ୍ତାରୁ..)


**ସୃଷ୍ଟିଧର ପରିଡା**

♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫




ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ, ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇ ଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଓମ୍‌ଙ୍କୁ ଚାହିଁ ଦୀର୍ଘଶ୍ୱାସ ଛାଡେ ମୌସୁମୀ । ଭାବେ ଆଉ ନୁହେଁ । ସହିବାର ସବୁ ସୀମାକୁ ଅତିକ୍ରମି ସାରିଲାଣି ସେ । ଆଉ ପାରିବନାହିଁ । ଏଣିକି ଓମ୍‌ଙ୍କୁ ଛାଡିବାର ସମୟ ଆସିଗଲାଣି । ତା' ବିନା ଓମ୍ ବଞ୍ଚିବାରେ ପାରଙ୍ଗମ ହେଲେଣି । ତାଙ୍କର ଆଉ ସୁମୀ ଆବଶ୍ୟକତା ପଡୁନାହିଁ । କେବଳ ଓମ୍‌ଙ୍କୁ ନୁହଁ, ପ୍ରଥମେ ସେ ରାଜନୀତିକୁ ଛାଡିବ, ତାପରେ ଯାଇ ଯାହା । ଏଇ ରାଜନୀତି ହିଁ ତା'ଠୁ ଛଡେଇ ନେଇଛି ତାର ସବୁଯାକ ଖୁସି, ଆନନ୍ଦ ଓ ଭରସା । କିଛି ନହେଲେ ସିଏ ପଣ୍ଡିଚେରୀ ପଳେଇବ । ସେଠି ଶ୍ରୀମା ଅରବିନ୍ଦଙ୍କ ଆଦର୍ଶର ଶରଣାଗତ ହେବ । ତା'ର ଆଉ ଏ ସଂସାରରେ ମୋହ ନାହିଁ ।

ହେଲେ ଅଭିଷେକ ?

ତାକୁ ଛାଡି ପାରିବ ମୌସୁମୀ ?

ନିଜ ପ୍ରଶ୍ନ ପାଖରେ ନିଜେ ଅଟକି ଯାଏ । ଏଇ ରାଜନୀତି ପାଇଁ ଛୁଆଟାର ଯତ୍ନ ସେ ନିଜ ଇଚ୍ଛା ମୁତାବକ ନେଇ ପାରିନାହିଁ । କାହିଁକି ଓମ୍‌ଙ୍କ କଥାକୁ ସେତେବେଳେ ସିଏ ଗୁରୁତ୍ୱ ଦେଇଥିଲା ? ତାଙ୍କ ପାଇଁ ନିଜ ଜୀବନକୁ ଏମିତି ଏ ରାଜନୀତିର ପଙ୍କରେ ଘାଣ୍ଟି ସାରିବା ପରେ ପାଇଲା କଣ ? ସେତେବେଳେ ପ୍ରଥମରୁ ରାଜନୀତି କରିବାର ସ୍ୱପ୍ନ ଭାଂଗି ଯାଇଥିଲେ ବରଂ ଭଲ ହୋଇଥାନ୍ତା । ତାକୁ ଅନ୍ତତଃ ଏମିତି ସ୍ୱପ୍ନଭଂଗର କାହାଣୀକୁ ସାମ୍ନା କରିବାକୁ ପଡୁନଥାନ୍ତା । ଏବେ ଯଦି ଓମ୍‌ଙ୍କୁ ଛାଡି ଚାଲିଯାଏ ମୌସୁମୀ, ତେବେ ଲୋକ କଣ କହିବେ ତାକୁ ? ଏ ପ୍ରଶ୍ନରେ ବି ଘାରିହୁଏ ମୌସୁମୀ । ତାକୁ ରାତିରାତି ନିଦ ହୁଏନାହିଁ । କେତେ ସୁନ୍ଦର ଘର ତା'ର ଉଜୁଡିଗଲା ରାଜନୀତିର ସାପସିଡି ଖେଳରେ ! କି ସୁଖ ପାଇଲା ସେ ? ଓମ୍ ଥିଲେ ତାର ସମ୍ପତ୍ତି । ଅଥଚ ଆଜି ? ରାଜନୀତି ଆଉ ମଦ ନିଶା ଓମ୍‌ଙ୍କୁ ଆଉ ଓମ୍ ହୋଇ ରହିବାକୁ ଦେଇନାହିଁ । ଦିନକୁ ଦିନ ବଦଳି ଚାଲିଛନ୍ତି ଓମ୍ । ଦିନକୁ ଦିନ ନୂଆନୂଆ ତାଙ୍କର ବ୍ୟବହାର । ମୌସୁମୀକୁ ଲାଗୁଛି, ଏଣିକି ଆଉ କୌଣସି ଦର୍ଶନ ଆଉ ବଦଳେଇ ପାରିବନାହିଁ ଓମ୍‌ଙ୍କୁ ।

ଏଣେ ବିଜୟାନନ୍ଦଙ୍କ ବ୍ୟବହାର ବି ଦିନକୁ ଦିନ ଅତିଷ୍ଠ କରିଦେଲାଣି ମୌସୁମୀକୁ । ସେ ଜାଣେ ତାକୁ କରାୟତ କରିବାକୁ ବିଜୟାନନ୍ଦ ଭିତରେ ପ୍ରବଳ ଉତ୍କଣ୍ଠା । କେବଳ ତାରି ପାଇଁ ସେ ଓମ୍‌ଙ୍କୁ ରାଜନୀତିର ମୋହରା କରିଛି । ଭିନ୍ନ ଭିନ୍ନ ବାହାନାରେ ସେ ମୌସୁମୀର ଚାରିକଡରେ ବଳୟ ତିଆରି କରିବାରେ ଲାଗିଛି । ସିଏ ଭାବିଛି ଏମିତି ଚାଲ୍ କରିକରି ମୌସୁମୀକୁ କବଳିତ କରିବ । ସେଇଥିପାଇଁ ତାକୁ ଦିଆଯାଇଛି କେତେ ସରକାରୀ ବେସରକାରୀ ଅନୁଷ୍ଠାନର ସଭାପତି ନହେଲେ ସଂପାଦକ ପଦବୀ । ତା' ପାଇଁ ଖଞ୍ଜାଯାଇଛି କେତେକେତେ ସୁବିଧା ସୁଯୋଗ ।

ଯେତେ ହାତେ ମାପି ଚାଖଣ୍ଡେ ଚାଲିଲେ ବି ବିଜୟାନନ୍ଦ ଯେ ଅଜଗର ଭଳି ଗିଳିଦେବାକୁ ଆଁ କରି ଛକି ବସିଛି, ସେକଥା ତା' ଅନୁଭବରୁ ବାଦ୍ ଯାଇନାହିଁ । ତାକୁ ଲାଗେ କେତେବେଳେ କେମିତି ଗୋଟିଏ ନିଶ୍ଚିତ ବିପଦ ତା ଉପରକୁ ମାଡ଼ି ଆସିବ । ବରଂ ଆଖି କାନ ଖୋଲା ରଖି ସିଏ ପାର୍ କରିଛି ଦିନରାତି । ଏଣିକି ଆଉ କୌଣସି ସମୟରେ ତା' ସାଗରେ ସାଂଗ ହୋଇ ପାରନ୍ତିନି ଓମ୍ । ସବୁବେଳେ ଦୁଇ ଜଣଙ୍କ ପାଇଁ ଦୁଇଟି ଦିଶା । ଯେତେବେଳେ ରାଜଧାନୀରେ ମୌସୁମୀ ପାଇଁ କାମ ଥାଏ ସେତେବେଳେ ଓମ୍ ଥାନ୍ତି ତାଙ୍କ ନିର୍ବାଚନ ମଣ୍ଡଳୀ କାମରେ । ଆଉ ଯେତେବେଳେ ମୌସୁମୀ ପାଇଁ ଗାଁରେ କାମ ଥାଏ ସେତେବେଳେ ଓମ୍ ବ୍ୟସ୍ତ ଥାନ୍ତି ରାଜଧାନୀରେ । ଯେଉଁ କେତେଦିନ ବି ସେମାନେ ଏକାଠି ରହିବାର ସୁଯୋଗ ଥାଏ ସେତେବେଳେ ଓମ୍ ଥାନ୍ତି କୌଣସି ମାନସିକ ବ୍ୟସ୍ତତା ଭିତରେ ନହେଲେ ମଦର ଆସର ଭିତରେ ।

ଥରେ ଗୋଟେ ଆୱାରନେସ୍ ସଭାରେ ଯୋଗଦେଇ ବିଜୟାନନ୍ଦଙ୍କ ସହ ଫେରିବା ବେଳକୁ ଓମ୍ ବାହାରି ଯାଇଥିଲେ ଗୋଟେ ଅର୍ଜେଣ୍ଟ କାମରେ । କ୍ୱାର୍ଟରରେ ତାଲା । ସାଙ୍ଗରେ ଥିବା ବିଜୟାନନ୍ଦ ତାକୁ ସେଠାରେ ଡ୍ରପ୍ କରିବା ବଦଳରେ ତାଙ୍କ କ୍ୱାର୍ଟରକୁ ନେଇ ଆସିଥିଲେ । ଓମ୍ ଫୋନ୍ କଲେ ସେଇଠି ଅପେକ୍ଷା କର, ମୁଁ କାମ ସରିବା ମାତ୍ରେ ଫେରୁଛି । ଏଣେ ମୌସୁମୀ ବିଜୟନନ୍ଦଙ୍କ ଘରେ । ଓମ୍‌ଙ୍କ ଅପେକ୍ଷାରେ ଥିବା ମୌସୁମୀକୁ ଅସ୍ଥିର ଲାଗୁଥିଲା । କାରଣ ରାତି ଯେତିକି ଯେତିକି ବଢୁଥିଲା, ବିଜୟାନନ୍ଦଙ୍କ ଘରେ ଗହଳିଚହଳି ସେତିକି ସେତିକି କମୁଥିଲା । ଅଥଚ ଓମ୍ ଆସୁନଥିଲେ । ମୌସୁମୀ ବୁଝିପାରୁନଥିଲା କଣ କରିବ । ଓମ୍‌ଙ୍କ ଫୋନ୍ ବି ଅପହଞ୍ଚ ଦୂରତାରେ ଥିବାର ଘୋଷଣା କରୁଥିଲା ।

ଗେଷ୍ଟ ରୁମ୍‌ରେ ରେଷ୍ଟ ନେଉଥିବା ମୌସୁମୀକୁ ଡାକରା ଆସିଲାଣି ଡିନର୍ ପାଇଁ । ମୌସୁମୀ ମୁଣ୍ଡରେ ଅସମ୍ଭବ ଦ୍ୱନ୍ଦ୍ୱ । କଣ କରିବ ସେ । ବିଜୟାନନ୍ଦ ନିଜେ ଡାକିବାକୁ ଆସି ବସିଲେ ସିଏ ବସିଥିବା ଘରେ । କହିଲେ, ଭୋକ ଲାଗିଲାଣି, ଏଥର ଆମେ ଖାଇନେବା । ଓଁକାରନାଥ ସେଠି ଡିନର କରି ଫେରିବେ । ତମେ ଖାଇସାରି ନିଶ୍ଚିନ୍ତରେ ରେଷ୍ଟ ନେଉଥାଅ ।

ନିଶ୍ଚିନ୍ତ ? ମନେମନେ ଉଚ୍ଚାରଣ କଲା ମୌସୁମୀ । ପୁଣି ବିଜୟାନନ୍ଦ ପରି ଜଣେ ଲୋକର ଘରେ ? ଯାହାକୁ ଗୋଟିଏ ମୁହୂର୍ତ୍ତ ପାଇଁ ବି ସିଏ ନିଜ ବିଶ୍ୱାସକୁ ନେଇନାହିଁ ସେଠି କି ନିଷ୍ଚିନ୍ତତା ଆଶା କରିବ ସେ ? ଖାଇ ସାରିବା ପରେ ବି ଯଦି ଓମ୍ ନଆସନ୍ତି ? ତେବେ ସିଏ କଣ ଏଠି ଗୋଟିଏ ରାତି ଏକୁଟିଆ କାଟିବ ? କେମିତି ? ରାତିରେ ଯଦି ବିଜୟାନନ୍ଦ ତା' ନିଜ ସ୍ୱରୂପ ଦେଖାଏ ? ତେବେ ? ସେତେବେଳେ କଣ କରିବ ମୌସୁମୀ ? କେମିତି ପ୍ରତିରୋଧ କରିବ ? କାହା ଆଗରେ କହିବ ନିଜର ଦୁଃଖ ? କିଏ ତାକୁ ବିଶ୍ୱାସକୁ ନେବ ? ସିଏ ଯେ ଅନିଚ୍ଛାରେ ବିଜୟାନନ୍ଦର ଘରେ ଅଛି ସେକଥା କଣ କେହି ବିଶ୍ୱାସ କରିବେ ?

ବିଜୟାନନ୍ଦ ଚାହିଁଥିଲେ ତା' ମୁହଁକୁ । ତାଙ୍କ ଚାହାଣୀର ଦୃଷ୍ଟି ମୌସୁମୀ ଆଖିରୁ ବାଦ୍ ଗଲାନାହିଁ । ବିଜୟାନନ୍ଦ କଥା ଆରମ୍ଭ କରିଥିଲେ । କହିଥିଲେ - "ଏକାଏକା ରହିବା ବେଳେ ଜଣେ ସାଥୀ ଦରକାର ହୁଏ ବୋଲି ମୁଁ ନିଶାର ସାହାଯ୍ୟ ନିଏ । ଏକାଏକା ଏ ଲମ୍ବା ରାତି କାଟିବା କେତେ କଷ୍ଟ, ତା'ତ ତୁମେ ନିଶ୍ଚୟ ବୁଝୁଥିବ । ହେଲେ ଆଜି ମୋର କେତେ ସୌଭାଗ୍ୟ ଦେଖ, ଓଁକାରନାଥ ଆସିବା ପର୍ଯ୍ୟନ୍ତ ମୁଁ ତୁମର ସାନିଧ ପାଇବାର ସୁଯୋଗ ପାଇଛି ।"

ମାନେ ? ଭିତରେ ଭିତରେ ଚମ୍‌କି ପଡିଥିଲା ମୌସୁମୀ ।

ମୋ ଭଳି ଗୋଟେ ହତଭାଗ୍ୟ ଲୋକ ଘରେ ତୁମ ପରି ଲକ୍ଷ୍ମୀଦେବୀଙ୍କର ପାଦ ପଡିଛି । ଏହା କଣ କମ୍ ସୌଭାଗ୍ୟର କଥା ! ବୁଝିଲ ସୁମି ! ଜୀବନର ଅନେକ ସମୟ ଏମିତି ଏକା ଏକା କାଟିଦେଲିଣି । ଆଜି ମୁଁ ଜୀବନର ଅପରାହ୍ନରେ । ଆଗରୁ ଏଇ ଏକେଲା ରହିବାଟା ବାଧୁନଥିଲା, ଏବେ ଯେମିତି ବାଧୁଛି । ବିଶେଷ କରି ଓଁକାରନାଥ ସହ ତୁମକୁ ଦେଖିଲା ପରେ ଓଁକାରନାଥ ପ୍ରତି ମୋ ଭିତରେ ଗୋଟେ ଈର୍ଷା ତିଆରି ହେଉଛି । ଓଁକାରନାଥ ଭାଗ୍ୟବାନ । ସିଏ ତୁମ ଭଳି ସାଥୀଟିଏ ପାଇଛି । ତମକୁ ଦେଖି ଭାବୁଛି ଗୋଟିଏ ମୂଲ୍ୟହୀନ ଜିଦ୍‌କୁ ଧରି କାହିଁକି କାଟିଦେଲି ଏତେ ସମୟ ? ମୋତେ ସେତେବେଳେ ଯଦି ତୁମ ଭଳି କେହି ମିଳିଥାନ୍ତେ.....

ବନ୍ଧୁ ପରି ଖୋଲାଖୋଲି ଭାବେ ଏତକ କହିବା ବେଳେ ବି ତାଙ୍କ ଆଖିର କୁଟିଳତା ବାଦ୍ ପଡିନଥିଲା ମୌସୁମୀ ଆଖିରୁ । ସେ ଭାବୁଥିଲା ଏହାର ଉତ୍ତରରେ ସିଏ କଣ କହିବ ବିଜୟାନନ୍ଦଙ୍କୁ । ତା' ନିରବତାକୁ ଲକ୍ଷ୍ୟ କରି ବିଜୟାନନ୍ଦ ଉଠି ଆସିଲେ ମୌସୁମୀର ପାଖ ସୋଫାକୁ । ଆଉଜି ବସୁ ବସୁ କହିଥିଲେ, ଅବଶ୍ୟ ନିରବତାର ଗୋଟିଏ ଅଲଗା ସ୍ୱର ଥାଏ ତାହା ମୋର ପ୍ରିୟ ଅଭ୍ୟାସ ହୋଇଗଲାଣି । ତଥାପି ତମ ସହ ଏକାନ୍ତ ମୁହୂର୍ତ୍ତ କାଟିବାର ଇଚ୍ଛା ଅଲଗା । ମୋ ଜୀବନରେ ତମର ଗୋଟେ ସ୍ୱତନ୍ତ୍ର ସ୍ଥାନ ଅଛି ମୌସୁମୀ, ତମେ ଚାହିଁଲେ ତାକୁ ଦେଖିପାରିବ । ବହୁଦିନୁ ଅନେକଥର ତୁମକୁ ପାଇବା ପାଇଁ ଏ ମନଟା ପାଗଳ ହୋଇଉଠେ । କେବେ ଥରେ ତୁମେ ଅନୁଭବ କରିବାକୁ ଚେଷ୍ଟାକରିଛ ମୌସୁମୀ ?

ଯାହା ସନ୍ଦେହ ଥିଲା ତାହାହିଁ ଯେ ଘଟିବାକୁ ଯାଉଛି, ସେମିତି ଲାଗିଲା ମୌସୁମୀକୁ । ମୌସୁମୀ ସେଠାରୁ ଉଠିବାର ଉପକ୍ରମ କରୁକରୁ ତା' ହାତକୁ ମୁଠେଇ ଧରିଥିଲେ ବିଜୟାନନ୍ଦ । କହିଥିଲେ, ତମକୁ ମୋ ମନକଥା କହିବାର ଯୋଉ ସୁଯୋଗ ମିଳିଛି, ମୁଁ ତାକୁ ହରେଇବାକୁ ଚାହେଁନା ମୌସୁମୀ । ମୋତେ ବୁଲେଇ ବାଙ୍କେଇ କଥା କହି ଆସେନି । ତମେ ମୋତେ ଭଲଲାଗ । ବାସ୍ । ମୁଁ ଚାହେଁ.....

ବିଜୟାନନ୍ଦର ହାତରୁ ନିଜ ହାତକୁ ମୁକୁଳେଇବାର ଚେଷ୍ଟା କରୁ କରୁ ମୌସୁମୀ କହିଥିଲା, ସବୁବେଳେ ନିଜ ଚାହିଁବାଟାକୁ ସର୍ବଶେଷ ସିଦ୍ଧାନ୍ତ ଭାବେ ଗ୍ରହଣ କରିବା ହିଁ ଭୁଲ୍ । ଆପଣ ଜାଣନ୍ତି, ମୋର ଏସବୁ ପସନ୍ଦ ନୁହେଁ । ତା'ପରେ ମୁଁ ବିବାହିତା । ସ୍ୱାମୀ ସନ୍ତାନର ଗୋଟେ ସଂସାର ଅଛି । ଜଣେ ବିବାହିତା ମହିଳାଙ୍କୁ ଏ ବିଷୟରେ କହିବା ପୂର୍ବରୁ ଆପଣଙ୍କର ବହୁଥର ବିଚାର କରିବାର ଥିଲା । ନିଜକୁ କଣ ଭାବୁଛନ୍ତି ଆପଣ ?

ବିଜୟାନନ୍ଦ ମୌସୁମୀ ହାତଟାକୁ ନିଜ ଦୁଇହାତ ପାପୁଲିରେ ମୁଠେଇ ଧରି ସଶବ୍ଦେ ହସିଥିଲେ । କହିଥିଲେ, ଭଲ ପାଉଥିବା ମଣିଷ କାହାକୁ ଭୟ କରେ ? ବାସ୍, ମୁଁ ତମକୁ ପ୍ରେମକରେ, ଏକଥା ତୁମେ ଭଲଭାବରେ ଜାଣ । ସୁମୀ ! ମୁଁ ତୁମକୁ ବହୁତ ଭଲପାଏ । ସେ ଭଲପାଇବାର ଶେଷ ନାହିଁ । ସେ ଅନୁଭବର କଥା ତୁମେ କ'ଣ ବୁଝି ପାରୁ ନାହଁ? ଆଉ ଯେ କହିଲ ତୁମେ ବିବାହିତା । ବିବାହ କରିଥିବା ନାରୀପୁରୁଷ କଣ ଆଉ କାହାକୁ ପ୍ରେମ କରିବା ମନା ? ତମେ ଜୋର୍ ଦେଇ କହିପାରିବ, ତମ ମନ ଭିତରେ ମୁଁ ନାହିଁ ? ତମେ ମୋତେ ନିରୋଳାରେ କେବେ ମନେ ପକେଇନାହଁ ? ତମ ମନ ଭିତରେ ମୁଁ କେତେ ଜାଗା ମାଡି ବସିଛି ମୁଁ ଜାଣିଛି । ତମେ ମୋତେ ତମ ମନ ଭିତରେ ନରଖିଥିଲେ ମୁଁ କଣ ଏମିତି ପାଗଳାମୀ କରନ୍ତି ? ତମ ମନ ଆଉ ମୋ ମନ ଭିତରେ ଏତିକି ଫରକ୍ ଯେ, ମୁଁ ତମକୁ ପ୍ରେମକରି ମନରେ ରଖିଛି ଆଉ ତମେ ମୋତେ ଘୃଣାରେ । ଏକା କଥା । ପ୍ରେମ ପାଖେ ପାଖେ ଘୃଣା ଥାଏ ।

ମୌସୁମୀ ଆଖିରେ ଚହଟୁ ଥିଲା ନିଆଁ । କହିଥିଲା - "ଆପଣଙ୍କ ଦର୍ଶନ ଆପଣ ଆପଣଙ୍କ ପାଖେପାଖେ ରଖନ୍ତୁ । ନାରୀକୁ ଭୋଗ୍ୟବସ୍ତୁ ମନେ କରୁଥିବା ପୁରୁଷ କଣ ଜାଣେ ପ୍ରେମର ଅର୍ଥ କ'ଣ ? ପ୍ରେମ କରୁଥିବା ମଣିଷ ଏମିତି ସ୍ୱାର୍ଥାନ୍ଧହୋଇ ନିରୋଳାରେ ସୁଯୋଗ ଖୋଜେନାହିଁ କି ସୁଯୋଗର ଅପବ୍ୟବହାର କରିବାକୁ ବ୍ୟଗ୍ରତା ଦେଖାଏନାହିଁ । ପ୍ରଥମେ ମୋ ହାତ ଛାଡନ୍ତୁ...!!

କିନ୍ତୁ ହାତକୁ ଭିଡିନେଇ ମୌସୁମୀକୁ ନିଜ ପାଖରେ ବସେଇ ଦେଇଥିଲେ ବିଜୟାନନ୍ଦ । କହିଥିଲେ, ପାଖରେ ବସି ମୋ କଥା ଶୁଣିବାର ଧୈର୍ଯ୍ୟ ରଖିଥିଲେ ମୁଁ ତମ ହାତ ଧରିବାର ସ୍ପର୍ଦ୍ଧା କାହିଁକି କରିଥାନ୍ତି ସୁମି ? ତୁମକୁ ଧନ୍ୟବାଦ ! ସେ ସୁଯୋଗ ତମେ ମୋତେ ଦେଲ । ଯା' ପାଇଁ ତମେ ହିଁ ଦାୟୀ । ତୁମର ଟିକେ ସାନ୍ନିଧ ପାଇବା ପାଇଁ ମୁଁ ପାଗଳ । ମୁଁ ଚାହେଁ ତମର ସାନିଧ । ତମ ସାନ୍ନିଧ ହିଁ ମୋ ପାଇଁ ସ୍ୱର୍ଗ ଲାଭ । ଏମିତିରେ ମୁଁ ତମ ସହ ନର୍କକୁ ଯିବାକୁ ବି ପ୍ରସ୍ତୁତ ।
(କ୍ରମଶଃ)

## ଅନୁବାଦ ଗଳ୍ପ

# ପାଠଶାଳା

ମୂଳହିନ୍ଦୀ- ସୁକେଶ ସାହାଣୀ




ଅନୁସୃଜନ-
**ବିନୟ କୁମାର ଦାସ**


"କହିଲି ପରା ଗାଡି ଛଅ ଘଂଟା ଲେଟ୍ ଅଛି । ତା ପୂର୍ବରୁ ଆସିବାର ନାହିଁ ।" ଷ୍ଟେସନମାଷ୍ଟର ଟିକେ ବିରକ୍ତିଭରା ସ୍ୱର ରେ କହିଲେ ।

"ରାଗନ୍ତୁ ନାହିଁ ବାବୁ ।" ସେହି ଗାଉଁଲି ସ୍ତ୍ରୀଲୋକଟି ହାତ ଯୋଡି ବିକଳ ହୋଇ କହିଲା । "ମୁଁ ବହୁତ ଚିନ୍ତାରେ ଅଛି । ମୋ ପୁଅ ତିନିଦିନ ହେଲା ଘରୁ ଏକୁଟିଆ ଯାଇଛି ଯେ ଏ ପର୍ଯ୍ୟନ୍ତ ଫେରିନାହିଁ । ସେ କେବେ ବି ଘରୁ ଏକୁଟିଆ କୁଆଡେ ଯାଇ ନାହିଁ । ଗତକାଲି ସେ ଫେରି ଆସିବା କଥା । କିନ୍ତୁ......"

"ତାକୁ ଏକୁଟିଆ ବାହାରକୁ ଛାଡୁଥିଲ କାହିଁକି ?"

"ଭୁଲ ହୋଇଯାଇଛି ବାବୁ । ମତି ମୋର ଭ୍ରମ ହୋଇଯାଇଛି । ତାକୁ ଏମିତି ଏକୁଟିଆ ଛାଡିବା ଠିକ୍ ହୋଇନି । କଣ ବା ଆଉ କରିଥାନ୍ତି, ସେ ତ ବାପଛେଉଣ୍ଡ ପିଲା । ବହୁତ କଷ୍ଟରେ କନ୍ଥା ସିଲେଇ କରି ମୁଁ ଘର ଚଳାଉଛି । ମୋ କଷ୍ଟ ଦେଖି ସେ ସହି ପାରିଲା ନାହିଁ । କହିଲା, ସେ ନିଜେ ବି କିଛି କାମ କରି ଦି ପଇସା ଘରକୁ ଆଣିବ । ମୁଁ ତାକୁ ମନା କଲି । ହେଲେ ସେ କୋଉ ମାନିଲା ମୋ କଥା..ଜିଦ୍ କଲା । ଗୋଟିଏ ଡାଲାରେ କିଛି ଭଜା ବୁଟ ନେଇ ବିକିବା ପାଇଁ ବାହାରିଗଲା ।"

"ହଉ, ବ୍ୟସ୍ତ ହେବା ଦରକାର ନାହିଁ । ସେ ହୁଏତ ଏଇ ଆସୁଥିବା ଗାଡିରେ ଫେରିବ । ଅପେକ୍ଷା କର ପ୍ଲାଟଫର୍ମରେ ।"

"ସେ ବହୁତ ସରଳିଆ ପିଲା ବାବୁ । ଦୁନିଆ ବିଷୟରେ ତାର କିଛି ବି ଧାରଣା ନାହିଁ । ରାତିରେ ସେ କେବେ ମୋତେ ଛାଡି ଶୋଇ ନାହିଁ । ଏ ଯୋଉ ଥଣ୍ଡା ପଡିଛି..ସେଥିରେ ସେ କୋଉଠି କେମିତି ରାତି କଟେଇଥିବ କେଜାଣି । ଏମିତି ବି ତା ପାଖରେ କିଛି ଘୋଡି ହେବା ପାଇଁ ଗରମ ଲୁଗା ବି ନାହିଁ । ହେ ଭଗବାନ ।" ଆଖିରୁ ବହି ଆସୁଥିବା ଲୁହ ପୋଛୁପୋଛୁ ସେ କହିଲା ।



ଷ୍ଟେସନମାଷ୍ଟର ତାଙ୍କ କାମରେ ଲାଗିଗଲେ । ସ୍ତ୍ରୀଲୋକଟି ଚାଲିଆସିଲା ପ୍ଲାଟଫର୍ମକୁ ଆଉ ଗାଡି ଆସୁଥିବା ଦିଗକୁ ଚାହିଁ ଟହଲ ମାରିବାକୁ ଲାଗିଲା ।


ଏହି ଗାଁ ପାଖରେ ଏଇଟା ଛୋଟ ଷ୍ଟେସନ । ରାତି ବେଳ । ଗହଳଚହଳ ନାହିଁ । ଚାରିଆଡେ ନିସ୍ତବ୍ଧ । ଅନ୍ଧକାର ବି । କେତେ ବେଳେ ଯେ ଛଅ ଘଂଟା ବିତିବ, ସେଇ ଚିନ୍ତାରେ ସେ ବ୍ୟସ୍ତ ହେଉଥିଲା । ମନେମନେ ସ୍ଥିର କରିନେଲା, ଆଉ କେବେ ବି ତାକୁ ବାହରକୁ ଛାଡିବ ନାହିଁ ।

ଶେଷରେ ଟ୍ରେନ୍ ଆସିବାର ସୂଚନା ମିଳିଲା । ପ୍ଲାଟଫର୍ମରେ ଟ୍ରେନ ଲାଗିବା ମାତ୍ରେ ସେ ଧାଇଁ ଗଲା ଟ୍ରେନ୍ ପାଖକୁ । ଏପାଖ ସେପାଖ ଚାହିଁଲା । ଦେଖିଲା ଶେଷ ଡବାରୁ ଓହ୍ଲାଇ ଆସୁଛି ତା ପୁଅ । ମୁହଁରେ ତାର ଭରି ରହିଥିଲା ହସ ଆଉ ପ୍ରଚୁର ଆତ୍ମବିଶ୍ୱାସ । ଚାଲିରେ ବି ବଦଳି ଯାଇଥିଲା । ପୂର୍ବର ସେଇ ବାଲ୍ୟଚପଳତା ନ ଥିଲା ତା ଚାଲିରେ । ସେ ବହୁତ ବୟସ୍କ ଜଣାଯାଉଥିଲା । ପାଖକୁ ଆସି ଜଣେ ଅଭିଭାବକ ଭଳି ସେ କହିଲା, "ଏତେ ରାତିରେ ତୋର ଏଠାକୁ ଆସିବା କଣ ଦରକାର ଥିଲା ଯେ ? ମୁଁ କଣ ଏତେ ଛୋଟ ପିଲା ହୋଇଛି ?"

ପୁଅକୁ ପାଖରେ ପାଇ ଆଉ ତାର ଗମ୍ଭୀର କଣ୍ଠରୁ ଏତକ ଶୁଣି ସ୍ତ୍ରୀଲୋକଟିର ମାଆ ମନ ଆତ୍ମସନ୍ତୋଷରେ ଭରି ଯାଉଥିଲା ବେଳେ ସେ ନିଜକୁ ପ୍ରଶ୍ନଟିଏ ପଚାରୁଥିଲା, ଏମିତି କୋଉ ପାଠଶାଳାରେ ପୁଅ ମୋର ଦୁଇଦିନ ପାଠ ପଢିଲା ଯେ.. ଅଚାନକ ଆଶ୍ଚର୍ଯ୍ୟ ଭାବରେ ସେ ଏତେ ବୟସ୍କ ବନିଗଲା !!


ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

## ଗୋଟିଏ ବହିର ଆଲୋଚନା...






ପୁସ୍ତକ - ଫସିଲ୍ (ଗଳ୍ପ ସଂକଳନ)
ଗାଳ୍ପିକା - ସ୍ମୃତି ମିଶ୍ର
ପ୍ରକାଶକ - ପର୍ଣ୍ଣିମା ପବ୍ଲିକେସନ୍
ପ୍ରକାଶକାଳ - ୨୦୨୧
ପୃଷ୍ଠା - ୯୫, ମୂଲ୍ୟ - ୯୦

'ଫସିଲ୍' ପାଲଟିଯିବା ପରେ ବି ଅସ୍ତିତ୍ୱ ହରାଏନି ଗୋଟେ ସତ୍ ସମ୍ପର୍କ ।

ନୁଆ ପିଢ଼ିର ଏକ ପ୍ରଚୁର ସମ୍ଭାବନା ଥିବା ପ୍ରତିଭାମୟୀ ଗାଳ୍ପିକା ସ୍ମୃତିରେଖା ମିଶ୍ର । ଏହି ଧାଡ଼ିଟି ମୁଁ କେବଳ ଓ କେବଳ ତାଙ୍କ ଗପ ପଢ଼ିସାରି କହୁଛି । କାରଣ ଏହି ଲେଖାଟି ଲେଖିବା ପର୍ଯ୍ୟନ୍ତ ବି ମୁଁ ଜାଣିନଥିଲି ଲେଖିକାଙ୍କ ବୟସ କେତେ, ସେ କଣ କରନ୍ତି, କେତେ ପଢ଼ିଛନ୍ତି, ଚାକିରି କରନ୍ତି କି ନାହିଁ, ବିବାହ କରିଛନ୍ତି କି ନାହିଁ , ତାଙ୍କ ଜୀବନର ସଂଘର୍ଷ କଣ, ଘରେ ସାହିତ୍ୟର ପରିବେଶ ଅଛି କି ନାହିଁ, ସେ କାହିଁକି ଲେଖିକା ହେଲେ ଇତ୍ୟାଦି ଇତ୍ୟାଦି ।

ଅବଶ୍ୟ ଗୋଟିଏ ବହି ପଢ଼ିବା ବେଳେ ମୁଁ ସେ ଲେଖକଙ୍କ ବାବଦରେ କିଛି କିଛି ଜାଣିଥାଏ । କିନ୍ତୁ ଏହି 'ଫସିଲ୍' ସଂକଳନ ପଢ଼ିବା ସମୟରେ ମୁଁ କେବଳ ଚରିତ୍ରମାନଙ୍କ ସହିତ ହିଁ ରହିଛି, ଚରିତ୍ର ମାନଙ୍କ ମାନସିକ ଅବସ୍ଥା ସହିତ ନିଜକୁ ସାମିଲ କରିଛି, ସେମାନଙ୍କ ସହିତ ହସିଛି ରାଗିଛି ଦୁଃଖ ଭୋଗିଛି ।

ଏହି ଗଳ୍ପ ସଂକଳନ ରେ ସର୍ବମୋଟ ୨୭ଟି ଗଳ୍ପ ରହିଛି । ଲେଖିକା ଗଳ୍ପ ସଂକଳନଟିକୁ ଉତ୍ସର୍ଗ କରିଛନ୍ତି ସ୍ୱର୍ଗୀୟା ଜେଜେମାଙ୍କୁ ଯିଏ ପିଲାଦିନୁ ପ୍ରେରଣା ଦେଇଆସୁଥିଲେ 'ତୁ ନାଚ୍ ଗୀତ ଗା.. ଲେଖ୍ .. କିଛି ଗୋଟେ କର' କିଛି ଗୋଟେ କରିବାର ଇଚ୍ଛାରେ ଅନ୍ୟ କିଛି ହେଇ ହବ କିନ୍ତୁ କେହି ଲେଖକ ହୋଇପାରିବନି । ଲେଖକ ହେବା ପାଇଁ ଲେଖକୀୟ ସତ୍ତା ଲେଖକୀୟ ପ୍ରାଣଟେ ଓ ସର୍ବୋପରି ଈଶ୍ୱରଦତ୍ତ ପ୍ରତିଭା ଥିବା ଦରକାର । ସେ ପ୍ରତିଭା ଅଛି ବୋଲି ସ୍ମୃତିରେଖାଙ୍କର ଦ୍ୱିତୀୟ ଗଳ୍ପ ସଂକଳନ ପଢ଼ିବାର ସୁଯୋଗ ଆମେ ପାଇଛୁ ।

ବହିଟେ ପାଇଲେ ଶେଷ ଗପରୁ ହିଁ ମୁଁ ପଢ଼ା ଆରମ୍ଭ କରେ । ଏଇଟା ମୋର ପୁରୁଣା ଅଭ୍ୟାସ । ପିଲାଦିଲେ ଖବର କାଗଜ ଆସେଲେ ଶେଷ ପୃଷ୍ଠାରେ ଖେଳ ଖବର ଥିବାରୁ ଆଗ ଶେଷ ପୃଷ୍ଠା ଖୋଲି ପଢ଼େ ତାପରେ ଭିତରକୁ ପଶେ । ବୋଧହୁଏ ସେହି ଅଭ୍ୟାସଟି ରହିଯାଇଛି ।

ସଂକଳନର ଶେଷ ଗପ 'ଆଇରନ୍ ଲେଡି' ଇଂରାଜୀ ନାଁ, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେହେତୁ ସଂକଳନର ଅନେକ ଇଂରାଜୀ ଶବ୍ଦରେ ଶୀର୍ଷକ ରହିଛି । ଏହା ଏକ ପରୀକ୍ଷା ବି ହୋଇପାରେ କିମ୍ବା ଶୈଳୀ ବି ହୋଇପାରେ । ଶୈଳୀଟି ମୋତେ ଆକର୍ଷିତ କଲା ।

ଆଇରନ ଲେଡି ଗଳ୍ପ ଏକ କୋମଳ ହୃଦୟକୁ ଦେହରେ ବହି ଲକ୍ଷେ ଦୁଃଖକୁ ଧରି ବାଟ ଚାଲିବାକୁ ନିଜକୁ କଠୋର ବୋଲି ଦେଖେଇ ହେଉଥିବା ଜଣେ ହେଡ୍ ନର୍ସଙ୍କ କାହାଣୀ ।

ଗଳ୍ପର କଳେବର ଛୋଟ କରିବାକୁ କିମ୍ବା ଇସାରା ଇସାରାରେ ବି ଗପଟେ କହିହେବ ଏ ବିଶ୍ୱାସ ଜନ୍ମେଇବାକୁ ଗପଟିର ମୁଖ୍ୟ କାହାଣୀକୁ ମାତ୍ର ଦୁଇଧାଡ଼ିରେ ବ୍ୟକ୍ତ କରାଯାଇଛି । ପାରିପାର୍ଶ୍ୱିକ ପରିସ୍ଥିତି ଓ ମୁଖ୍ୟ ଚରିତ୍ର ଚିତ୍ରଣରେ କିଛିଟା ବର୍ଣ୍ଣନା ରହିଛି । ଯାହା ଗଳ୍ପକୁ ଆଗେଇନେବାକୁ ଇନ୍ଧନ ଯୋଗାଉଛି ।

ମେନୋପଜ୍ ଗପରେ ସନ୍ତାନ ନହେବାର ସବୁ ଦୋଷ ପତ୍ନୀ ଉପରେ ଲଦିଦେଇ ଦ୍ୱିତୀୟ ବିବାହ କରିଥିବା ସ୍ୱାମୀ ଉପରେ ଦୟା ଆସୁଛି ପତ୍ନୀର । ଯେତେବେଳେ ସେ ଶୁଣୁଛି ତାକୁ ଛାଡ଼ି ଦ୍ୱିତୀୟ ବିବାହ କରିବାର ଦୀର୍ଘଦିନ ପରେ ବି ସ୍ୱାମୀ ସଂକେତ ବାପା ହୋଇ ପାରିନାହାନ୍ତି । ସେ ଗପରେ ଥିବା ଶ୍ରେଷ୍ଠ ଧାଡ଼ି 'ଦେହ ହେଉବା ମନ, ସବୁଥିରେ ମେନୋପଜ୍ ଆସେ' ମୋତେ ଭଲ ଲାଗିଲା । ମୋ ମନରେ ଏକ ଧାଡ଼ି ଆସିଲା 'ଥରେ ମେନୋପଜ୍ ଆସିଲେ କ୍ଷରଣ ବନ୍ଦ ହୋଇଯାଏ, ସେ ରଜ ହେଉ କି ପ୍ରେମ ।' ଜଣେ ନାରୀର ଦୁଃଖ ଓ ମାନସିକ ଦ୍ୱନ୍ଦ୍ୱ ଭିତରୁ ନିଜକୁ ବାହାର କରିପାରିବାର କ୍ଷମତା ଓ କୌଶଳ ଖୁବ୍ ସୁନ୍ଦର ଭାବରେ ଚିତ୍ରିତ ହୋଇଛି ଗପରେ । ଏହା ଏକ ସଫଳ ଗପ ବୋଲି କହିବି ।

ନାରୀଟିଏ ନାରୀ ମାନସିକତାର କଥା ନିଶ୍ଚିତ ଅଧିକ କହିବେ କାରଣ ତାହା ହିଁ ବ୍ୟକ୍ତିଗତ ଅନୁଭୂତି । ଯାହାକି ଏହି ସଂକଳନରେ ମଧ ଦେଖିବାକୁ ମିଳିଛି ।

ଫସିଲ୍, ଭାଗ୍ୟ ଭୋଗ, ଅପ୍ରକାଶ୍ୟ, ବୋଉ ..... ଇତ୍ୟାଦୀ ଗଳ୍ପରେ ବୁଝିନେବା ଓ ସମ୍ଭାଳିନେବା ନାରୀର ଧର୍ମ, ସେତକ ନହେଲେ ସମ୍ପର୍କ କାନଭାସ୍‌ର ରଂଗ ଫିକା ପଡ଼େ । ଏତକ କଥା ବୁଝିଥିବା ନବ୍ୟା ନିଜ ପ୍ରତାରକ ସ୍ୱାମୀର ସବୁ ପ୍ରମାଣ ପାଇବା ପରେ ବି ସ୍ୱାମୀ ପାଇଁ ନିଜକୁ ଓ ଘରକୁ ଖୁବ୍ ସୁନ୍ଦର କରି ସଜାଏ । ଯେମିତି ତା ସ୍ୱାମୀ ଅନ୍ୟ ଝିଅ ପାଖକୁ ନଯିବ ।

କିନ୍ତୁ ସ୍ୱାମୀ ସମ୍ପିତ ଘରକୁ ଫେରି ସ୍ତ୍ରୀକୁ ହିଁ ସଂଦେହ କରୁଛି, ତାସଲ୍ୟ କରି କହୁଛି 'କାହାପାଇଁ ଯେ ରଂଗଶାଳା ସଜେଇ ବସିଛୁ ?' ଗଳ୍ପରେ ନବ୍ୟା ପ୍ରଥମରୁ ଯେତିକି ଷ୍ଟ୍ରଂଗ୍ ଲାଗୁଛନ୍ତି ଗପ ସରିବା ବେଳକୁ ସେ ଅବଳା ଦୁର୍ବଳା ହୋଇଯାଉଛନ୍ତି କାହିଁକି ? ପାଠକ ଭାବରେ ମୁଁ ପ୍ରତିରୋଧ କିମ୍ବା ପ୍ରତିଶୋଧ ଆଶା କରୁଥିଲେ ବି ଗଳ୍ପ ଯେହେତୁ ଜୀବନର କଥା କହେ ଏଣୁ ଜୀବନ ପରିସ୍ଥିତି ଅନୁସାରେ ବେଳେ ବେଳେ ଦମ୍ଭିଲା ଲୋକକୁ ବି ଦୁର୍ବଳ କରିଦେଇ ସହିବାକୁ ବାଧ କରିପାରେ । ଯାହା ଗଳ୍ପରେ ଘଟିଛି ।

ସବୁଠୁ ବେଶି ଭଲଲାଗିଲା ଗଳ୍ପ 'ମେଟ୍ରିମୋନୀ' । ସ୍ମୃତିଙ୍କ ପ୍ରତ୍ୟେକ ଗଳ୍ପ ପରି ଏହି ଗଳ୍ପର ଚରିତ୍ର ମଧ ଆଧୁନିକ ସହରୀ ସଭ୍ୟତାର ଚରିତ୍ର । ଝିଅ ପାଇଁ ଧନି ବର ଖୋଜିବାର ପ୍ରୟାସରେ ଝିଅର ମନକଥା ବୁଝିବାକୁ ଚେଷ୍ଟା କରୁନାହାନ୍ତି ଝିଅର ମାଁ । କିନ୍ତୁ ବାପା ବୁଝିପାରିଛନ୍ତି ଝିଅର ମନକଥା ।

ସ୍ମୃତିଙ୍କ ସବୁଠୁ ବଡ଼ ପ୍ଲସ୍ ପଏଣ୍ଟ ତାଙ୍କର କହିବାର ଶୈଳୀ ଓ ରୂପକଳ୍ପର ବ୍ୟବହାର । ଜଗଦୀଶ ମହାନ୍ତିଙ୍କ ଗପରେ ଏହି ନିଆରାପଣ ମୁଁ ଦେଖିଛି । ସାଧାରଣ କଥାକୁ ବି କାବ୍ୟିକ ଢଂଗରେ କହି ପାଠକଙ୍କୁ ଅକୃଷ୍ଟ କରି ବାନ୍ଧି ରଖିବାର କଳା ସ୍ମୃତି ମିଶ୍ରଙ୍କ ଗଳ୍ପରେ ଦେଖିବାକୁ ମିଳେ ।

ଭଲ କଥା କୌଣସି କାହାଣୀରେ ଉପଦେଶ ଦେଇନାହାନ୍ତି କି ଆଦର୍ଶର କଥା କହିନାହାନ୍ତି । ଗପର ଚରିତ୍ର ସେଥିପାଇଁ ଜୀବନ୍ତ ଲାଗୁଛନ୍ତି ।

କିଛି ଗପରେ ଗତ ଗୋଟିଏ ବର୍ଷର ସାମାଜିକ ଚିତ୍ର କରୋନା ମହାମାରୀର ପ୍ରଭାବ ଗଳ୍ପରେ ପଡ଼ିଛି । ମୁଁ କହିବି କରୋନା ବି ଏକ ଚରିତ୍ର ହୋଇଛି ସେହି ଗଳ୍ପ ମାନଙ୍କରେ ।

ହାଟ ଓ ପଇତା ଦୁଇଟି ଗଳ୍ପ ମଧ ମୋର ପ୍ରିୟ ହୋଇରହିବ । ଗଳ୍ପର କାରୁଣିକ ଚିତ୍ର କୌଣସି ହୃଦୟକୁ ତରଳାଇବା ପାଇଁ ଯଥେଷ୍ଟ ।

ନନା ଓ ସମିକରଣ ଗଳ୍ପ ମୋତେ କନ୍ଦେଇଛି ବହୁତ ସମୟ । ବ୍ୟାଗ୍‌ରେ କେଇଖଣ୍ଡ ପୁରୁଣା ଲୁଗା ଅଛି, ପିନ୍ଧିବୁ ? ବିବାହିତା ଝିଅର ମା କୁ ଏଇ ପ୍ରଶ୍ନ .. ପାଠକ ଛାତିକୁ ଦୋହଲାଇଦିଏ । ଗପଟିକୁ ତିନି ଥର ପଢ଼ିଛି । ସେ ଗପ ଭିତରେ ମୁଁ ମୋ ଭିତରେ ଏକ ଅସହାୟ ଝିଅଟେକୁ ଆବିଷ୍କାର କରିଛି । ହଁ ପାଠକର ହୃଦୟଟେ ଥିଲେ ପୁଅ ବି ଝିଅ ହୋଇପାରେ ।


ଗଳ୍ପରେ ନିଜ ବୟସ ଠାରୁ ଅଭିଜ୍ଞ ଲାଗନ୍ତି ଗାଳ୍ପିକା । ଏତେ କମ୍ ବୟସରୁ ଏତେ ଅନୁଭୂତି, ସେ ଅନୁଭୂତିର ସଫଳ ଗଳ୍ପ ରୁପାୟନ ଖୁବ କମ୍ ଲେଖକଙ୍କ ପାଖରେ ଦେଖାଯାଏ ।

ଗାଳ୍ପିକା ସ୍ମୃତି ମିଶ୍ର ଙ୍କର ଏହି ଗଳ୍ପ ସଂକଳନ 'ଫସିଲ୍' ପାଠକାଦୃତ ହେଉ ଏତିକି କାମନା କରୁଛି ...



ଆଲେଖ୍ୟ:
କ୍ଷୀରୋଦ ବିହାରୀ ବିଶ୍ୱାଳ
ମାର୍ଫତ - କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ
ନୁଆପୁର, କଲ୍ୟାଣୀ, ବାଲେଶ୍ୱର
ମୋ: ୯୪୩୭୯୮୭୬୭୫

## ସ୍ମୃତି ଶତଦଳ ୨୨୪



## କେନେଡି ସ୍ପେସ୍ ସେଣ୍ଟର

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ସାଧାରଣତଃ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଡାକ୍ତର, ଇଂଜିନିୟର ବା' ଶିକ୍ଷାବିତ୍ ହେବା ପାଇଁ ସୁନ୍ଦର ସୁନ୍ଦର ନକ୍ସାମାନ ଆଙ୍କିଥାନ୍ତି । ସେଥିପାଇଁ ଲୋଡା ହୋଇଥାଏ ସଂଗ୍ରାମ ଓ ସାଧନା ଏବଂ ସର୍ବୋପରି ମଙ୍ଗଳମୟ ଈଶ୍ୱରଙ୍କର ବିନ୍ଦୁଏ କୃପାଜଳ ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସାନ ସାନ ପିଲାମାନଙ୍କୁ ସ୍କୁଲରେ ଚିନ୍ତା ଓ ଦିଗ୍‌ଦର୍ଶନ ଦେଲାବେଳେ, ଗୁରୁଜନମାନେ ସବୁବେଳେ ଉପଦେଶ ଦେଇଥାନ୍ତି, "ପ୍ରଚୁର ସ୍ୱପ୍ନ ଦେଖ, ସେ ସ୍ୱପ୍ନକୁ ସାକାର କରିବାକୁ ଚେଷ୍ଟା କର ଏବଂ ଏକ ସୁନ୍ଦର ଭବିଷ୍ୟତର ଲକ୍ଷ୍ୟ ନେଇ ଆଗେଇ ଚାଲ, ନିଶ୍ଚୟ ତୁମମାନଙ୍କର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବ । ମହା ସମୁଦ୍ରରେ ଭାସୁଥିବା ଜାହାଜଟିଏ ଯେମିତି ନିଶ୍ଚିତ ଲକ୍ଷ୍ୟ ସ୍ଥଳ ନହେଲେ ବାଟ ଭୁଲି ସମୁଦ୍ରରେ ଭାସୁଥାଏ, ଠିକ୍ ସେମିତି ଶିଶୁଟିଏ ତା'ର କୌଣସି ଲକ୍ଷ୍ୟ ନରଖିଲେ ଜୀବନର ଚରମ ସୋପାନରେ ପହଞ୍ଚି ପାରେନାହିଁ ।

ସାଧାରଣତଃ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଡାକ୍ତର, ଇଂଜିନିୟର ବା' ଶିକ୍ଷାବିତ୍ ହେବା ପାଇଁ ସୁନ୍ଦର ସୁନ୍ଦର ନକ୍ସାମାନ ଆଙ୍କିଥାନ୍ତି । ସେଥିପାଇଁ ଲୋଡା ହୋଇଥାଏ ସଂଗ୍ରାମ ଓ ସାଧନା ଏବଂ ସର୍ବୋପରି ମଙ୍ଗଳମୟ ଈଶ୍ୱରଙ୍କର ବିନ୍ଦୁଏ କୃପାଜଳ । ଆମ ଘରେ ସମସ୍ତେ ଯେହେତୁ ଡାକ୍ତର ତେଣୁ ଆମେ ଭାବିଲୁ ଆମ ନାତିନାତୁଣୀମାନେ ମଧ୍ୟ ଗଭୀର ଆଗ୍ରହର ସହ ଡାକ୍ତରୀ ପାଠ ପଢିବେ । ପୁଅ ବୋହୂ ଚଣ୍ଡୀଗଡରେ ଡାକ୍ତର ଥିବା ବେଳେ ବଡ ନାତୁଣୀ ଲଭଲି ପାଠ ପଢିବା ସହ ନାଚ ମଧ୍ୟ ଶିଖୁଥିଲା, 'ତାଇକୁଣ୍ଡୁ'ରେ ତାଲିମ ନେଉ ଥିଲା ଏବଂ ପିଆନୋ ବଜାଇ ଗୀତ ଗାଉଥିଲା । ତା ମୁହଁରୁ ସଂଗୀତର ସେ ମଧୁର ଝଙ୍କାର ଶୁଣିଲେ ଆମ ମନ ଆନନ୍ଦରେ ଭରି ଉଠୁଥିଲା । ବେଳେ ବେଳେ ସେ ମତେ କହୁଥିଲା "ମ୍ୟୁଜିକ, ଇଜ ମାଇ ଡ୍ରିମ୍", ଏବଂ ଅନ୍ୟ ଭାଷାରେ "ମୋର ସ୍ୱପ୍ନ ହେଉ ସଂଗୀତମୟ, ମୋର ଜୀବନ ହେଉ ସଂଗୀତମୟ ଏବଂ ମୋର ତପସ୍ୟା ହେଉ ସଂଗୀତମୟ" ବୋଲି ଭାବୁଥିଲା । ଚଣ୍ଡୀଗଡରେ ଥିଲାବେଳେ ସେ ଖୁବ୍ ଛୋଟ ହୋଇଥିଲା । ପୁଅ ସିଦ୍ଧାର୍ଥ ଯେତେବେଳେ ଆମେରିକା ମେୟୋକ୍ଲିନିକ୍ ରଚେଷ୍ଟରରେ ହାର୍ଟ ସର୍ଜନ ଥିଲା, ସେତେବେଳେ ଲଭଲିକୁ ମାତ୍ର ୫-୬ ବର୍ଷ ହୋଇଥିଲା । ଆମେ ଆମେରିକା ଗଲାବେଳକୁ ସେ ଠିକ୍ ମୋ ଭଳି ଗୋଟିଏ କୁନି ଚେୟାର ରେ ବସି, ଚଷମା ପିନ୍ଧି, ଡାଏରୀରେ କବିତା ଲେଖିବା ଆରମ୍ଭ କରି ଦେଉଥିଲା । ସମସ୍ତଙ୍କୁ କହୁଥିଲା "ମୁଁ ଜେମା' (ଜେଜେମା')ଙ୍କ ପରି କବିତା ଲେଖୁଛି । ଆଶ୍ଚର୍ଯ୍ୟ କଥା ତା'ର ବର୍ଷକ ପରେ "ସନ ସେଟ ଇନ ରଚେଷ୍ଟର" ନାମକ କବିତା ଲେଖି ତାଙ୍କ ସ୍କୁଲରେ ସେ ପ୍ରଥମ ହୋଇଥିଲା । ସେ ବିଜ୍ଞାନ ପଢୁଥିଲା ଏବଂ ସେଥିରେ ସେ ଭଲ ନମ୍ବର ରଖୁଥିଲା ।

ଆମେରିକାରେ ଥିବା ବେଳେ ମୁଁ ଥରେ ପୁଅକୁ ମଜାରେ କହିଥିଲି "ଆମର ଥାର୍ଡ ଜେନେରେସନ ବା' ତୃତୀୟ ପିଢୀର ପିଲାମାନେ ଯେମିତି ଡାକ୍ତର ହେବେ, ଲଭଲିକୁ ତୁ ସେଇ ଟ୍ରେନିଂ ଦେବୁ ।" ସାଙ୍ଗେ ସାଙ୍ଗେ ପୁଅ ଉତ୍ତର ଦେଲା " ମା' ଦେଖୁଛ ତ' ଆମ ଅବସ୍ଥା । ତୁମ କ୍ୟାରିଅର ଆରମ୍ଭରୁ ଏ ଯାଏଁ ରୋଗୀ ଦେଖୁଛ, ଡେଲିଭରି କରୁଛ, ଅପରେସନ କରୁଛ; ଘର ପାଇଁ ତୁମର ସମୟ ନାହିଁ କି, ନିଜ ପାଇଁ ମଧ୍ୟ ବିଶ୍ରାମ ନେବାକୁ ସମୟ ନାହିଁ । ଡାକ୍ତରୀ ରୂପେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ସମୟ ଲାଗେ । ଝିଅ ମାନଙ୍କୁ ଡାକ୍ତରୀ ପାଠ ପଢି ପ୍ରତିଷ୍ଠିତ ଡାକ୍ତର ହେବା ପାଇଁ ପାଇଁ ମଧ୍ୟ ବହୁ ସମୟ ଦେବାକୁ ପଡେ, ଏତେ ସହଜ ନୁହେଁ ଡାକ୍ତରୀ ପାଠ । ତାର ନିଜର ସ୍ୱାତନ୍ତ୍ର୍ୟ ନେଇ ସେ ଯାହା କ୍ୟାରିଅର ଚଏସ୍ କରୁ ।" ପୁଣି ହସି ହସି ପୁଅ କହିଲା "ମୁଁ ତାକୁ ସେମିତି ଛାଡି ଦେବି ସେ ମଡେଲ ହେଉ କି ଅଭିନେତ୍ରୀ ହେଉ, ଯାହା ଚାହିଁବ ତାକୁ ନେଇ କ୍ୟାରିଅର ଗଢିବ ।" ମୁଁ ହସିଦେଇ କହିଲି 'ବାପା, ମଡେଲିଂ କରିବା ବା' ଗ୍ଲାମର ଦୁନିଆଁ ରେ ରହିବା ସବୁଠାରୁ କଷ୍ଟକର କଥା, କାରଣ ନଖାଇ ନପିଇ ଫିଗର ମେଣ୍ଟେନ କରିବା ଖୁବ୍ କାଠିକର ପାଠ । ତେଣୁ କୌଣସି କ୍ୟାରିୟର ସହଜ ସାଧ୍ୟ ନୁହେଁ, ସେ ମୁରୁକି ହସି ଚୁପ୍ ରହିଲା ।

ଚାରିବର୍ଷ ପରେ ପୁଅ ରଚେଷ୍ଟରରୁ ଆସି ଫ୍ଲୋରିଡା ମେୟୋକ୍ଲିନିକ୍‌ରେ କାମ କରିବା ବେଳେ ଆମେ ପୁଣି ଥରେ ଆମେରିକା ଯାଇଥିଲୁ । ଏଥରକ ଲଭଲି ଆଉ ଟିକିଏ ବଡ ହୋଇ ଯାଇଥିଲା ଏବଂ ସେତେବେଳେ ସେ ଆମକୁ ଦୃଢ ଭାବରେ କହିଲା "ଜେମା, ମୁଁ ଭିବଷ୍ୟତରେ ଏରୋନୋଟିକାଲ ଇଂଜିନିୟର ବା ସ୍ପେସ୍ ଇଂଜିନିୟର ହେବି, ଫ୍ଲୋରିଡାର କେନେଡି ସ୍ପେସ୍ ସେଣ୍ଟରକୁ ଯାଇଁ ସବୁ ଜିନିଷ ଦେଖିବି ଏବଂ ପରେ ସେଠି ଟ୍ରେନିଂ ନେବି ଓ ସ୍ପେସ୍ କୁ ଯିବି ।"

ମୋର ଦୁଇ ଆଖି ବିସ୍ମୟରେ ବିସ୍ଫାରିତ ହୋଇଗଲା, ଲଭଲିକୁ କହିଲି "ହେ ଭଗବାନ କୋଉ ମହାକାଶକୁ ଯିବୁ ତୁ ? କେମିତି ପଢିବୁ ତୁ' ଏରୋନୋଟିକାଲ ଇଂଜିନିୟରିଂ ?" ପୁଣି ମନେ ମନେ ଭାବିଲି ଆମେରିକାକୁ ଆସି କେନେଡି ସ୍ପେସ୍ ସେଣ୍ଟର ଦେଖିଲେ, ଯେ କେହି ବୁଦ୍ଧିମତୀ ଝିଅ ବୋଧେ ମହାକାଶଚାରୀ ହେବାର ସ୍ୱପ୍ନ ଦେଖିବ ଏବଂ ସେ ସ୍ୱପ୍ନ ସତ କରିବାକୁ କଠିନ ପରିଶ୍ରମ କରିବ ।

ଆମର କଳ୍ପନା ବାସ୍ତବତାର ରୂପନେଲା ଯେତେବେଳେ ଆମେ ପ୍ଲାନ କଲୁ ଜାକ୍‌ସନ୍‌ଭିଲରୁ ଫ୍ଲୋରିଡା ଯାଇ ମହାକାଶ ଗବେଷଣାଗାର ଦେଖିବୁ । ଏହା ଜାକ୍‌ସନ୍‌ଭିଲ ଓ ମିଆମି ମଝିରେ ଅବସ୍ଥିତ । ଏହାର ଅନ୍ୟ ନାମ ହେଉଛି "ନାସା ଲଞ୍ଚ ଅପରେସନ ସେଣ୍ଟର" ଯାହା ଫ୍ଲୋରିଡାର ମେରିଟ୍ ଆଇଲ୍ୟାଣ୍ଡରେ ଅବସ୍ଥିତ । ଏହା "ନାସା"ର ପ୍ରଥମ ଲଞ୍ଚ ସେଣ୍ଟର । ନାସାର ପ୍ରାସାଦ ନିର୍ମାଣ କାମ ପ୍ରାୟ ୧୯୫୨ ମସିହାରୁ ଆରମ୍ଭ ହୋଇଥିଲା ଏବଂ ଏହାକୁ ଆମେରିକାର ପୂର୍ବତନ ପ୍ରେସିଡେଣ୍ଟ ଜନ. ଏଫ୍ କେନେଡି ଆରମ୍ଭ କରିଥିଲେ । ଏମିତିକି ମୃତ୍ୟୁର ୭ ଦିନ ପୂର୍ବରୁ ୧୯୬୩ ମସିହା ନଭେମ୍ବର ୨୨ ତରିଖ ଦିନ ମଧ୍ୟ ସେ ନାସାର ପ୍ରାସାଦ ନିର୍ମାଣର କାର୍ଯ୍ୟକ୍ରମ ତଦାରଖ କରିଥିଲେ ।


କେନେଡି ସ୍ପେସ ସେଣ୍ଟରର ଦୈର୍ଘ୍ୟ ୫୫ କି.ମି. ଏବଂ ପ୍ରସ୍ତ ହେଉଛି ୯.୭ କି.ମି । ଏଠାରୁ ଆପୋଲୋ ରକେଟ ଲଞ୍ଚ କରାଯାଇଥିଲା । ତନ୍ମଧ୍ୟରୁ ଆପୋଲୋ ୧୧ ରକେଟ ଚନ୍ଦ୍ରକୁ ପ୍ରେରଣ କରାଯାଇଥିଲା, ଯେଉଁଥିରେ ନୀଲ ଆର୍ମଷ୍ଟ୍ରଙ୍ଗ, ମାଇକେଲ କଲିନ୍ସ ଓ ବୁଜ ଆଲଡ୍ରିନ ଥିଲେ । ୧୯୭୩ରେ ସର୍ଟର୍ଣ୍ଣ-୫ ଲଞ୍ଚ ସମୟରେ ମହାକାଶରେ ସ୍କାଏଲାବ୍ ସ୍ପେସ ଲଞ୍ଚ କରାଯାଇଥିଲା ।

ବର୍ତ୍ତମାନ ନୂଆ ପ୍ରୋଗ୍ରାମ ଅନୁସାରେ ଅତ୍ୟାଧୁନିକ ସ୍ପେସ୍ ଲଞ୍ଚ ସିଷ୍ଟମ ଲାଗୁକରାଯାଇଛି । ତେବେ ମହାକାଶଚାରୀମାନେ ଆକାଶକୁ ଯେମିତି ଯାଆନ୍ତି ଏବଂ ମହାକାଶ କକ୍ଷରେ ଭ୍ରମଣ କରନ୍ତି ତା'ର ଛୋଟ ସ୍ପେସ୍ କ୍ରାଫ୍ଟରେ ଭିଜିଟରମାନେ ବସୁଥିଲେ ଏବଂ ସେଥିରେ ବସିଲେ ମହାକାଶକୁ ରକେଟ ଯାତ୍ରା କଲାଭଳି ଲାଗୁଥିଲା । ସେଦିନ ଆମେ ସମସ୍ତେ ସେଥିରେ ବସିବାର ମଜା ନେଇଥିଲୁଁ ।

ବିଜ୍ଞାନର ଯେ ଏତେ ରିସର୍ଚ୍ଚ ହୋଇପାରିବ ଏବଂ ସେମାନେ ନାସାରୁ ଏତେ ବିରାଟ ରକେଟ ଯେ ମହାକାଶକୁ ପ୍ରେରଣ କରିବେ ଏକଥା ଦେଖି ଆମେ ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇଗଲୁ । ଫ୍ଲୋରିଡାରେ ଏକମାସର ରହଣି ଭିତରେ କେନେଡି ସ୍ପେସ୍ ସେଣ୍ଟର ଦେଖିବାର ଅଭିଜ୍ଞତା ଚିର ସ୍ମରଣୀୟ ହୋଇ ରହିବ । (କ୍ରମଶଃ)


## ଧାରାବାହିକ ଅନୁବାଦ ଉପନ୍ୟାସ...(୨୧)

# ଖେଳ



ମୂଳ ହିନ୍ଦୀ – ଅଭିଷେକ କଶ୍ୟପ



ଅନୁବାଦ- ନନ୍ଦିତା ମହାନ୍ତି

(ପୂର୍ବପ୍ରକାଶିତ ଉତ୍ତାରୁ)

କୌଣସି ଶକ୍ତିଶାଳୀ ଟିମ୍ ସହିତ ମ୍ୟାଚ ଫିକ୍ସ ହୋଇଗଲା ପରେ ସପ୍ତାହ ସପ୍ତାହ ଧରି ମୁଁ ରାତିରେ ଶୋଇ ପାରେନା । ଏକ ବିଚିତ୍ର ଭୟ ମୋତେ କବଳିତ କରିନିଏ, ମୁଁ ଯଦି ଜିରୋରେ ଆଉଟ ହୋଇଯାଏ କିମ୍ବା ମୋର ବଲକୁ ଯଦି ତୁଳା ଭିଣିଲା ପରି ଧୂମ ମାଡ ହୁଏ ତେବେ..... ।

ଅବସ୍ଥା ଏପରି ଦୟନୀୟ ହୋଇ ଯାଇଥିଲା ଯେ, ଯଦି 'ଇଲେଭେନ ଷ୍ଟାର' କୌଣସି ମ୍ୟାଚ ହାରି ଯାଉଥିଲା, ତେବେ ସବୁ ପିଲା ମୋର ଗୁରୁ ପାଲଟି ଯାଉଥିଲେ .......

"ଏମିତି କ୍ରସ ବ୍ୟାଟିଂ କରିବାର ନ ଥିଲା....."

"ସଟ୍ ପିଚ ବଲ ଫୋପାଡିବାର ନ ଥିଲା....."

ମୁଁ କ୍ରୋଧରେ ଫାଟି ଯାଉଥିଲି, "କଣ କେବଳ ମୋଅରି ଭରସାରେ ମ୍ୟାଚ ଫିକ୍ସ କରା ଯାଇଥିଲା ? ତୁମେମାନେ କଣ ଏଠି ବସି ଆଳୁରୁ ଚୋପା ଛଡେଇବ ?"

ତାପରେ ମୁଁ ସେମାନଙ୍କୁ ଜ୍ଞାନ ଦେଉଥିଲି –"ଦୁନିଆର ସବୁଠାରୁ ମହାନ ବ୍ୟାଟ୍ସମ୍ୟାନ ବି ସବୁ ମ୍ୟାଚରେ ସେଞ୍ଚୁରୀ କରି ପାରେନାହିଁ । ଏମିତି କୌଣସି ବ୍ୟାଟ୍ସମ୍ୟାନ ନାହିଁ ଯିଏ ଜିରୋରେ କେବେ ଆଉଟ ହୋଇନାହିଁ ଆଉ ଏମିତି କୌଣସି ବୋଲର ମଧ ନାହିଁ ଯାହାର ବଲ୍‌ର କେବେ ନା କେବେ ଧୂଳା ନ ଉଡିଛି । ଡନ ବ୍ରାଡମ୍ୟାନ ବି ଜିରୋରେ ଆଉଟ ହୋଇଛନ୍ତି .....ଜେଫ ଥମସନ ଓ ଡେନିସ ଲିଲିଙ୍କ ବଲର ବି ଧୂଳି ଉଡିଛି .....ସେମାନଙ୍କ ଆଗରେ ମୁଁ ବା ଏମିତି କି ଖେଳାଳିଟେ ଯେ।"

ମୋର ଯୁକ୍ତିତର୍କର କିନ୍ତୁ ଓଲଟା ପ୍ରଭାବ ପଡୁଥିଲା । ସମସ୍ତେ ଚାରିଆଡୁ ମୋତେ ଘେରି ଯାଇ ମୋର ବିରୋଧ କରିବା ଆରମ୍ଭ କରି ଦିଅନ୍ତି .....

ମୁଁ ଏକୁଟିଆ ସେମାନଙ୍କର ପ୍ରତିରୋଧ କରେ ।

ଏହାକୁ ନେଇ ମୁଁ ଖୁବ ବ୍ୟସ୍ତବିବ୍ରତ ରହିବାକୁ ଲାଗେ । ଏହି ପ୍ରତିକୂଳ ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ମୁଁ ମନେ ମନେ ଅନେକ ଉପାୟ ପାଞ୍ଚେ, ହେଲେ କୌଣସି ଉପାୟ ମୋ ମନକୁ ପାଏନାହିଁ ...... ହେଲେ ଈଶ୍ୱର ଭାରି ଦୟାଳୁ , ଆଉ ସିଏ ରଚି ଥିବା ଏହି ଦୁନିଆରେ ଡେରିରେ ହେଉ ପଛେ ସବୁ ସମସ୍ୟାର ସମାଧାନ ମିଳି ହିଁ ଯାଏ । ତେବେ ସଂଯୋଗବଶତଃ ମୋର ସମସ୍ୟାର ସମାଧାନ ବି ମିଳିଗଲା ।

ଦିନେ ଶୀତଦିନିଆ ଦ୍ୱିପ୍ରହରରେ ଅଗଣାରେ ବିଛାଡି ହୋଇ ପଡିଥିବା ସୁନା ରଙ୍ଗର ନରମ ଖରାରେ ବସି ମୁଁ ଆଳୁଭଜା ସହିତ ଭାତ ଡାଲି ଖାଉଥିଲି । ପାଖରେ ମାଞ୍ଚିଆ ଉପରେ ବସି ମାଆ ଜଣେ ପଡୋଶୀ ମହିଳାଙ୍କ ସହିତ କଥା ହେଉଥିଲେ । ସେହି ଛୋଟ ସହରର କୌଣସି କଳିହୁଡୀ ମହିଳାଙ୍କର କୁତ୍ସାରଟନା ଚାଲିଥିଲା । ପ୍ରସଙ୍ଗବଶତଃ ମାଆ ଶାଶୁ-ବୋହୂଙ୍କୁ ନେଇ ଏକ ଘଟଣାର ଅବତାରଣା କଲେ । ଘଟଣାଟି କିଛି ଏହି ପ୍ରକାରେ ଥିଲା :

ଶାଶୁ ଥିଲେ ଅତିମାତ୍ରାରେ କଳିହୁଡୀ । ବୋହୂ ବିଦୁଷୀ । ଶାଶୁ ପ୍ରତି ମୁହୂର୍ତ୍ତରେ ବୋହୂକୁ ଉଲୁଗୁଣା ଦେଉଥିଲେ ....ଦିନେ କୌଣସି କଥାକୁ ନେଇ ଘରେ ଝଗଡା ହେଲା । ଶାଶୁ ଗାଳି ଦେଇ ଚାଲିଥିଲେ......ଅନବରତ ଗାଳି ଦେଇ ଚାଲିଥିଲେ ....ବୋହୂ ଚୁପଚାପ ଶୁଣୁଥିଲା ...ଶୁଣି ଚାଲିଥିଲା .... ଶେଷରେ ଶାଶୁ ସେମିତି ଚିତ୍କାର କରୁ କରୁ ପାଟିରୁ ଫେଣ ନିଗାଡି ମଲା ।

ମରିବା ପୂର୍ବରୁ ବୋହୂ ମୁହଁରେ କ୍ଷୀଣ ହସର ନହନହକା ଛଟା ଦେଖି ଶାଶୁ ଆଖିରେ ଗଭୀର ଭୟ ଛାଇ ଯାଇଥିଲା ।

ବାଃ ! ରାସ୍ତା ତ ମିଳିଗଲା ।

ବ୍ୟାଟ-ଓ୍ୱିକେଟ ନେଇ ମୁଁ 'ଅଫିସର ଷ୍ଟାଡିୟମ' ଦିଗରେ ଚାଲିଲି ।

ପରବର୍ତ୍ତୀ ସପ୍ତାହରେ 'ଜିନିଅସ କ୍ଲବ' ଠାରୁ 'ଇଲେଭେନ ଷ୍ଟାର' ଖୁବ୍ ଦୟନୀୟ ଭାବରେ ହାରିଲା । ମ୍ୟାଚ ହାରିବା ପରେ ସମସ୍ତେ ମୋତେ ଘେରି ଯାଇ ନିଜ ନିଜର ବୋଲିବାଣୀ ଶୁଣାଇବା ଆରମ୍ଭ କରିଦେଲେ । ମୋର ଦେହ, ମନ କ୍ରୋଧରେ ରୁଦ୍ଧି ହୋଇ ଯାଉଥିଲା, ହେଲେ ମୁଁ ମୁଣ୍ଡ ତଳକୁ କରି ଚୁପଚାପ ସେମାନଙ୍କର ଉପଦେଶ ଶୁଣିଲି ......ବିଦୁଷୀ ବୋହୂ ମୋର ଆତ୍ମା ଭିତରେ ପଶି ସାରିଥିଲା ।

ସେଦିନ ମୋତେ ବହୁତ ଅବସୋସ ମଧ ଲାଗିଲା । ନିଜ ନାମର ଠିକ ଓଲଟା 'ଜିନିଅସ କ୍ଲବ 'ଥିଲା ଏକ ଦୁର୍ବଳ ଟିମ୍ । ହେଲେ ସେଦିନ ଭାଗ୍ୟ ଖରାପ ଥିଲା, ପ୍ରଥମ ଓଭରର ପ୍ରଥମ ବଲରେ ହିଁ ମୁଁ ଆଉଟ ହୋଇଗଲି । ସଟ-ପିଚ ବଲ ଏକ ରସଗୋଲା ପରି ମୋ ବ୍ୟାଟ ଆଡକୁ ଆଗେଇ ଆସୁଥିଲା ଆଉ ମୋ ପାଟିରେ ଲାଳ ଜକେଇ ଆସିଲା । ହେଲେ ଟାଇମିଙ୍ଗରେ ଗଡବଡ ହେଇଗଲା । ବ୍ୟାଟ ଶରୀର ଠାରୁ ଅନେକ ଦୂରରେ ରହିଗଲା । ବ୍ୟାଟର ଧାରକୁ ଛୁଇଁ ବଲ ସ୍ଲିପର ହାତକୁ ଚାଲିଗଲା ।

ମୁଁ କେବଳ ହତାଶ ହୋଇ ଚାହିଁ ରହିଲି ଯାହା ।

ଶଳା 'ଜିନିଅସ କ୍ଲବ' ଏତେ ଦୁର୍ବଳ ଟିମ ଥିଲା ଯେ ମୋର ମେରୁଦଣ୍ଡବିହୀନ ବ୍ୟାଟ୍ସମ୍ୟାନମାନେ, ଯେଉଁମାନେ ପ୍ରତ୍ୟେକ ଥର ମୁଁ ଆଉଟ ହେବା ପରେ ମାତ୍ର କୋଡିଏ ରନ ମଧରେ ସୀମିତ ହୋଇଯାଆନ୍ତି, ଆଜି ପଚାଶ କରି ଦେଇଥିଲେ । ଭାଗ୍ୟ ମଧ ଏମିତି ଖରାପ ହେଲା ଯେ ମୁଁ ସେମାନଙ୍କର ଓପନରକୁ ଆଉଟ କରି ପାରିଲି ନାହିଁ ଆଉ ପରବର୍ତ୍ତୀ ବ୍ୟାଟ୍ସମ୍ୟାନମାନେ ସାତ ଓଭର ଭିତରେ ସବୁ ହିସାବ-କିତାବ ଛିଣ୍ଡେଇ ଦେଲେ ।

ପ୍ରବଳ ପଶ୍ଚାତାପରେ ମୁଁ ଦୁଇ ପାପୁଲିରେ ମୁହଁକୁ ଘୋଡେଇ ଅନେକ ସମୟ ଯାଏଁ ଚୁପଚାପ ବସି କିଛି ଚିନ୍ତା କରିବାକୁ ଲାଗିଲି । ପୁଣି ହଠାତ ଉଠି ଛିଡା ହୋଇ ପଡିଲି । ସମସ୍ତେ ଅବାକ ! ମୁଁ ବ୍ୟାଟ-ବଲ ନେଇ ଷ୍ଟାଡିୟମ ବାହାରକୁ ଆସିଗଲି ।

ପରଦିନ ସକାଳେ ମୁଁ ବ୍ୟାଗ ନେଇ ଆଳୁ ଓ ଚିନି କିଣିବାକୁ ବାହାରିଲି । ଏମିତି ତ ମୁଁ ସନ୍ଧ୍ୟାବେଳେ ବଜାର ଯାଏ । କିନ୍ତୁ 'ମୋତେ ଶାଶୁ ଆଖିର ଭୟ' ଦେଖିବାର ଥିଲା ।

ସଡକର ବାମ ପଟେ ବଲକୁ ଉପରକୁ ଫୋପାଡି ସେମାନେ କ୍ୟାଚ-କ୍ୟାଚ' ଖେଳୁଥିଲେ । ଡାହାଣ ଦିଗରୁ ଗଲା ବେଳେ ମୁଁ ନ ଜାଣିଲା ପରି ନଜର ପହଁରେଇ ଆଣିଲି ତାଙ୍କ ଉପରେ । ହଠାତ୍ ଖେଳ ଅଟକିଗଲା ! ସେମାନେ ସମସ୍ତେ ଦଉଡି ଆସିଲେ ଓ ମୋତେ ଘେରି ପକେଇଲେ, 'ସରି....ରିଅଲି ସରି ....'

'ଉଇ ଆର ରିଅଲି ସରି ।'

'ଆଜି ପ୍ରାକ୍ଟିସ ପାଇଁ ଆସିବୁ ନା ?'

'ଦେଖିବି, 'କହି ମୁଁ ଆଗକୁ ବଢିଗଲି ।

ଏକ ଗଭୀର ଓ ଲମ୍ବା ନିଶ୍ୱାସ ଛାଡିଲି ମୁଁ, ଯେପରି ମୁଁ ଅନେକ ବର୍ଷ ଧରି ବୋହି ଚାଲିଥିବା ଏକ ବୋଝରୁ ଏବେ ଏବେ ମୁକ୍ତି ଲାଭ କରିଥିଲି ।

ସେମାନଙ୍କ ଚେହେରାରେ ମୁଁ 'ସେହି ଭୟ' ଅନୁଭବ କରିଥିଲି । ମୋ ମୁହଁରେ ଏକ କୁଟିଳ ହସ ଉକୁଟି ଉଠିଲା ।

ଟିମରେ ନିଜର ପ୍ରତିପତ୍ତି ବଜାୟ ରଖିବା ପାଇଁ ମୁଁ ଆହୁରି ବି ଅନେକ କିଛି କରିଥିଲି । ଯେପରିକି ଟିମରେ ଥିବା ପିଲାମାନଙ୍କ ସହିତ ଖୁବ କମ କଥାବାର୍ତ୍ତା ହେବା । ମୋର କୌଣସି କଥାକୁ ଉପଯୁକ୍ତ ଗୁରୁତ୍ୱ ଦିଆ ନ ଗଲେ, ମ୍ୟାଚ ଆରମ୍ଭ ହେବା ପୂର୍ବରୁ 'ହଉ, ମୁଁ ଆସୁଛି । "ବୋଲି କହି ସେଠାରୁ ବାହାରି ଆସିବା .....ପିଚରେ ଛିଡା ହୋଇ ଆସୁଥିବା ବଲ ସାମ୍ନାରୁ ଜାଣିଶୁଣି ବ୍ୟାଟ ହଟେଇ ଦେବା । ଆଉଟ ହେବା ପରେ ପ୍ୟାଭିଲିଅନକୁ ଫେରିବା ବଦଳରେ ଘରକୁ ଚାଲିଯିବା ....ବଲ ହଜିଗଲା ପରେ ପଇସା ଦେବାକୁ ନେଇ ଯେତେବେଳେ 'ଖିଟପିଟ' ଆରମ୍ଭ ହୋଇ ଯାଉଥିଲା ସେତେବେଳେ ଆଖି ତରାଟି, ମୁହଁ ପିଚକେଇ ମୁଁ କହୁଥିଲି, "ଘରୁ ତୁମମାନଙ୍କୁ କିଛି ପଇସା ମିଳେନି କି ? ଚୁପ ସଇତାନ କଉଠିକାର ...ସେଲଫିସ !"

ତାପରେ ମୁଁ ବ୍ୟାଟ-ଓ୍ୱିକେଟ ନେଇ ସିଧା ପ୍ୟାଭିଲିଅନ ବାହାରେ ।

ଏବେ ଆଶଙ୍କିତ କରିଦେଲା ପରି ଭୟ ଖୁବ୍ ଶୀଘ୍ର ପୁରା ଟିମ ଉପରେ ରାଜୁତି କରିବାକୁ ଲାଗିଲା । ଆଉ ନିଜ ଭିତରେ ମୁଁ ଅନୁଭବ କରୁଥିଲି ଗଭୀର ଆତ୍ମବିଶ୍ୱାସ । ଯେମିତି ମୁଁ ହେଉଛି ଅପ୍ରତିଦ୍ୱନ୍ଦ୍ୱୀ । କେହି ମୋର କିଛି ବିଗାଡି ପାରିବନାହିଁ । ରାତିରେ ମୋତେ ସ୍ୱପ୍ନରେ ଭୟଭୀତ ହରିଣ ଓ ହାତୀମାନଙ୍କ ପଛରେ ଭୟଙ୍କର ଗର୍ଜନ କରି ଦୌଡୁଥିବା ଜଙ୍ଗଲର ରାଜା, ଛକା ପରେ ଛକା ବର୍ଷା କରୁଥିବା ବିଶ୍ୱକପ ବିଜେତା ଭାରତୀୟ କ୍ରିକେଟ ଦଳର ଅଧିନାୟକ ଆଉ ଅପରାଧୀମାନଙ୍କୁ ବିଧାଗୋଇଠା ମାରି ବେଦମ କରୁଥିବା କମିକ୍ସ ବହିର ମହାଶକ୍ତିଶାଳୀ ଯୋଦ୍ଧା ଦେଖା ଯାଉଥିଲା । (କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ)୮୨୪୯୪୩୭୨୭୬

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୧ ଠିକା କର୍ମଚାରୀ ମୃତ, ୩ ଗୁରୁତର

## ବିଦ୍ୟୁତ ଅଫିସ ସମ୍ମୁଖରେ ମୃତ ଦେହ ରଖି ଧାରଣା ଦେଲେ ପରିବାର ଓ ଠିକା କର୍ମଚାରୀ

ବସ୍ତା, ୦୮/୦୧ (ନି.ପ୍ର): ଟାଟା କମ୍ପାନି ଦାଇତ୍ୱ ନେବା ପରେ ବାରମ୍ବାର ବିଜୁଳି ସଂସ୍ପର୍ଶରେ ଆସି ନିରୀହ ଠିକା କର୍ମଚାରୀ ମାନଙ୍କର ଜୀବନ ଯାଉଛି । ଯାହାଫଳରେ ବାରମ୍ବାର ବିଜୁଳିକାଟ ସାଙ୍ଗକୁ କର୍ମଚାରୀ ମାନଙ୍କର କାର୍ଯ୍ୟ ସମୟରେ ଦୁର୍ଘଟଣାର ଶିକାର ହେବାକୁ ପଡୁଛି । ଏହି ଭଳି ଅଭାବନିୟ ଘଟଣା ଦେଖିବାକୁ ମିଳିଛି। ବାଲେଶ୍ୱର ଜିଲ୍ଲା ରାଜଘାଟ ଡିଭିଜନର ସିତାଡିହା ଟ୍ରକଚରରୁ ସଟ୍ ଡାଉନ ନେଇ ୪ଜଣ ଠିକା କର୍ମଚାରୀ ସିଂଲାଥାନାର ଗିଲାଯୋଡି ଗ୍ରାମରେ ଥିବା ବିଦ୍ୟୁତ



ଖୁଣ୍ଟରେ ଚଢି ୧୧କେଭି ତାର ଓ ଇନ୍ସଲିଟର ମରାମତି କରୁଥିଲେ । ମାତ୍ର ଏହିସମୟରେ ସିତାଡିହା ଟ୍ରକଚରରୁ କେହିଜଣେ ସଟ ଡାଉନ ହୋଇଥିବା ଲାଇନକୁ ଚାଲୁ କରିଦେଇଥିଲେ ଫଳରେ ଖୁଣ୍ଟ ଉପରେଥିବା ୪ଜଣ ବିଜୁଳି ସଂସ୍ପର୍ଶରେ ଆସିଥିଲେ ଓ ଖୁଣ୍ଟ ତଳକୁ ଗଳିପଡିଥିଲେ । ନିକଟରେ ଥିବା ଗ୍ରାମର ଲୋକେ ସେମାନଙ୍କୁ ବସ୍ତା ଡାକ୍ତର ଖାନାକୁ ନେଇଆସିଥିଲେ ହେ ଜଣଙ୍କର ମୃତ୍ୟୁ ଘଟିଥିଲା । ମୃତକଙ୍କ ଘର ବସ୍ତା ଥାନା ଦୁଧହଂସା ପଞ୍ଚାୟତ ଜ୍ଞାନ ରଞ୍ଜନ ସାହୁ ୩୫ । ଅନ୍ୟ ଗୁରୁତର ଆମ୍ବକୁଡୁଚି ଗ୍ରାମର ଅଭିଜିତ ସେନାପତି, ବାଇତପଡା ଗ୍ରାମର କେଶବ ବାରିକ ଓ ଅନ୍ୟଜଣଙ୍କ ପରିଚୟ ମିଳିପାରିନାହିଁ । ତେବେ ଏହି ୩ଜଣଙ୍କ ପରିସ୍ଥିତି ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ଅପରପକ୍ଷେ ମୃତ ଓ ଗୁରୁତର ଖବର ପାଇ ମଧ୍ୟ ଜେଇ.ଏସଡିଓ.କି ଏକ୍ସକୋଟିଭ ଇଂ କେହି ପହଞ୍ଚିନଥିଲେ ତେବେ ମୃତ ଜ୍ଞାନରଞ୍ଜନର ଶବକୁ ଇଲେକ୍ଟ୍ରୀ ଅଫିସ ସମ୍ମୁଖରେ ରଖି ଠିକାଶ୍ରମିକ ଓ ମୃତ ପରିବାରକୁ ସହାୟତା ରାଶି ଦାବିକରି ବସିଛନ୍ତି । ପ୍ରକାଶ ଥାଉକି ୩ବର୍ଷ ପୂର୍ବରୁ ଏହି ବିଜୁଳି ସଂସ୍ପର୍ଶରେ ଜ୍ଞାନ ରଞ୍ଜନର ବାପା ଯୋଗେଶ୍ୱର ସାହୁ ମଧ୍ୟ ମୃତ୍ୟୁବରଣ କରିଥିଲେ ।

# ନୂଆବଜାର-ଅଲାଲପୁର ପ୍ରସସ୍ତିକରଣ ରାସ୍ତାର ଉଦ୍‌ଘାଟନ

ଜଳେଶ୍ୱର, ୮/୧(ନିପ୍ର): ଜଳେଶ୍ୱର ପୌରପାଳିକା ଅଧିନରେ ନୂଆବଜାରଠାରୁ ଅଲାଲପୁର ଯାଏ କଂକ୍ରିଟ ରାସ୍ତାର ପ୍ରସସ୍ତିକରଣ କାର୍ଯ୍ୟ ଆଜି ଉଦ୍‌ଘାଟିତ ହୋଇଛି। ନବବର୍ଷର ସୁଭେଚ୍ଛା ଓ ଏହି ଉଦ୍‌ଘାଟନୀ ସଭାରେ ନଗର ସଭାପତି ସୁରଜିତ ଘୋଷ ସଭାପତିତ୍ୱ କରିଥିଲେ । ମୋଟ ୩ କୋଟି ୫୮ଲକ୍ଷ ଟଙ୍କାର ଏହି ପ୍ରକଳ୍ପକୁ ବିଧାୟକ ଅଶ୍ୱିନୀ ପାତ୍ର ଲୋକାର୍ପିତ କରି ପୌରପାଳିକାର ଜୀବନରେଖା କୁହାଯାଉଥିବା ଏହି ରାସ୍ତା ଏ ଅଂଚଳବାସୀଙ୍କ ମୌଳିକ ସମସ୍ୟା ଦୂରକରିବାରେ ସହାୟକ ହେବ ବୋଲି କହିଥିଲେ। ବିଜେଡିର ରାଜ୍ୟପରିଷଦ ସଦସ୍ୟ ପ୍ରତୀପ ପ୍ରଧାନ ଏହି ରାସ୍ତାଲାଗି ଦୀର୍ଘଦିନରୁ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇ ଆସୁଥିବା ଏବଂ ଏହି ରାସ୍ତାକଡରେ ସ୍କୁଲ, ତହସିଲ, ଆର୍‌ଆଇ ଅଫିସ୍, ପୌରପାଳିକା, ବିଭିନ୍ନ ମନ୍ଦିର ଥିବାରୁ ଲୋକଙ୍କ ଉପକାର ହେବ ବୋଲି କହିଥିଲେ। ରାସ୍ତାକଡରେ ୧୧ ମିଟର ଲମ୍ବର ପାଣି ନାଳ ନିର୍ମାଣ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ପଣ୍ଡା, କନିଷ୍ଠ ଯନ୍ତ୍ରୀ ନିହାରକାନ୍ତି ବେହେରା, ବିଜୟ କାମିଳା, ସେକ୍ ହାସିରୁଦ୍ଦିନ ବକ୍ତ, ମିର ଆବାସ ଅଲି, ଆନନ୍ଦ କର, ସୁରଜ ଚୌରାସିଆ, ସଂଜିବ ପାଳ, ଅବଦୁଲ ରହିମ୍, ବିଶ୍ୱଭୂଷଣ ଦାସ, ସତ୍ୟରଂଜନ ଦାସ ମହାପାତ୍ର, ସତ୍ୟବତୀ ଗିରି, ହରିଶ ପ୍ରଧାନ, ଲକ୍ଷ୍ମିନାରାଣ ଜେନା, ଉତ୍ତମ ଦାସ, ପ୍ରଶାନ୍ତ ଘୋଷ, ଅମୂଲ୍ୟ ଦତ୍ତ, ଦୁର୍ଗାଶଂକର ବ୍ରହ୍ମ, ଗୋବିନ୍ଦ ସାହୁ, ଦିପୁ ସାମନ୍ତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ସଂରକ୍ଷଣ ଆଧାରରେ ପଛୁଆ ବର୍ଗର ଉଚିତ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ଦାବି

ରାଇରଙ୍ଗପୁର, ୦୮/୦୧ (ନି.ପ୍ର): ଓଡିଶାରେ ପଛୁଆ ବର୍ଗଙ୍କ ସଂଖ୍ୟା ୫୪ ପ୍ରତିଶତ ଅର୍ଥାତ ୨.୫କୋଟି ଲୋକସଂଖ୍ୟା ହୋଇଥିବାବେଳେ ବିଗତ ୫ଟି ପଞ୍ଚାୟତ ନିର୍ବାଚନରେ ପଛୁଆ ବର୍ଗର ପ୍ରାର୍ଥୀମାନେ ୨୭ପ୍ରତିଶତ ସଂରକ୍ଷଣ ଆଧାରରେ ଲଢୁଥଲେ । ଆଗାମୀ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣକୁ ନେଇ ରାଜ୍ୟ ସରକାର ଉଚ୍ଚନ୍ୟାୟଳୟ ଆଳ ଦେଖାଇ ପଛୁଆ ବର୍ଗଙ୍କ ଅଧିକାରକୁ ଅଣଦେଖା କରିବା, ପଛୁଆବର୍ଗଙ୍କ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାରୁ ବଂଚିତ କରାଇବାକୁ ରାଜ୍ୟ ସରକାର ଉଦ୍ୟମ କରୁଥିବା ଦ୍ୱନ୍ଦ ସୃଷ୍ଟି କରୁଛି ଏବଂ ସମାନ ପରିସ୍ଥିତିରେ ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ କେନ୍ଦ୍ର ସରକାର ଏହାକୁ ନେଇ ଉଚ୍ଚତମ ନ୍ୟାୟାଳୟରେ ଦ୍ୱାରସ୍ଥ ହୋଇଥିବା



ବେଳେ ଓଡିଶା ସରକାର ଉଦାସୀନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ଓବିସି ସେଲ ଅଭିଯୋଗ କରିଛି । ସଂରକ୍ଷଣ ଆଧାରରେ ପଛୁଆ ବର୍ଗର ଉଚିତ ପ୍ରତିନ୍ଧୀତ୍ୱକୁ ସୁନିଶ୍ଚିତ କରିବା ପରେ ପଞ୍ଚାୟତ ନିର୍ବାଚନ କରିବା ଦାବୀରେ ଆଜି ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେପି ଓବିସି ସେଲ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିରେ ପଶ୍ଚିମ ମୟୂରଭଂଜ ବିଜେପି ଓବିସି ମୋର୍ଚ୍ଚାର ସଭାପତି ଘାସିନାଥ ସାହୁ, ସଂପାଦକ ହରିଶ ଚନ୍ଦ୍ର ଗିରି, ବରିଷ୍ଠ ବିଜେପି ନେତା ମନୋଜ ଦାସ, ବିକାଶ ମହାନ୍ତ, ସରୋଜ ମହାନ୍ତ, ବିଜୟ ଲକ୍ଷ୍ମୀ ମହାନ୍ତ, ଅମଦ ମହାନ୍ତ, ବିଜୁ ଗୋପାଲ ଗୋପ, ଆଲୋକ ରଂଜନ ମହାନ୍ତ, ଜୟନ୍ତ ମହାପାତ୍ର, ସାମନ୍ତ ଗିରିଙ୍କ ସମେତ ବହୁ ଦଳୀୟ କର୍ମି ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ । ପରେ ରାଜ୍ୟ ପାଳଙ୍କ ଉଦ୍ଦେଶ୍ୟରେ ରାଇଙ୍ଗପୁର ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ଶୁଶାନ୍ତ କୁମାର ବରାଳଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ । ଆଗାମି ଦିନରେ ସରକାର ପଛୁଆ ବର୍ଗଙ୍କ ସାମ୍ବିଧାନିକ ଅଧିକାରକୁ ବିଚାରକୁ ନ ନିଅନ୍ତି ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ନେତୃବୃନ୍ଦ କହିଛନ୍ତି ।

# ଚାନ୍ଦମାରୀ ପଡ଼ିଆ ରାସ୍ତାକାର୍ଯ୍ୟ ତ୍ୱରାନ୍ୱିତ ଦାବିରେ ରାସ୍ତାରୋକ

ବାଲେଶ୍ୱର,୦୮/୦୧ (ନି.ପ୍ର): ଚାନ୍ଦମାରି ପଡ଼ିଆ ରାସ୍ତା ସମ୍ପ୍ରସାରଣ ଓ ନାଳ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଦାବିରେ ବ୍ୟାସକବିନଗର ବିକାଶ ପରିଷଦ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦାମାନେ ଶନିବାର ରାସ୍ତାରୋକ କରିଥିଲେ। ସହଦେବଖୁଣ୍ଟା-ରେମୁଣା ଗୋଲେଇ ରାସ୍ତାର ଉତ୍କଳ ବାଳାଶ୍ରମ ନିକଟରେ ଲୋକେ ରାସ୍ତାରୋକ ସହ ଧାରଣା ଦେଇଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ପ୍ରାୟ ଦୁଇଘଣ୍ଟା ଧରି ଅଟକି ରହିଥିଲା। ଖବର ପାଇ ବାଲେଶ୍ୱର ପୌରପାଳିକା ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଦୀପ କୁମାର ନାୟକ ଓ ଉପ-ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ମିଶ୍ରଙ୍କ ସମେତ ପୂର୍ତ୍ତ-୧ର ସହକାରୀର ଯନ୍ତ୍ରୀ ନଟବର ପ୍ରଧାନ, ସହଦେବଖୁଣ୍ଟା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଦୀର୍ଘ ସମୟର ଆଲୋଚନା ଆସନ୍ତା ସୋମବାର ବ୍ରିଟ ପକ୍ଷରୁ ପୁନଃ ମାପ ଓ ସରକାରୀ ରାସ୍ତାର ସୀମା ଚିହ୍ନଟ ପରେ ୭ଦିନ ମଧ୍ୟରେ ଉଚ୍ଛେଦ ପ୍ରକ୍ରିୟା ଶେଷ ହେବ ବୋଲି ଦୁଇ ବିଭାଗର ଅଧିକାରୀ କହିଥିଲେ। ଉଚ୍ଛେଦ ପରେ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ଚାଲିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ସ୍ଥାନୀୟ ଲୋକେ ରାସ୍ତରୋକରୁ ଓହରିଥିଲେ। ଅଧିକାରୀଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେଲେ ପୁନଶ୍ଚ ଆଠଦିନ ପରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ପରିଷଦର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

# ପୁରୀ ଓ ଖୋର୍ଦ୍ଧା ଜିଲ୍ଲା ଜଗନ୍ନାଥ ସମ୍ପତ୍ତି କିଣା ବିକା ହୋଇ ପାରିବ

ଖୋର୍ଦ୍ଧା, ୦୮/୦୧ (ନି.ପ୍ର): ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ପ୍ରଭୁ ଜଗନ୍ନାଥଙ୍କ ସମ୍ପତ୍ତି ସବୁଠାରୁ ବେଶୀ। ଏହି ଜାଗାରେ ଘର କରିଥିବା ଲୋକମାନଙ୍କ ମନ ଏବେ ବହୁତ ଖୁସି । ଆମ ସରକାର ଓ ମନ୍ଦିର ପ୍ରଶାସନ ବହୁ ଦିନର ଦାବି ଏବେ ଗ୍ରହଣ କରିଛନ୍ତି । ସହର ଓ ଗ୍ରାମ ଜନସାଧରଣ ବହୁଦିନରୁ ଘରକରି ରହି ଆସୁଛନ୍ତି, ମାତ୍ର ଏହି ଜାଗାର ମାଲିକାନା ମିଳିନଥିଲା । ଉକ୍ତ ଯାଗା ବିକା କିଣା କି, ତା ଉପରେ କିଛି ଋଣ ମିଳୁ ନଥିଲା। ଏବେ ଆମ ଓଡ଼ିଶା ସରକାର ୧୯୫୪ ଆଇନ ଜଗନ୍ନାଥ ମନ୍ଦିର ପ୍ରଶାସନ ଏହି ନିୟମ ପରିବର୍ତ୍ତନ କରି, ୨୦୨୧ ନିୟମ ଲାଗୁ କରିଛନ୍ତି । ଲୋକେ ଉକ୍ତ ଜମିର ଧାର୍ଯ୍ୟ ମୂଲ୍ୟଦେଇ, ନିଜ ନାମରେ କରିପାରିବେ । ଜଗନ୍ନାଥ ସମ୍ପତ୍ତି ଦଖଲ କରି ବଗିଚା କରି ଫଳ ଖାଉଥିବା ଚାଷୀ ଏହାର ମୂଲ୍ୟ ଦେଇ କେବେ ନେବେ ଅପେକ୍ଷା କରିଛନ୍ତି । ଆଶା ଏହିଜମି କିଣା ବିକା ନିୟମ ଶୀଘ୍ର ଲାଗୁ ହେବ ଶୁଣାଯାଏ । ପ୍ରଥମେ ଦଖଲ କାରିଙ୍କୁ ସୁବିଧା ଦିଆଯିବ ବୋଲି ଆମ ଓଡ଼ିଶା ବିଜେଡି ସରକାର ଘୋଷଣା କରିଛନ୍ତି । ଏହି ବିକ୍ରୀ ଟଙ୍କା ଜଗନ୍ନାଥଙ୍କ ମନ୍ଦିର ଫଣ୍ଡକୁ ଯିବ ଓ ମନ୍ଦିର ଉନ୍ନତି କାମରେ ଲାଗିବ ବୋଲି ଶୁଣାଯାଏ । ଏଥିପାଇଁ ଆମ ଜଟଣୀ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ୩ କୋଟିରୁ ଅଧିକ ଲୋକ ଟିକାର ପ୍ରଥମ ଡୋଜ ନେଇସାରିଲେଣି: ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର, ୦୮/୦୧ (ନି.ପ୍ର): ଟିକାକରଣ ଅଭିଯାନରେ ଓଡ଼ିଶା ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ରାଜ୍ୟରେ ଏଯାଏଁ ୩ କୋଟିରୁ ଅଧିକ ଲୋକ ଟିକାର ପ୍ରଥମ ଡୋଜ ନେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ - ଟିକାକରଣରେ ଓଡ଼ିଶା ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ରାଜ୍ୟରେ ଏଯାଏଁ ୩ କୋଟିରୁ ଅଧିକ ଲୋକ ପ୍ରଥମ ଡୋଜ ନେଇସାରିଛନ୍ତି ।ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ଶୀଘ୍ର ପ୍ରତିରୋପଣ ନିଶ୍ଚିତ କରିବାରେ ଆମର ସମସ୍ତ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ନିରନ୍ତର ପ୍ରୟାସ ଏବଂ ଉତ୍ସର୍ଗୀକୃତତାକୁ ପ୍ରଶଂସା କରନ୍ତୁ।

# ଦେବରାଜ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ

ନୀଳଗିରି, ୦୮/୦୧ (ନି.ପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଳସୁଆଁ ଗ୍ରାମରେ ଦେବରାଜ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟନ ହୋଇଯାଇଛି । ମା'ତାରିଣୀ ୟୁଥ କ୍ଲବ ତରଫରୁ ଆୟୋଜିତ ଏହି ଟୁର୍ଣ୍ଣାମେଂଟରେ ମୋଟ ୧୦ଟି ଟିମ୍ ଭାଗନେଇଛନ୍ତି। ବାଉଁଶବଣିଆ ଓ କସବାଜୟପୁର ପଂଚାୟତର ବିଭିନ୍ନ ଗ୍ରାମର ଟିମ୍ ଏଥିରେ ଭାଗ ନେଇଛନ୍ତି । ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଶିଶିରମହାପାତ୍ର ଫାଉଣ୍ଡେସନର ମୁଖ୍ୟ ସବ୍ୟସାଚୀ ମହାପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଟୁର୍ଣ୍ଣାମେଂଟକୁ ଉଦ୍‌ଘାଟନ କରିଥିଲେ। ଆସନ୍ତା ୧୬ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ମା' ତାରିଣୀ ୟୁଥ କ୍ଲବର ସଭାପତି ସବ୍ୟସାଚୀ ମହାପାତ୍ର, ଉପସଭାପତି ରତି ନାୟକ, ସଂପାଦକ ଖଗେଶ୍ୱର ବେହେରା, ସଦସ୍ୟ ଦେବାଶିଷ ନାୟକ, ଆଶିଷ ନାୟକ, ସଂଜୟ ବେହେରା, ରଜତ କୁମାର , ସୁଧାଂଶୁ ପ୍ରମୁଖ ସହଯୋଗ କରିଥିଲେ ।

# ମୟୂରଭଞ୍ଜ ଭେଟେରାନ ଟି -୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ମେଗାଷ୍ଟର ଇଲେଭେନ ଚମ୍ପିୟାନ

ବାରିପଦା, ୦୮/୦୧ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ସିକ୍ରେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ମୟୁରଭଞ୍ଜ ଭେଟେରାନ ଟି - ୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ମେଗାଷ୍ଟର ଇଲେଭେନ ୱିନଟର ଫିଟନେସକୁ ୩୭ ରନରେ ପରାସ୍ତ କରି ଚମ୍ପିୟାନ ହୋଇଛି । ପ୍ରଥମେ ବ୍ୟାଟିଂ କରି ମେଗାଷ୍ଟର ୧୦ ଓଭରରେ ୬ ଉଇକେଟ ହରାଇ ୧୦୧ ରନ କରିଥିଲେ । ଦଳ ପକ୍ଷରୁ ସାମଶେର ଆଲାମ ଧୂଆଁଧାର ୫୧ରନ କରିଥିଲେ । ବୁଦ୍ଧଦେବ ସିଂ ଓ ତାପସ ନାୟକ ୧୨ ରନ ଲେଖାଏଁ କରିଥିଲେ । ବିପକ୍ଷ ଦଳର ଅରବିନ୍ଦ ପଲେଇ ଓ ଶକ୍ତି ପ୍ରସାଦ ପାତ୍ର ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ୱିନଟର ଫିଟନେସ ୧୦ ଓଭର ରେ ୨ ଉଇକେଟ ହରାଇ



୬୪ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଧନଞ୍ଜୟ ବାରିକ ଓ ଶକ୍ତି ପ୍ରସାଦ ପାତ୍ର ୧୫ ରନ ଲେଖାଏଁ କରିଥିଲେ । ବିପକ୍ଷ ଦଳର ଗଦାଧର ନାୟକ ୩ ଟି ଓ ସାମଶେର ଆଲାମ ୨ଟି ଉଇକେଟ ନେଇଥିଲେ । ଆଜିର ଖେଳକୁ ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ପରିଚାଳନା କରିଥିଲେ । ସୋମନାଥ ସିଂହ, ଗୌତମ ଦାସ ଓ ଦୀପକ ଦାସ ଧାରାବିବରଣୀ ଦେଇଥିବାବେଳେ ରାକେଶ କୁମାର ବେହେରା ଅଭିନାଶ ରଥ ଓ ଆନିସ ମିଶ୍ର ସ୍କୋରିଙ୍ଗରେ ସହାୟତା କରିଥିଲେ । ଫାଇନାଲ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ, ଶ୍ରେଷ୍ଠ ବୋଲର ଓ ମ୍ୟାନ ଅଫ ଦି ସିରିଜ ଭାବେ ସାମଶେର ଆଲାମ, ଶ୍ରେଷ୍ଠ ବ୍ୟାଟ୍ସମେନ ଭାବେ ମାନସ ଘୋଷ ପୁରସ୍କୃତ ହୋଇଥିଲେ ଓ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଗିରିଶ ଚନ୍ଦ୍ର ଦାସ, ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ସଂଜୀବ କୁମାର ଦ୍ୱିବେଦୀ, ବାର ଆସୋସିଏସନର ଉପ ସଭାନେତ୍ରୀ ସୁଜାତା ମିଶ୍ର, ଅମୀୟ କୁମାର ବଳ, ଆଇନଜୀବୀ କିଶୋର ମହାନ୍ତି, ମୟୁରଭଞ୍ଜ କ୍ରୀଡା ସଂସଦର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କାଉନସିଲ ସଦସ୍ୟ ବୈଦ୍ୟନାଥ ରଥ, ଅଶୋକ କୁମାର ପଟ୍ଟନାୟକ, ଅମ୍ବିକା ରାଉତ, ହରପ୍ରସାଦ ପାତ୍ର ତଥା ପ୍ରସଂଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ ଓ ଆଜିର ଖେଳକୁ ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଉଦଘାଟନ କରିଥିବାବେଳେ ଟୁର୍ନାମେଣ୍ଟର ସଫଳତା ପାଇଁ ଆୟୋଜକ ସନ୍ତୋଷ କୁମାର ଓତା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କରୋନା କଟକଣା ....

ପ୍ରଭାବ ପୁରୀ ସହର ଉପରେ ପଡ଼ିଛି। ଚଳିତ ମାସ ୧୦ ତାରିଖ ଠାରୁ ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରହିବ। ଜାନୁଆରି ୩୧ ତାରିଖ ଯାଏଁ ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ମନା ରହିବ। ସେବାୟତଙ୍କ ପ୍ରସ୍ତାବ କ୍ରମେ ଆଜି ପରିଚାଳନା ଓ ଛତିଶା ନିଯୋଗ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କରୋନା କଟକଣା ବୃଦ୍ଧି ଯୋଗୁଁ ଗତବର୍ଷ ଓ ୨୦୨୦ରେ ମଧ ସାଧାରଣ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଦର୍ଶନ ବନ୍ଦ ରଖାଯାଇଥିଲା। ତେବେ କରୋନା ସଂକ୍ରମଣ ଧୀରେ ଧୀରେ କମିବା ପରେ ଶ୍ରୀମନ୍ଦିର ଉପରେ ଲାଗୁ ହୋଇଥିବା କୋଭିଡ କଟକଣାକୁ ଧୀରେ ଧୀରେ କୋହଳ କରାଯାଇଥିଲା। ଗତ ବୁଧବାର ରାଜ୍ୟ ସରକାର ୨୦୨୨ ଜାନୁଆରି ମାସ ପାଇଁ ଗାଇଡଲାଇନ୍ ଜାରି କରିବା ପରେ ଆଜି ଠାରୁ ରାତି ୯ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଦର୍ଶନ କରିପାରିବେ। ଆସନ୍ତାକାଲି ରାତି ୮ଟା ପର୍ଯ୍ୟନ୍ତ ଶ୍ରୀଜିଉଙ୍କ ଦର୍ଶନ ହୋଇପାରିବ। କିନ୍ତୁ ରବିବାର ଦିନ ସାଧାରଣ ଦର୍ଶକଙ୍କୁ ଶ୍ରୀମନ୍ଦିର ପ୍ରବେଶ ଉପରେ ରୋକ ଲାଗିବ।

## ପଞ୍ଚାୟତ ସ୍ତରରେ କାମ କରୁଥିବା....

ସୁଦୃଢ କରିବାରେ ଏହି ସହାୟକ କର୍ମଚାରୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମିଶନ ଶକ୍ତି ଆନ୍ଦୋଳନର ଗୁରୁତ୍ୱ ତଥା ଗୋଷ୍ଠୀ ସହାୟକ କର୍ମଚାରୀମାନଙ୍କ ଅନୁରୋଧ କ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ବିଭିନ୍ନ ପଞ୍ଚାୟତରେ ସେବା ଯୋଗାଉଥିବା ୫୦ ହଜାର ଗୋଷ୍ଠୀ ସହାୟକ କର୍ମଚାରୀ ମାନଙ୍କ ପାଇଁ ଏକ ଆର୍ଥିକ ପ୍ୟାକେଜ ଘୋଷଣା କରିଛନ୍ତି । ସମସ୍ତ ଗୋଷ୍ଠୀ ସହାୟକ କର୍ମଚାରୀ ମାନଙ୍କୁ ବାର୍ଷିକ ପୋଷାକ ଭତ୍ତା ଭାବରେ ୧୦୦୦ ଟଙ୍କା ମିଳିବ । ସମସ୍ତଙ୍କୁ ପରିଚୟ ପତ୍ର ଯୋଗାଇ ଦିଆଯିବ। ସେମାନଙ୍କ ପସନ୍ଦର ସ୍ମାର୍ଟ ଫୋନ କିଣିବା ପାଇଁ ଗୋଷ୍ଠୀ ସହାୟକ କର୍ମାଚାରୀମାନଙ୍କୁ ଏକକାଳୀନ ୫୦୦୦ ଟଙ୍କା ସହାୟତା ଯୋଗାଇ ଦିଆଯିବ। ସବୁ ସିଆରପି-ସିଏମ୍ ମାନଙ୍କୁ ପାରିଶ୍ରମିକ ଭାବରେ ମାସିକ ୩୦୦୦ ଟଙ୍କା ପ୍ରଦାନ କରାଯିବ । ସବୁ ସିଆରପି-ସିଏମ୍ ମାନଙ୍କୁ ଗସ୍ତ ଖର୍ଚ୍ଚ ବାବଦ ମାସିକ ୩୫୦ ଟଙ୍କା ପ୍ରଦାନ କରାଯିବ । ଟେଲିଫୋନ ଭତ୍ତା ବାବଦରେ ସିଆରପି-ସିଏମ୍ ମାନଙ୍କୁ ମାସିକ ୧୫୦ ଟଙ୍କା ପ୍ରଦାନ କରାଯିବ । ଯାହାଫଳରେ ଏହା ବୃଦ୍ଧି ପାଇ ୨୫୦ ଟଙ୍କାରେ ପହଞ୍ଚିବ । ଏହି ପ୍ୟାକେଜକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ଆବଶ୍ୟକ ଆର୍ଥିକ ବ୍ୟବସ୍ଥା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ମିଶନ ଶକ୍ତି ଆନ୍ଦୋଳନକୁ ଆହୁରି ଆଗକୁ ନେବାରେ ପଞ୍ଚାୟତ ସ୍ତରରେ କାମ କରୁଥିବା ଏହି ଗୋଷ୍ଠୀ ସହାୟକ କର୍ମଚାରୀ ମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରୂପାନ୍ତରିତ ଓଡ଼ିଶା ଗଠନ ଦିଗରେ ଅଧିକ ପରିଶ୍ରମ କରିବାକୁ ଏହି ଆର୍ଥିକ ପ୍ୟାକେଜ ସେମାନଙ୍କୁ ଉତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପୋଷଣ କରିଛନ୍ତି ।

## କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ....

ଏହି ଅବସରରେ ଭଦ୍ରକ ଜିଲ୍ଲାର ବହୁ ସାରସ୍ୱତ ସଂଗଠନ ସମ୍ବର୍ଦ୍ଧିତ ପ୍ରତିଭା ଡ. ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ ଅଧିବେଶନ ପୂର୍ବରୁ ଭଦ୍ରକ ବ୍ଲକ ଓ ପୌରାଞ୍ଚଳ ଲେଖକ ସାମ୍ମୁଖ୍ୟର ସଭାପତି ଶିକ୍ଷାବିତ୍ ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲେ । ବିଶିଷ୍ଟ କବି ପ୍ରାଧ୍ୟାପକ ହୃଦାନନ୍ଦ ପାଣିଗ୍ରାହୀ ଉଦ୍‌ଘାଟକ, ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ମୁଖ୍ୟଅତିଥି ପ୍ରଫେସର ରାମଚନ୍ଦ୍ର ପଣ୍ଡା, କବି ଚର୍ଚ୍ଚିକା ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିବା ବେଳେ କବି ସତ୍ୟପ୍ରକାଶ ସେଠୀ, ଶିକ୍ଷୟିତ୍ରୀ ମନୋରମା ରାୟ କବିତା ସଂଯୋଜନା କରିଥିଲେ । ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଓ କବି ବିଜୟ ବହଳା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଟିଏ ଦିନରେ ୩୬୭୯ କରୋନା ଆକ୍ରାନ୍ତ ଚିହ୍ନଟ


ଭୁବନେଶ୍ୱର,୦୮/୦୧(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୬୭୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୬୬୧୫୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୮୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୫ ହଜାର ୯୭୧ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୧୬୬୩ ରହିଛି । ଆଜି ଚିହ୍ନଟ ହୋଇଥିବା ୩୬୭୯ ଜଣଙ୍କ ମଧ୍ୟରୁ ୨୧୪୮ଜଣ ସଂଗରୋଧରୁ ହୋଇଥିବା ବେଳେ ୧୫୩୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୧୨୨୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୫୫, ବାଲେଶ୍ୱର ଜିଲ୍ଲାରୁ ୧୪ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୪୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩୫ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୩୧୦ ସଂକ୍ରମିତ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୧୫, ଗଂଜାମ ଜିଲ୍ଲାରେ ୪୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୭, ଯାଜପୁରରୁ ୭୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୩୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ସେବା ନିବୃତ ଅଙ୍ଗନବାଡୀ କର୍ମୀ ଓ ସହାୟକଙ୍କ ପ୍ରୋତ୍ସାହନ ରାଶି ୨ ଗୁଣା ବଢିଲା

ଭୁବନେଶ୍ୱର,୦୮/୦୧(ନି.ପ୍ର): ଅଙ୍ଗନବାଡୀ କର୍ମୀମାନେ ସେବା ନିବୃତ ହେବା ସମୟରେ ୨୦ ହଜାର ଟଙ୍କା ବଦଳରେ ଏକକାଳୀନ ୪୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପାଇବେ। ମିନି ଅଙ୍ଗନବାଡୀ କର୍ମୀମାନଙ୍କର ପ୍ରୋତ୍ସାହନ ରାଶି ୧୫ ହଜାର ଟଙ୍କାରୁ ୩୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଅଙ୍ଗନବାଡୀ ସହାୟିକା ମାନଙ୍କର ପ୍ରୋତ୍ସାହନ ରାଶି ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ନୂତନ ପ୍ରୋତ୍ସାହନ ରାଶି ପିଛିଲା ଭାବେ ୨୦୧୯ ଜାନୁଆରୀ ପହିଲା ଠାରୁ ଲାଗୁ କରାଯାଇଛି । ଏହାଦ୍ୱାରା ବର୍ତମାନ ସୁଦ୍ଧା ସେବା ନିବୃତ ହୋଇଥିବା ୧୯୯୧ ଜଣ ଅଙ୍ଗନବାଡୀ କର୍ମୀ, ମିନି ଅଙ୍ଗନବାଡୀ କର୍ମୀ ଓ ଅଙ୍ଗନବାଡୀ ସହାୟିକା ଉପକୃତ ହେବେ। ଏହା ଦ୍ୱାରା ରାଜ୍ୟର ୧ ଲକ୍ଷ ୩୦ ହଜାର ଅଙ୍ଗନବାଡୀ କର୍ମୀ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଗ୍ରାମାଂଚଳରେ ପିଲାମାନଙ୍କ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଓ ଶିକ୍ଷା ତଥା ମହିଳା ମାନଙ୍କ ସଚେତନତା କ୍ଷେତ୍ରରେ ଅଙ୍ଗନବାଡୀ କର୍ମୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଙ୍ଗନବାଡୀ ସେବା ଯୋଜନାରେ ରାଜ୍ୟରେ ନିଯୁକ୍ତ ଅଙ୍ଗନବାଡୀ କର୍ମୀ, ମିନି ଅଙ୍ଗନବାଡୀ କର୍ମୀ ଓ ଅଙ୍ଗନବାଡୀ ସହାୟିକା ମାନେ ୬୨ ବର୍ଷ ବୟସରେ ସେବାରୁ ନିବୃତ ହେବା ସମୟରେ ସେମାନଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଉଛି । ସେମାନଙ୍କ କାର୍ଯ୍ୟର ଗୁରୁତ୍ୱ ତଥା ସେମାନଙ୍କ ନିଷ୍ଠାପର କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେବା ନିବୃତ ଅଙ୍ଗନବାଡୀ କର୍ମୀ ମାନଙ୍କ ପ୍ରୋତ୍ସାହନ ରାଶିର ପରିମାଣ ବୃଦ୍ଧି କରିଛନ୍ତି । ସେହିପରି ଅଙ୍ଗନବାଡୀ କର୍ମୀ, ମିନି ଅଙ୍ଗନବାଡୀ କର୍ମୀ ଓ ଅଙ୍ଗନବାଡୀ ସହାୟିକାମାନେ କାର୍ଯ୍ୟରତ ଥିବା ସମୟରେ ଅସୁସ୍ଥତା ଯୋଗୁ କୌଣସି ସରକାରୀ କିମ୍ବା ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ ଚିକିତ୍ସାଳୟରେ ଭର୍ତି ହୋଇ ଚିକିତ୍ସିତ ହେଉଥିଲେ, ସେମାନଙ୍କୁ ସେହି ସମୟ ପାଇଁ ପ୍ରତିବର୍ଷ ସବୈତନିକ ଚିକିତ୍ସା ଛୁଟି (ପେଡ୍ ମେଡିକାଲ ଲିଭ୍) ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

# ଜିଲ୍ଲାପାଳଙ୍କ ଦ୍ୱାରା ଭିନ୍ନକ୍ଷମ ଦମ୍ପତିଙ୍କୁ ବିବାହ ପ୍ରୋତ୍ସହାନ ରାଶି ଏବଂ ଭିନ୍ନକ୍ଷମ ପିତାମାତାଙ୍କ ସନ୍ତାନଙ୍କୁ ଛାତ୍ର ବୃତ୍ତି ପ୍ରଦାନ

ବାରିପଦା, ୦୮/୦୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଦ୍ୱାରା ଜିଲ୍ଲାର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ସାମାଜିକ ଓ ଅର୍ଥିକ ବିକାଶ ତଥା କଲ୍ୟାଣ ପାଇଁ ହିତାଧିକାରୀମାନଙ୍କୁ ସହାୟତା ଯୋଗାଇ ଦିଆଯାଉଛି । ଏହି ଯୋଜନାର ସଫଳ ରୂପାୟନ ସ୍ୱରୁପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆୟୋଜିତ ଏକ ସତନ୍ତ୍ର କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ,ଭାପ୍ରସେ ଜିଲ୍ଲାର ହିତାଧିକାରୀ ଭିନ୍ନକ୍ଷମ (ଦମ୍ପତି) ଶ୍ରୀ ତାପସ ରାଉତ ଏବଂ କବିତା ମିଶ୍ରଙ୍କୁ ଜିଲ୍ଲା ପ୍ରଶାସନ ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ତରଫରୁ ୨ଲକ୍ଷ



୫୦ହଜାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ସହିତ ସେମାନଙ୍କ ବୈବାହିକ ଜୀବନ ସୁଖମୟ କାମନା କରିଥିଲେ । ଏଥି ସହିତ ଜିଲ୍ଲାପାଳ ଶ୍ରୀଭରଦ୍ୱାଜ ଭିନ୍ନକ୍ଷମ ପିତାମାତାଙ୍କ ସନ୍ତାନଙ୍କ ଶିକ୍ଷାର ବିକାଶ ନିମନ୍ତେ ଛାତ୍ର ବୃତ୍ତି ପ୍ରୋତ୍ସାହନ ରାଶି ୫୦ହଜାର ଟଙ୍କା, ଶ୍ରୀଯୁକ୍ତ ନିରଞ୍ଜନ ବାରିକ(ଭିନ୍ନକ୍ଷମ)ଙ୍କ ସୁପୁତ୍ର ନନ୍ଦ କିଶୋର ବାରିକ(+୨ ପ୍ରଥମବର୍ଷ)ର ଛାତ୍ରଙ୍କୁ ପ୍ରଦାନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ ।

# ନେତୁଆ ପଂଚାୟତ ଉନ୍ନୟନ କାର୍ଯ୍ୟରେ ଅନିୟମିତତା

ଜଳେଶ୍ୱର ୮/୧(ନିପ୍ର): ଜଳେଶ୍ୱର ବ୍ଲକର ଅନ୍ୟଏକ ଉପାନ୍ତ ପଂଚାୟତ ନେତୁଆରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଉର୍ଦ୍ଦିଷ୍ଟ ଅର୍ଥ ନିତୀ ନିୟମରେ ଖର୍ଚ୍ଚ ହୋଇନଥିବା ଅଭିଯୋଗ ହୋଇଛି । ପଂଚାୟତର ସମିତି ସଦସ୍ୟ ଓ ଅନ୍ୟ କେତେକ ନେତୃବୃନ୍ଦ ଗଣତନ୍ତ୍ର ରାଷ୍ଟ୍ରରେ ସରପଂଚଙ୍କର ଏକଛତ୍ରବାଦ ଘଟଣାକୁ ନିନ୍ଦା କରିଛନ୍ତି । ବିଭିନ୍ନ ଯୋଜନାରେ ପଂଚାୟତକୁ ମିଳୁଥିବା ଅର୍ଥର ଦୂରୋପଯୋଗକୁ ସମିତି ସଦସ୍ୟ ସୁରେଶ ଚନ୍ଦ୍ର ଜେନା ବିରୋଧ କରି ଆସୁଥିବା ବେଳେ ଗତ ଶୁକ୍ରବାର ଏ ସମ୍ପର୍କରେ ତାଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଓ ଗଣଧାରଣା ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇ ଯାଇଛି । ପଂଚାୟତକୁ ଆସିଥିବା ପଇବା ପାଣି, ରାସ୍ତାଘାଟ ମରାମତି, ଜଳ ନିଷ୍କାସନ ଲାଗି ଅର୍ଥନିର୍ଦ୍ଧିଷ୍ଟଭାବେ ଖର୍ଚ୍ଚ ହୋଇନଥିବାର ସେ କହିଛନ୍ତି । ୨୦୧୭ ମସିହାରେ ୮ଲକ୍ଷ୩୦୦ ଟଙ୍କା ଜଳଯୋଗାଣ ନିମନ୍ତେ ଜମା ହୋଇଥିବା ଦର୍ଶାଯାଇଥିବା ବେଳେ ବାସ୍ତବରେ ତାହା ହୋଇନଥିବା ସେ କହିଛନ୍ତି । ସେହିପରି ୨୦୨୦-୨୧ରେ ୩ଲକ୍ଷ୪୫ହଜାର ଟଙ୍କା ଯୋଜନାର ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ । ବାର୍ଷିକ ଅଟକଳ ଯୋଜନା ଅନୁଯାୟୀ ବ୍ୟୟ ହେବାକୁ ଥିବା ବେଳେ ଏହି ପଂଚାୟତରେ ତାହା ବ୍ୟତିକ୍ରମ ହୋଇଛି । ୱାର୍ଡମେମ୍ବର ଓ ସମିତି ସଦସ୍ୟଙ୍କ ଅଗୋଚରରେ ଯୋଜନା କାର୍ଯ୍ୟ ହେଉଥିବୁ ଏକ ଗଣତନ୍ତ୍ର ରାଷ୍ଟରେ ହେବା ଉଚିତ୍ ନୁହେଁ ବୋଲି କହିଛନ୍ତି । ଆୟୋଜିତ ସଭାରେ ଜଳେଶ୍ୱର ପୂର୍ବତନ ନଗରପାଳ ପ୍ରବୀର ପ୍ରଧାନ, ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ସୁଗୋ ସମିତି ସଦସ୍ୟ ସଂଜୟ ମହାନ୍ତି, ପଂଚାୟତ ସଭାପତି ଚନ୍ଦନ କୁମାର ରାଉଳ, ରବିନ୍ଦ୍ର ସେନ୍, ପ୍ରତାପ ଭଂଜ, ସୁବୋଧ ଦତ୍ତ, ବିଜୟ ଖଣ୍ଡା, ବାରିଦବରଣ ହୁଇ, ଶଂକର୍ଷଣ ଜେନା, ସୌରେନ୍ଦ୍ର ଜେନ, ସତ୍ୟନାରାୟଣ ଦାସ ପ୍ରମୁଖ ବିଭିନ୍ନ ଯୋଜନାର ବାଟବଣା ସଂପର୍କରେ କହିଥିଲେ । ଏ ସଂପର୍କରେ ସରପଂଚ ମମତାରାଣି ହୁଇଙ୍କୁ ପଚାରିବାରୁ ଗତ ୫ବର୍ଷରେ ନେତୁଆ ପଂଚାୟତରେ ତୁଳନାତ୍ମକଭାବେ ବହୁ ବିକାଶର କାର୍ଯ୍ୟ ହୋଇଛି । ସେଥିରେ କେତେକ ବ୍ୟକ୍ତି ଏପରି ଅପପ୍ରଚାର ଚଳାଇଥିବା କହିଛନ୍ତି ।

## ସାଇକେଲ ଚୋରକୁ ଧରି ପୁଲିସରେ ଜିମା ଦେଲେ ଲୋକେ



ବାଲିଆପାଳ, ୦୮/୦୧ (ନି.ପ୍ର): ଆଜି ଜଣେ ସାଇକେଲ ଚୋରକୁ ବାଲିଆପାଳ ଜାମକୁଣ୍ଡା ଛକ ନିକଟରେ କିଛି ବ୍ୟବସାୟୀ ଧରି ପୁଲିସରେ ଜିମା ଦେଇଛନ୍ତି । ଚୋରର ନାମ ରାଜୁ ଦାସ (୨୫) ବର୍ଷ ଘର ମଧୁପୁରା ପଂଚାୟତର ସିମୁଳିଆ ଗ୍ରାମରେ । ରାଜୁ ଏକ ନୂଆ ସାଇକେଲ ଆଣି ଜାମକୁଣ୍ଡା ଛକ ସ୍ଥିତ କାହ୍ନୁଚରଣ ନାୟକ ନାମକ ଜଣେ ଦୋକାନିକୁ ୭୦୦ ଟଙ୍କାରେ ବିକ୍ରୀ କରିବାକୁ ଉଦ୍ୟମ କରିଥିଲା । ଦୋକାନୀଙ୍କ ଏଥିରେ ସନ୍ଦେହ ହେବାରୁ ସେ ରାଜୁକୁ ଅଟକାଇ ଅନ୍ୟ ଦୋକାନୀ ମାନଙ୍କୁ ଖବର ଦେଇଥିଲେ । ସମସ୍ତେ ତାକୁ ବାନ୍ଧି ରଖି ବିଭିନ୍ନ ସ୍ଥାନକୁ ଖବର ଦେଇଥିଲେ । କିଛି ସମୟ ପରେ ବଡାଶ ପଂଚାୟତ କାଠଗଡା ଗ୍ରାମର ରଘୁନାଥ କରଣ ଘଟଣାସ୍ଥଳରେ ପହଁଚି ସାଇକେଲଟି ତାଙ୍କର ବୋଲି ଚିହ୍ନଟ କରିଥିଲେ । ରଘୁନାଥ କାଳିପଦା ବଜାରରେ ସାଇକେଲଟିକୁ ଛିଡା କରାଇ ମାଛ କିଣିବାକୁ ଯାଇଥିବା ବେଳେ ରାଜୁ କୌଶଳରେ ସେଠାରୁ ସାଇକେଲଟିକୁ ଚୋରି କରି ନେଇଥିଲା । ରଘୁନାଥ କାଳିପଦା ବଜାରରେ ବହୁତ ଖୋଜା ଖୋଜି କରିଥିଲେ ମଧ୍ୟ ସାଇକେରଲଟିକୁ ପାଇନଥିଲେ । ପୂର୍ବରୁ ମଧ୍ୟ କାଳିପଦା ବଜାରରେ ଆହୁରି ୬/୭ଟି ସାଇକେଲ ଚୋରି ହୋଇଥିବା ରଘୁନାଥ କହିଛନ୍ତି । ଖବର ପାଇ ବାଲିଆପାଳ ପୁଲିସ ଘଟଣାସ୍ଥଳରେ ପହଁଚି ରାଜୁକୁ ସାଇକେଲ ସହ ଥାନାକୁ ନେଇଯାଇଛି । ରାଜୁ ପୂର୍ବରୁ ମଧ୍ୟ ସାଇକେଲ ଚୋରି କରି ଧରାପଡିଥିବା ପ୍ରମାଣ ରହିଛି । ପୁଲିସ ରାଜୁକୁ ଅଟକ ରଖି ଘଟଣାର ଅଧିକ ତଦନ୍ତ କରୁଛି ।

## ସ୍ୱର୍ଗଦ୍ୱାରରେ ଜିଲ୍ଲାବାହାର ଲୋକଙ୍କ ଶବଦାହ ମନା

ପୁରୀ,୦୮/୦୧ (ନି.ପ୍ର): ସ୍ୱର୍ଗଦ୍ୱାରରେ ଜିଲ୍ଲା ବାହାରଲୋକଙ୍କ ଶବଦାହ ଓ ମହୋଦଧିରେ ଅସ୍ଥି ବିସର୍ଜନ ଉପରେ କଟକଣା ଜାରି କରିଛି ପ୍ରଶାସନ। ଜିଲ୍ଲାର ଲୋକ ହୋଇଥିଲେ ମଧ ସ୍ୱର୍ଗଦ୍ୱାରରେ ଶବଦାହ ଲାଗି ଆତ୍ମୀୟମାନଙ୍କୁ କୋଭିଡ଼ରେ ମୃତ୍ୟୁ ହୋଇନଥିବା ଆବଶ୍ୟକୀୟ ପ୍ରମାଣପତ୍ର ଦର୍ଶାଇବାକୁ ପଡ଼ିବ। ଏତଦ୍‌ବ୍ୟତୀତ ଶବଦାଦ ସମୟରେ କୋଡ଼ିଡ୍ ନିୟମ ଅନୁପାଳନ କରାଯିବ। କଟକଣା ଆସନ୍ତା ୧୦ ତାରିଖ ଠାରୁ ଲାଗୁ ହେବ। ପରବର୍ତ୍ତି ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ତାହା ବଳବତ୍ତର ରହିବ। କଡ଼ାକଡ଼ି କଟକଣାର ଅନୁପାଳନ ଲାଗି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ୱର୍ଗଦ୍ୱାର ସେବା ସମିତିର ଆବାହକ ତଥା ଉପ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ରେଳମନ୍ତ୍ରୀଙ୍କୁ ଜଳେଶ୍ୱର ବାସୀଙ୍କ କୃତଜ୍ଞତା : ରାଜସ୍ୱ ବୃଦ୍ଧି ଓ ପର୍ଯ୍ୟଟନ କ୍ଷେତ୍ର ଯୋଗୁଁ ବର୍ଗୀକରଣ-୪ ଲାଗି ଦାବି

ଜଳେଶ୍ୱର, ୮/୧(ନିପ୍ର): ରେଳ ମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବ ଗସ୍ତପରେ ଜଳେଶ୍ୱର ବାସୀ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ପୂର୍ବରୁ କେତେକ ଦାବି ରେଳବାଇ ପୂରଣ କରିଥିବା ବେଳେ ଏବେ ଷ୍ଟେସନ କାର୍ଯ୍ୟାଳୟ ଓ ଅନ୍ୟକେତେକ ଦାବି ପୁରଣ କରିବାର ପ୍ରତିଶୃତି ଦେଇଥିବାରୁ ତାଙ୍କୁ ବଧେଇ ଜଣାଇଛନ୍ତି । କିନ୍ତୁ ରାଜସ୍ୱ ଆଦାୟ ଓ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରକୁ ଯାତାୟାତ ଲାଗି ଏଠାରୁ ସୁବିଧା ଥିବାରୁ ଏହି ରେଳ ଷ୍ଟେସନକୁ ବର୍ଗୀକରଣ-୪ (ଏନ୍‌ଏସ୍‌ଜି-୪) ଘୋଷଣା କରାଯିବାକୁ ଦାବି ହୋଇଛି । ଜଳେଶ୍ୱରରେ ମନ୍ତ୍ରୀଙ୍କ ସ୍ୱାଗତ ଓ ବିଭିନ୍ନ ଅସୁବିଧା ସଂପର୍କରେ ଜଣାଇବା ଲାଗି ରାଜନୈତିକ ଦଳ ବିଜେପି, ବିଜେଡି, କଂଗ୍ରେସ, କମ୍ୟୁନିଷ୍ଟ ଏବଂ ଅନ୍ୟ ବହୁ ସଂଗଠନକୁ ନେଇ ଗଠିତ ଜଳେଶ୍ୱର ଡେଭେଲେପମେଣ୍ଟ କମିଟିର ବୈଠକ ଆବାହକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୨ ଦଫା ଦାବି ସମ୍ପର୍କରେ ଏକ ସ୍ମାରକପତ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ହସ୍ତାନ୍ତର କରାଯାଇଛି । ରେଳବାଇର ତଥ୍ୟ ଅନୁଯାୟୀ ଖଡଗପୁର-ଭଦ୍ରକ ମଧ୍ୟରେ ୩୯ଟି ରେଳ ଷ୍ଟେସନ ଥିବା ବେଳେ ୧୮ଟି ଏନ୍‌ଏସ୍‌ଜି-୬ , ୫ ଟି ଏନ୍‌ଏସ୍‌ଜି-୫, ୧ଟି ଏନ୍‌ଏସ୍‌ଜି-୪, ୬ଟି ଏଚ୍‌ଜି-୩ , ୮ଟି ଏଚ୍‌ଜି-୨ ରହିଛି । ଏଥିମଧ୍ୟରେ ବାଲେଶ୍ୱର ରେଳ ଷ୍ଟେସନକୁ ବାଦ୍ ଦେଲେ ଜଳେଶ୍ୱରରେ ପ୍ରତିଦିନ ୩୨୫୦ ଜଣ ଯାତ୍ରୀ ଯାତାୟାତ କରୁଥିବା ବେଳେ ୨୭୯୫୪୭ ଟଙ୍କା ରୋଜଗାର ହୋଇଥାଏ । ଏହି ଖଡଗପୁର ଡିଭିଜନ୍‌ରେ ସର୍ବବୃହତ ଅଟେ । ଏହା ବ୍ୟତିତ ଏହି ରେଳ ଷ୍ଟେସନରୁ ଏସିଆର ସର୍ବବୃହତ୍ ଶିବଲିଙ୍ଗ ଭୂଷଣ୍ଡେଶ୍ୱର, ପ୍ରସିଦ୍ଧ ଶିବଲିଙ୍ଗ ଚନ୍ଦନେଶ୍ୱର, ନିରବ ବେଳାଭୂମୀ ତାଳସାରୀ, ଦୀଘା ସୁନ୍ଦରୀ, ପ୍ରସିଦ୍ଧ ଦେବୀପୀଠ ବାସୁଳୀ, ଏକଦା ପୂର୍ବ ଭାରତର ସର୍ବବୃହତ ଦୁର୍ଗ ରାଇବଣିଆ, ଲକ୍ଷ୍ମଣନାଥର ମହାଶୟ ଗଡ ଓ ଶ୍ୟାମାଠାକୁରାଣୀ ମନ୍ଦିର, ରାସାଗୋବିନ୍ଦପୁର ବେସାମରିକ ବିମାନ ଘାଟି ଇତ୍ୟାଦି ସ୍ଥାନକୁ ପର୍ଯ୍ୟଟକମାନେ ଯାଇଥାନ୍ତି । ପୂର୍ବରୁ ସମାଜ କଲ୍ୟାଣ ବିକାଶ ପରିଷଦ ଦିଲ୍ଲିସ୍ଥିତ ରେଳବାଇ ବୋର୍ଡ, ଗାର୍ଡେନ୍‌ରିଚ୍‌ସ୍ଥିତ ଦକ୍ଷିଣ-ପୂର୍ବ ରେଳ ବାଇର ପ୍ରବନ୍ଧକ, ଖଡଗପୁରସ୍ଥିତ ମଣ୍ଡଳ ପ୍ରବନ୍ଧକଙ୍କ ସହିତ ବାରମ୍ବାର ଯୋଗସୂତ୍ର ଓ ସାକ୍ଷାତ କରି ବିଭିନ୍ନ ଦାବି ପୂରଣ କରାଇ ଅଛନ୍ତି । କିନ୍ତୁ ୮ କୋଟି ଟଙ୍କାର ନୂତନ କାର୍ଯ୍ୟାଳୟ ଓ ଆନୁସଂଗୀକ ବିକାଶ ସଂପର୍କରେ ବିଷଦ ଆଲୋଚନା ହୋଇଛି । ଜଳେଶ୍ୱର ବରିଷ୍ଠ ନିଗରିକ ମଂଚ, ବଣିକ ସଂଘ ଓ ବହୁ ସଂଗଠନ ଓ ବ୍ୟକ୍ତି ବିଶେଷ ଆୟୋଜିତ ବୈଠକରେ ଯୋଗ ଦେଇ ରେଳ ମନ୍ତ୍ରୀଙ୍କୁ ସାବାସୀ ଜଣାଇବା ସହିତ ଅତିଶୀଘ୍ର ରାଇବଣିଆ ଢାଙ୍କାରେ ରେଳ ଫାଟକ ନିର୍ମାଣ ଦୀନକୃଷ୍ଣଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ ଓ ବର୍ଗୀକରଣ-୪ ଲାଗି ଦାବି ଜଣାଇଥିଲେ । ଆଜି ୮ ତାରିଖ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଆହୂତ ହୋଇଥିବା ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ସଂପର୍କରେ ସଭାପତି ରମାକାନ୍ତ ଭଂଜ ଓ ଡ. ଲଳିତ ରଂଜନ ସେନାପତି କହିଛନ୍ତି ।

# ପ୍ରତ୍ୟେକ ବ୍ୟକ୍ତିର ସୁରକ୍ଷା ହିଁ ନବୀନଙ୍କ ଇଛା:ମନ୍ତ୍ରୀ

ଖଇରା, ୦୮/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ୭୪ଜଣ ବୁଢୀ,ବୁଢା ଓ ଦିବ୍ୟାଙ୍ଗଙ୍କୁ ଶନିବାର ଖଇରା ବ୍ଲକ ପରିସରରେ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବିଡିଓ ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ୨୧ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟ ସୁରକ୍ଷା ଠାରୁ ଆରମ୍ଭ କରି ବୁଢୀବୁଢା ଦିବ୍ୟାଙ୍ଗଙ୍କ ସୁରକ୍ଷା ଏହିଭଳି ଭାବେ ପ୍ରତ୍ୟେକ ବ୍ୟକ୍ତି ଓ ସମସ୍ତ ବର୍ଗବିଶେଷଙ୍କ ସୁରକ୍ଷା ପାଇଁ କାର୍ଯ୍ୟକରିବା ତାଙ୍କ ଇଛା ବୋଲି କହିଥିଲେ । ଏମ୍‌ପି ପ୍ରତିନିଧି



ରାଜେନ୍ଦ୍ର କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟା ଜୟନ୍ତୀ ମହଲା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାଲିମା ରାଉତ ପ୍ରାରମ୍ଭିକ ସୁଚନା ପ୍ରଦାନ ଅବସରରେ ମୋଟ ୮୯୧ଜଣଙ୍କ ଭତ୍ତା ଅନୁମୋଦନ କରାଯାଇଥିବା ବେଳେ ଶନିବାର ୭୪ଜଣଙ୍କୁ ଭତ୍ତା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ । ବିଭାଗୀୟ କର୍ମଚାରୀ ଗଗନ ଜେନା,ସୁଶ୍ରୀ ସଙ୍ଗୀତା ମୁଦୁଲୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ରାଜଧାନୀରେ ୨୪ ଘଂଟାରେ ୫୮୧ ପଜିଟିଭ୍

ଭୁବନେଶ୍ୱର, ୦୮/୦୧ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଶନିବାର ଆଉ ୫୮୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮୨ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ୪୯୯ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୧୦୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଗତକାଲି ୬୩୮ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୨୬୦୭୩କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୨୫୮୬ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୃତକଙ୍କ ସଂଖ୍ୟା ୧୧୦୩ ରେ ପହଂଚିଛି। ବର୍ତ୍ତମାନ ଆଉ ୨୩୬୩ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି।

# ରାସନକାର୍ଡ଼ ପାଇବା ପାଇଁ ମହିଳା କଳାକାର ସ୍ନେହଲତା ଦେଲେ ଧାରଣାର ଚେତାବନୀ

ଉଦଳା- ତା.୦୮/୦୧(ନି.ପ୍ର) – ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ଼ ନଂ-୪ (ସୁବୁଦ୍ଧିବନ୍ଧ)ର ବାସିନ୍ଦା ସ୍ନେହଲତା କୁଅଁରବାବୁ ଜଣେ ମହିଳାକଳାକାର ଭାବରେ ବେଶ ପରିଚିତ । ବର୍ତ୍ତମାନ ବୟସ ତାଙ୍କୁ ୩୪ ବର୍ଷ ଛୁଇଁଲା । ତାଙ୍କର ପାରିବାରିକ ଜୀବନ ଦୁଃଖ ଦାୟକ । ପାଖରେ ଏବେ ସାହାଭରସା ବୋଲି କେହି ନାହାଁନ୍ତି । ଏକାକି ସେ ବହୁ କଷ୍ଟରେ ଜୀବନ ବିତାଉଛନ୍ତି । ତେବେ ସେ ଦାସକାଠିଆ, ପାଲା, ପଥପ୍ରାନ୍ତ ନାଟକ ଓ ସଂକିର୍ତ୍ତନ କରି ଦୁଇପଇସା ରୋଜଗାର କରି ଚଳନ୍ତି । ଜଣେ ମହିଳା କଳାକାର ଭାବରେ ସମଗ୍ର କପ୍ତିପଦା ଉପଖଣ୍ଡରେ ତାଙ୍କର ସୁନାମ



ରହିଛି । ଏପରିକି ସରକାରୀ କାର୍ଯ୍ୟେକ୍ରମ - ଯଥା- ମ୍ୟାଲେରିଆ, ଡେ଼ଙ୍ଗୁ, ହଇଜା ଇତ୍ୟାଦି ପାଇଁ ଲୋକଙ୍କୁ ସଚେତନ କରାଇବା ଦରକାର ପଡ଼ିଲେ ସରକାରୀ ବାବୁ ମାନେ ଆଗ ସ୍ନେହଲତାଙ୍କୁ ଖୋଜିଥାନ୍ତି । ତାଲାବନ୍ଦ ସମୟରେ ତାଙ୍କର ରୋଜଗାର ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଫଳରେ ସେ ନାହିଁନଥିବା ଅସୁବିଧାରେ ସମ୍ମୁଖିନ ହୋଇଥିଲେ । ସେଦିନ କିନ୍ତୁ କେହି ଜଣେ ହେଲେ ସରକାରୀ ବାବୁ ତାଙ୍କ କଥା ମନେ ପକାଇଲେ ନାହିଁ । କଳାକାର ଭତ୍ତା ତ ଦୂରର କଥା ତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନକାର୍ଡ଼ ମଧ ମିଳିଲା ନାହିଁ । ଏଥିପାଇଁ ସେ ବିଭିନ୍ନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ଶେଷରେ ନିରାଶ ହୋଇ ଫେରି ଆସିଲେ । ଖୁବ ନିକଟରେ ସେ ଏଥିପାଇଁ ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାର ନିଷ୍ପତ୍ତି ନେଇଛନ୍ତି ବୋଲି ଗଣମାଧମକୁ ଜଣାଇଛନ୍ତି ।

## ବଡ଼ଶଙ୍ଖ ପରିବା ମାର୍କେଟରେ ଦିଆଯିବ ଚିହ୍ନ

ପୁରୀ,୦୮/୦୧ (ନି.ପ୍ର): କରୋନା ସଂକ୍ରମଣ ହ୍ରାସ୍ ଉଦ୍ଦେଶ୍ୟରେ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ଗ୍ରହଣ କରୁଛି ଜିଲ୍ଲାପ୍ରଶାସନ। ବଡ଼ଶଙ୍ଖ ପରିବା ମାର୍କେଟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ନିମନ୍ତେ ଚିହ୍ନ ଦିଆଯିବ। ପ୍ରତ୍ୟେକ କ୍ଷେତ୍ରରେ ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ମଧ ଆଲୋଚନାରେ ସ୍ଥିର ହୋଇଛି। ପୌରସଂସ୍ଥା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ କାଉନସିଲହଲ୍ ପରସରରେ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ସହରର ସମସ୍ତ ସପିଂ ମଲକର୍ମକର୍ତ୍ତା,ବ୍ୟବସାୟ ସଂଘ, ମାର୍କେଟ୍ କମ୍ପ୍ଲେକ୍ସର ବ୍ୟବସାୟୀ ଓ ରାସ୍ତାକଡ଼ ବ୍ୟବସାୟୀଙ୍କ ସହିତ ଏକ ବୈଠକ ହୋଇଥିଲା। ରାସ୍ତାକଡ଼ରେ ଥିବା ଦୋକାନରେ ଏକ ସଙ୍ଗରେ ୫ଜଣରୁ ଅଧିକ ବ୍ୟକ୍ତି ଭିଡ ନକରିବା ଓ ସପିଙ୍ଗ ମଲ୍ ତଥା ଅନ୍ୟସମସ୍ତ ବ୍ୟବସାୟ ପ୍ରତିଷ୍ଠାନରେ ଅଧିକ ଲୋକଙ୍କ ଗହଳି ନକରିବାକୁ ବୈଠକରେ ବ୍ୟବସାୟୀମାନଙ୍କୁ ପରାମର୍ଶ ଦିଆଯାଇଥିଲା ।ଏତଦ୍‌ବ୍ୟତୀତ ବଡ଼ଶଙ୍ଖ ପରିବା ମାର୍କେଟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ଚିହ୍ନ ଦିଆଯିବାକୁ ସ୍ଥିର ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ବୃନ୍ଦାବନ ପତି,ସ୍ୱତନ୍ତ୍ର ଅଧିକାରୀ ସନ୍ତୋଷ ମହାନ୍ତି ଓ ପରାମର୍ଶଦାତା ଜ୍ୟୋତିପ୍ରକାଶଙ୍କ ସମେତ ସପିଂ ମଲ୍ ଓ ବିଭିନ୍ନ ବ୍ୟବସାୟ ସଂଘ କର୍ମକର୍ତ୍ତା। ଉପସ୍ଥିତଥିଲେ।

# ଯାତ୍ରା ଗବେଷକ ଡକ୍ଟର ପଦ୍ମଲୋଚନ ମହାକୁଡ଼ଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ

ଉଦଳା, ୦୮/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଅନ୍ତର୍ଗତ ପାଖର ଗ୍ରାମପଞ୍ଚାୟତର ବାସିନ୍ଦା ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ, ଯାତ୍ରା ଗବେଷକ ତଥା ନାଟ୍ୟ ନିର୍ଦ୍ଦେଶକ ଡ଼କ୍ଟର ପଦ୍ମଲୋଚନ ମହାକୁଡ଼ଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଉଦଳା ଠାରେ ଆଜି ଜାନୁଆରୀ ୮ ତାରିଖ ଶନିବାର ଦିନ ଗୋପବନ୍ଧୁ ମେମୋରିଆଲ ସେବାଟ୍ରଷ୍ଟ ତରଫରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା ଉକ୍ତ ସଭାରେ ଅଧକ୍ଷତା କରିବା ସହ ସ୍ୱର୍ଗତଃ ମହାକୁଡ଼ ସମଗ୍ର ଓଡ଼ିଶାରେ କଳାକାର ମାନଙ୍କୁ ଏକତ୍ରୀତ କରାଇ ସରକାରଙ୍କ ଉପରେ ଚାପ ପକାଇବାର ଯେଉଁ ଉଦ୍ୟମ କରୁଥିଲେ ତାହା ଏକ ବିରଳ ପ୍ରୟାସ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧରେ କବି କରୁଣାକର ଦାସ, ପୂଜ୍ୟପୂଜା ପାଠାଗାରର ପ୍ରତିଷ୍ଠାତା ସର୍ବେଶ୍ୱର ବାରିକ, ସାମ୍ବାଦିକା ନମିତା ରାଉତ, ଆଇନଜୀବି ସତ୍ୟବ୍ରତ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରି ସାରସ୍ୱତ ଜଗତକୁ ଶାଣିତ କରିବା ପାଇଁ ଡ଼କ୍ଟର ମହାକୁଡ଼ଙ୍କ ଉଦ୍ୟମ ବାସ୍ତବରେ ପ୍ରଶଂସନୀୟ ବୋଲି କହିଥିଲେ । ଶାନ୍ତିଲତା ବେହେରା, ମନୋରଂଜନ ମଲ୍ଲିକ, ବିଳାସମଣୀ ପଣ୍ଡା, ପବିତ୍ର ମୋହନ ବେହେରା, ରଙ୍ଗଲତା ବେହେରା ଇତ୍ୟାଦି ଉକ୍ତ ସ୍ମୃତିଚାରଣ ସଭାରେ ଉପସ୍ଥିତ ଥିଲେ । ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଣ ଦେଇଥିଲେ ।


# ଲଙ୍ଗଳେଶ୍ୱର ସି.ଟି ସ୍କୁଲରେ ନୂତନ ଅଧକ୍ଷାଙ୍କ ଦାୟିତ୍ୱ ଗ୍ରହଣ



ବାଲିଆପାଳ, ୦୮/୦୧ (ନି.ପ୍ର):ଦୀର୍ଘ ବର୍ଷ ପରେ ଲଙ୍ଗଳେଶ୍ୱର ସିଟି ସ୍କୁଲରେ ଶ୍ରୀମତୀ ଜୟମାଳା ସେଠୀ ନୂତନ ଅଧକ୍ଷା ଭାବେ ଯୋଗ ଦେଇଛନ୍ତି । ଶ୍ରୀମତୀ ସେଠୀ ଡାଏଟର ଅଧକ୍ଷା କଳ୍ପନା ପଟ୍ଟନାୟକଙ୍କ ଠାରୁ ବିଧିବଦ୍ଧ ଭାବେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ସ୍କୁଲର ଗୁରୁ ଛାତ୍ରଛାତ୍ରୀ , ପ୍ରଶିକ୍ଷକ ଓ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରଶିକ୍ଷକ ତ୍ରିଭୂବନ ପ୍ରଧାନ,ସଞ୍ଜୟ କୁମାର ଦାସ, ଅଜୟ କୁମାର ବେହେରା, ଅନୁପମା ମାଝୀ, ଏବଂ ଅବସରପ୍ରାପ୍ତ ପ୍ରଶିକ୍ଷକ ଅମୂଲ୍ୟ ଚନ୍ଦ୍ର ଘଡାଇ, ନିରଞ୍ଜନ ଦେ ପ୍ରମୁଖ ଉପସ୍ଥିତଥିଲେ । ଅନ୍ୟମାନଙ୍କ ମଧରେ ଗୁରୁଛାତ୍ରୀ ଛାତ୍ରୀ ଜୟଦେବ ପଟ୍ଟାୟତ, ସୁଶାନ୍ତ ମଣ୍ଡଳ,ସୁକୁମାର କରଣ, ଅନୁରାମ ପ୍ରଧାନ, ବୈଶାଖୀ ସିଂ, ନମିତା ଜେନା, ଦେବସ୍ମିତା ସାମଲ, ଭାନୁପ୍ରିୟା ପାଣିଗ୍ରାହୀ, ଶ୍ରଦ୍ଧାଞ୍ଜଳି ପତି ପ୍ରମୁଖ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ଶ୍ରୀମତୀ ସେଠୀ ସ୍କୁଲର ଭିତିଭୂମି ଓ ଶୈକ୍ଷକ ପରିବେଶ ଉନ୍ନତୀ ପାଇଁ ଯଥା ସମ୍ଭବ ଚେଷ୍ଟା କରିବେ ବୋଲି କହିଛନ୍ତି ।

# ଜିଲ୍ଲାପାଳଙ୍କ ଦ୍ୱାରା ଭିନ୍ନକ୍ଷମ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ

ବାରିପଦା, ୦୮/୦୧ (ନି.ପ୍ର): ନୂତନ ବର୍ଷର ପ୍ରାରମ୍ଭରେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଭିନ୍ନକ୍ଷମ ଦମ୍ପତି ତାପସ ରାଉତ ଏବଂ କବିତା ସିଂ ଙ୍କୁ ମୟୂରଭଞ୍ଜ ଜିଲ୍ଲା ପ୍ରସାଶନ ତଥା ଜିଲ୍ଲା ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ୨ଲକ୍ଷ ୫୦ ହଜାର ଟଙ୍କାର ବିବାହ ସହାୟତା ରାଶି ପ୍ରଦାନ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଏହି ସହାୟତା ରାଶି ଭିନ୍ନକ୍ଷମ ଦମ୍ପତିଙ୍କୁ ପ୍ରଦାନ କରି ସେମାନଙ୍କ ମଙ୍ଗଳ କାମନା କରିଛନ୍ତି । ଏଥି ସହିତ ଭିନ୍ନକ୍ଷମ ଦମ୍ପତିଙ୍କ ସନ୍ତାନ ମାନଙ୍କୁ



ସହାୟତା ବାବଦରେ ଭିନ୍ନକ୍ଷମ ନିରଂଜନ ବାରିକଙ୍କ ପୁତ୍ର ନନ୍ଦକିଶୋର ବାରିକ ଯୁକ୍ତ ୨ ପଢୁଥିବାରୁ ତାଙ୍କୁ ଛାତ୍ରବୃତି ଆକାର ରେ ୫୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବା ସହ ଜିଲ୍ଲାପାଳ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ରାଇବଣିଆରେ ୬୮ ଦଳିଆ ହାତୀ ଆତଙ୍କ

ଜଳେଶ୍ୱର, ୮/୧(ନିପ୍ର): ଗତ କିଛିଦିନ ଧରି ରାଇବଣିଆ ଅଂଚଳରେ ହାତୀ ଉପଦ୍ରବ ବଢି ଚାଲିଥିବା ବେଳେ ଅଦ୍ୟାବଧି ୧୮ଟି ପରିବାରର ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି । ଏଥିରେ ଥିବା ୨ଟି ଦନ୍ତାର ଆକ୍ରମଣରେ ରାଇବଣିଆ ବାସୀ ଭିତତ୍ରସ୍ତ ହୋଇଛନ୍ତି । ତେଣୁ ଆଜି ବାଲେଶ୍ୱର, ମୟୂରଭଂଜ ଓ ମେଦିନୀପୁର ଜିଲାର ଜଂଗଲ ବିଭାଗ କର୍ମଚାରୀ ପଶ୍ଚିମବଂଗର ଦଲମା ଜଗଲକୁ ହାତୀଗୁଡିକୁ ଘଉଡାଇବାର ପ୍ରଚେଷ୍ଟା ଜାରି ରଖିଛନ୍ତି । ଗତ ଗୁରୁବାର ରାତିରେ ଲୁହାପଡା, କେନ୍ଦୁଖୁଣ୍ଟା ଜଂଗଲରୁ ୨ଟି ଦଳରେ ଥିବା ୬୮ଟି ହାତୀ ନିକଟସ୍ଥ ଗ୍ରାମରେ କ୍ଷତି ଘଟାଇଥିଲେ । କେତେକ ଘର ଭାଂଗିଥିବା ବେଳେ ଘରେ ଓ ଖଳାରେ ଥିବା ଧନ, ବାଡିରେ ଥିବା ପନିପରିବା ଚାଷର ବ୍ୟାପକ କ୍ଷତି କରିଛନ୍ତି । ଗତ ଶୁକ୍ରବାର ରାତିରେ ନୀଳଗିରି ଓ ଜଳେଶ୍ୱର ରେଞ୍ଜର କର୍ମଚାରୀମାନେ ଭାଗ ଭାଗ ହୋଇ ହାତୀଗୁଡିକୁ ଘଉଡାଇବାରେ ସଫଳ ହୋଇଥିଲେ ମଧ୍ୟ ରାତି ୩ଟାରେ ହାତୀଗୁଡିକ ପୁଣି କେନ୍ଦୁଖୁଣ୍ଟା , ଆମ୍ବତୁମ୍ବା ଜଂଗଲକୁ ଫେରିଥିଲେ । ଆଜି ବାଲେଶ୍ୱର ଡିଏଫଓଙ୍କ ନିର୍ଦ୍ଦେଶରେ ଏସିଏଫ ସୁଶାନ୍ତ ଜେନ. ଜଳେଶ୍ୱର ରେଞ୍ଜର ସରୋଜ ମହାନ୍ତି, ଫରେଷ୍ଟର ବିବେକାନନ୍ଦ ଜେନା ଓ ଦୁଷ୍ମନ୍ତ ଜେନା ୩୦ଜଣ କର୍ମଚାରୀଙ୍କୁ ଧରି ୫ଟି ଦଳରେ ବିଭକ୍ତ ହୋଇ ହାତି ଘଉଡାଇବା କାର୍ଯ୍ୟ ଜାରି ରଖିଥିଲେ । ଅବୈତନିକ ବନ ସଂରକ୍ଷକ ଅଶ୍ୱିନୀ କୁମାର ଦାସ ହାତୀ ସୁରକ୍ଷା ଦଳ ଓ ସବୁଜ ବାହିନୀକୁ ଧରି ଏହି ହାତୀ ଘଉଡା କାର୍ଯ୍ୟରେ ସାମିଲ ହୋଇଛନ୍ତି । ଅନ୍ୟପକ୍ଷରେ ମୟୂରଭଂଜ ଜିଲାର ରାସଗୋବିନ୍ଦପୁର ଅଂଚଳର ବନକର୍ମଚାରୀମାନେ ଜଂଗଲର ଅନ୍ୟପଟୁ ହାତୀଘଉଡିବା କାର୍ଯ୍ୟରେ ସହାୟତା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ପ୍ରକାଶଯୋଗ୍ୟ କେନ୍ଦୁଖୁଣ୍ଟା, ଲୁହାପଡା, ଆମ୍ବତୁମ୍ବା ଜଂଗଲ ବାଲେଶ୍ୱର, ମୟୂରଭଂଜ ଓ ପଶ୍ଚିମବଂଗ ପର୍ଯ୍ୟନ୍ତ ପରିବ୍ୟାପ୍ତ । ତେଣୁ ୩ ଜିଲାର ବନକର୍ମଚାରୀ ଆଜି ରାତିରେ ହାତୀକୁ ପଶ୍ଚିମବଂଗର ପାଇକା ଯାଏ ନେଇ ସୁବର୍ଣ୍ଣରେଖା ନଦୀ ପାରି କରିବେ ବୋଲି ଜଳେଶ୍ୱର ରେଞ୍ଜର ସରୋଜ ମହାନ୍ତି କହିଛନ୍ତି । ରାଇବଣିଆ ଅଂଚଳର କ୍ଷୟକ୍ଷତି ସଂପର୍କରେ ରିପୋର୍ଟ ସଂଗ୍ରହ ଲାଗି ସାଧାରଣରେ ଦାବି ହେଉଛି ।

# ନୂତନ ମାର୍କେଟ କମ୍ପ୍ଲେକ୍ସର ଭିତିପ୍ରସ୍ତର ସ୍ଥାପନ

ନୀଳଗିରି, ୦୮/୦୧ (ନି.ପ୍ର): ନୀଳଗିରି କଚେରୀ ବଜାର ଠାରୁ ବାଇପାସ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର ପ୍ରଶସ୍ତିକରଣ ହୋଇ ଉରି ଲୀନ ହେବ । ଏଥିପାଇଁ ଶତାଧିକ ଦୋକାନୀଙ୍କୁ ଉଚ୍ଛେଦ ହେବା ନେଇ ଆଶଙ୍କା ଘାରିଥିଲା । ହେଲେ ଦୋକାନ ମାଲିକ ସଂଘର ସଂଘର୍ଷ ଓ ସ୍ଥାନୀୟ ବିଧାୟକ , ସାଂସଦଙ୍କ ହସ୍ତକ୍ଷେପ ଯୋଗୁଁ ଆଜି ଶତାଧିକ ଦୋକାନୀଙ୍କ ପାଇଁ ପ୍ରଶାସନ ଥଇଥାନ କରିଛି । ସୂଚନାଯୋଗ୍ୟ ପୂର୍ତବିଭାଗ ଦ୍ୱାରା ରାସ୍ତାପ୍ରଶସ୍ତିକରଣ ପାଇଁ ଟେଣ୍ଡର ହୋଇଥିବା ବେଳେ ଦୁଇ ପାର୍ଶ୍ୱର ଦୋକାନ କାର୍ଯ୍ୟ ସଂପାଦନର ବାଧକ ସାଜିଥିଲା । ହେଲେ ଉଚ୍ଛେଦ ପାଇଁ ପ୍ରଶାସନ ନୋଟିସ ପରେ ଦୋକାନୀମାନେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଦୋକାନୀ ମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ସବରେଜିଷ୍ଟାର ସରକାରୀ ପରିତ୍ୟକ୍ତ ବାସଭବନ ଓ ବ୍ଲକ, ଗୋପବନ୍ଧୁ ଛାତ୍ରାବାସ ପରିସରରେ ଦୋକାନ ହେବାକୁ ସ୍ଥିର ହୋଇଛି । ମୋଟ ୧୮୮ଟି ଦୋକାନୀ ଚିହ୍ନଟ ହୋଇଥିବା ବେଳେ ଏହି ସ୍ଥାନମାନଙ୍କରେ ୨୦୦ରୁ ଉର୍ଦ୍ଧ୍ୱ ଦୋକାନ ଗୃହ ନିର୍ମାଣ କରାଯିବାକୁ ସ୍ଥିର ହୋଇଥିବା ବେଳେ ଆଜି ଏହାର ଭିତିପ୍ରସ୍ତର ସ୍ଥାପନ ହୋଇଛି । ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଷଡ଼ଙ୍ଗୀ , ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ. ନାୟକ ଉପଜିଲ୍ଲାପାଳ ଦିପ୍ତିରଂଜନ ସେଠୀ ଏସ.ଏନ.ସି. ନିର୍ବାହୀ ଅଧିକାରୀ ଅଶେଷ କୁମାର ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଦୋକାନୀମାନଙ୍କୁ ଆସନ୍ତା ୩ ମାସ ମଧରେ ଦୋକାନ ଗୃହ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ଦୁର୍ଗାପୂଜା କମିଟି ଓ ଜଗଦ୍ଧାତ୍ରୀ କମିଟି ଦୋକାନୀମାନେ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo